ପୃଷ୍ଠା-୮+୧୬

# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ସେପ୍ଟେମ୍ବର ୧୨/୨୦୨୨ (୮+୧୬=୨୪ ପୃଷ୍ଠା) | Sambalpur, Monday, September 12/2022 | Page 24 | ₹ 7.00 | ★★

୧୮ଶ ଭାଗ ୨୬୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 266 | ମୂଲ୍ୟ ₹୭/-






# ତୁମକୁ କ୍ଷମା କରୁଛି, ଭୁଲି ପାରିବିନି

କ୍ରାଇମ୍ ଡ୍ରାମା 'ସିଏସ୍ଆଇ: ମିଆମି' ଅଭିନେତ୍ରୀ ଏଭା ଲାରୁଙ୍କ ପଛରେ ୧୨ ବର୍ଷ ଧରି ପଡ଼ିଥିଲେ ଜଣେ ଅପରାଧୀ। ଏଭା ଓ ତାଙ୍କ ଝିଅ କାୟାଙ୍କୁ ବଳାତ୍କାର ପରେ ହତ୍ୟା କରିବାକୁ ସେ ବାରମ୍ବାର ଧମକ ଦେଉଥିଲେ। ମା' ଝିଅ ଏଥିରେ ଅତିଷ୍ଠ ହୋଇ ରକ୍ଷା ପାଇବା ଲାଗି ବାଟ ଖୋଜୁଥିଲେ। ଅପରାଧୀ ଏକ ଫାଷ୍ଟଫୁଡ୍ ଷ୍ଟୋରରେ ଛାଡ଼ିଯାଇଥିବା ଡିଏନ୍ଏ ଆଧାରରେ ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ (ଏଫ୍‌ବିଆଇ) ତାଙ୍କୁ ଗିରଫ କରିଥିଲା। ଆମେରିକାର ଏକ କୋର୍ଟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୪ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଅଦାଲତ ରାୟ ଶୁଣାଇବା ପରେ ତାଙ୍କୁ ଏଭା କହିଥିଲେ, ତୁମକୁ ମୁଁ କ୍ଷମା କରିଦେଇଛି କିନ୍ତୁ ଜୀବନରେ ଭୁଲିପାରିବି ନାହିଁ।

## ମା' ଝିଅଙ୍କୁ ଚିଠିରେ ବଳାତ୍କାର, ହତ୍ୟା ଧମକ ଦେଇ ୪ ବର୍ଷ ଜେଲ

ୱାଶିଂଟନ,୧୧।୯

ଧମକପୂର୍ଣ୍ଣ ଚିଠି ଆସିବା ଆରମ୍ଭ ହୋଇଥିଲା ୨୦୦୭ରେ। ଏଭା ଲାରୁଙ୍କ ସାଉଥ କାଲିଫର୍ନିଆସ୍ଥିତ ବାସଭବନକୁ କେତେବେଳେ ହାତଲେଖା ଚିଠି ଆସୁଥିଲା ତ ପୁଣି କେବେ ଇ-ମେଲ୍‌ରେ। ଅଚିହ୍ନା ପ୍ରେରକ ସେଗୁଡ଼ିକରେ ନିଜକୁ 'ଫ୍ରେଡି କ୍ରୁଏଗର' ବୋଲି ପରିଚୟ ଦେଉଥିଲେ। ଅଭିନେତ୍ରୀଙ୍କ ହସ୍ତଗତ ପତ୍ରଗୁଡ଼ିକର ସାରାଂଶ ଥିଲା, ଫ୍ରେଡି କ୍ରୁଏଗର ତାଙ୍କୁ ଓ ତାଙ୍କ ଝିଅଙ୍କୁ ବଳାତ୍କାର ପରେ ହତ୍ୟା କରିବେ। ୧୨ ବର୍ଷ ମଧ୍ୟରେ ଏଭଳି ୩ ଡଜନରୁ ଅଧିକ ଧମକପୂର୍ଣ୍ଣ ପତ୍ର ହସ୍ତଗତ ହୋଇଥିଲା। ପ୍ରତ୍ୟେକଟି ଚିଠି ଅଭିନେତ୍ରୀ ଓ ତାଙ୍କ ପରିବାର ପାଇଁ ଥିଲା ଯନ୍ତ୍ରଣାଦାୟକ। ଅବସ୍ଥା ଏପରି ହୋଇଯାଇଥିଲା ଯେ, ଏଭାଙ୍କୁ ବାହାରକୁ ଛାଡ଼ିବାକୁ ମଧ୍ୟ ଘର ଲୋକେ ଭୟ କରୁଥିଲେ। ପୂର୍ବରୁ ଚିଠିଗୁଡ଼ିକ ଏଭାଙ୍କ ନାମରେ ଆସୁଥିଲା, ଯେତେବେଳେ ତାଙ୍କ ଝିଅଙ୍କୁ ୫ ବର୍ଷ ହୋଇଥିଲା। କିନ୍ତୁ ୨୦୧୫ରେ ଝିଅଙ୍କ ନାମରେ ଚିଠି ଆସିବାରେ ଲାଗିଲା। ଏପରି କି ଚିଠି ପ୍ରେରକ ଝିଅଙ୍କ ସ୍କୁଲକୁ ଫୋନ୍ କରୁଥିଲେ। କହୁଥିଲେ, ସେ ତାଙ୍କ ବାପା। ଝିଅକୁ ନେବା ପାଇଁ ସ୍କୁଲ ବାହାରେ ଅପେକ୍ଷା କରିଛନ୍ତି। ଏଫ୍‌ବିଆଇ ଅଧିକାରୀମାନେ ଚିଠି ଲଫାପାରୁ ପ୍ରେରକଙ୍କ ଡିଏନ୍ଏ ସଂଗ୍ରହ କରି ଏକ ଡାଟାବେସ୍ ଜରିଆରେ ତାଙ୍କ ସମ୍ପର୍କୀୟମାନଙ୍କୁ ନେଇ ତାଲିକା ପ୍ରସ୍ତୁତ କରିଥିଲେ। ଶେଷରେ ସେମାନେ ସଫଳ ହେଲେ। ଅହିଓର ଏକ ଛୋଟ ସହରରେ ପରିତ୍ୟକ୍ତ ଆର୍ବି ଷ୍ଟ୍ର ଜରିଆରେ ଜଣେ ୫୮ ବର୍ଷୀୟ ବ୍ୟକ୍ତିଙ୍କ ଡିଏନ୍ଏ ସଂଗ୍ରହ କରାଯାଇଥିଲା। ପୂର୍ବ ସଂଗୃହୀତ ଡିଏନ୍ଏ ସହ ଏହା ମ୍ୟାଚ୍ ହେବା ପରେ ଏଫ୍‌ବିଆଇ ତାଙ୍କୁ ଗିରଫ କରିଥିଲା। ଜେମ୍ସ ଡାଭିଡ୍ ରୋଗର୍ସଙ୍କୁ ଗୁରୁବାର ୪୦ ମାସ ଜେଲ ଦଣ୍ଡାଦେଶ ହୋଇଛି। ଦୁଇଟି ଆକାଉଣ୍ଟରୁ ଧମକପୂର୍ଣ୍ଣ ଚିଠି ପଠାଇବା ଅଭିଯୋଗ ପ୍ରମାଣିତ ହେବାରୁ ଲସ୍ ଏଞ୍ଜେଲସ୍ କାଉଣ୍ଟି କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଡାଭିଡ୍‌ଙ୍କୁ ଏଭା କହିଥିଲେ, ତୁମକୁ ମୁଁ କ୍ଷମା କରିଦେଉଛି, କିନ୍ତୁ ଜୀବନରେ କେବେହେଲେ ଭୁଲିପାରିବି ନାହିଁ। ଏ ଭୟ ସବୁଦିନ ପାଇଁ ମୋ ସହ ରହିବ।

## ୧୨ ବର୍ଷର ଆତଙ୍କ

ଅଭିନେତ୍ରୀ ଏଭା ଲାରୁ ପୂର୍ବରୁ ଜଣେ ବ୍ୟୁଟି କୁଇନ୍ ଥିଲେ। ୨୦୧୨ରେ ସିଜନ ଶେଷ ହୋଇଥିବା କ୍ରାଇମ୍ ଡ୍ରାମା 'ସିଏସ୍ଆଇ: ମିଆମି' ଏଭାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ଏହି ଧାରାବାହିକରେ ମିଆମି-ଡେଡ୍ ପୋଲିସ ଡିପାର୍ଟମେଣ୍ଟ ପାଇଁ କାମ କରୁଥିବା ଜଣେ ଡିଏନ୍ଏ ଆନାଲିଷ୍ଟ ଚରିତ୍ରରେ ସେ ନଜର ଆସିଥିଲେ। ୨୦୦୭ରେ ସିରିଏଲ୍ ଆରମ୍ଭ ହେବାବେଳେ ତାଙ୍କ ଘରକୁ ପ୍ରଥମ ଧମକପୂର୍ଣ୍ଣ ପତ୍ର ଆସିଥିଲା। ସେଥିରେ ଲେଖାଥିଲା, ପୃଥିବୀର ଯେଉଁଠି ଥିଲେ ବି ତୁମକୁ ଖୋଜି ବାହାର କରିବି। ମୃତ୍ୟୁ ପର୍ଯ୍ୟନ୍ତ ବଳାତ୍କାର କରିବି। ତୁମ ଝିଅକୁ ବି ଛାଡ଼ିବି ନାହିଁ। ଚିଠି ଶେଷରେ ପ୍ରେରକ ନିଜ ନାମ ଲେଖିଥିଲେ 'ଫ୍ରେଡି କ୍ରୁଏଗର', ଯାହାକି ଏକ ଆମେରିକୀୟ କ୍ରାଇମ୍ ଥ୍ରୀଲରର କାଳ୍ପନିକ ଚରିତ୍ର।

## ଝିଅଙ୍କୁ ବି ପଠାଉଥିଲେ ଧମକପୂର୍ଣ୍ଣ ଚିଠି



୫୫ ବର୍ଷୀୟା ଅଭିନେତ୍ରୀ ଏଭା ଏକ ସାକ୍ଷାତ୍‌କାରରେ କହିଛନ୍ତି, ସେ ଏତେ ଆତଙ୍କିତ ହୋଇଯାଇଥିଲେ ଯେ ଶେଷରେ ଘର ବିକି ପରିବାର ସହ ଇଟାଲି ଚାଲିଯାଇଥିଲେ। ଜଣେ ବନ୍ଧୁଙ୍କ ଘରେ କିଛି ମାସ ରହିବା ପରେ କାଲିଫର୍ନିଆ ଫେରି ଏକ ନୂଆ ଘର କିଣିଥିଲେ। ହେଲେ ଷ୍ଟକର ନୂଆ ଠିକଣାକୁ ମଧ୍ୟ ଚିଠି ପଠାଇବାରେ ଲାଗିଲେ। ମା' ଝିଅ ଭୟରେ ପାଖରେ ବନ୍ଧୁକ ରଖି ଶୋଉଥିଲେ। ୨୦୧୫ରେ ଝିଅ କାୟା କଲାହାନ୍‌ଙ୍କୁ ୧୩ ବର୍ଷ ହେବାବେଳେ ଏକ ଚିଠି ପାଇଥିଲେ, ଯହିଁରେ ଲେଖାଥିଲା, ଦୀର୍ଘ ୭ ବର୍ଷ ଧରି ମୁଁ ତୁମର ପିଛା କରୁଛି। ତୁମେ ମୋ ପିଲାର ମା' ହେବାକୁ ପ୍ରସ୍ତୁତ କି?

## କେମିତି ଧରିଲା ଏଫ୍‌ବିଆଇ

ଆମେରିକାର ସବୁଠୁ ବଡ଼ ତଦନ୍ତକାରୀ ସଂସ୍ଥା ଏଫ୍‌ବିଆଇ ଅନେକ ଏନ୍‌ଭଲପ୍‌ରୁ ଚିଠି ପ୍ରେରକଙ୍କ ଡିଏନ୍ଏ ସଂଗ୍ରହ କରିଚାଲିଥିଲା। କିନ୍ତୁ ୨୦୧୯ ପର୍ଯ୍ୟନ୍ତ ତାଙ୍କ ପରିଚୟ ପାଇପାରି ନ ଥିଲା। 'ସିଏସ୍ଆଇ: ମିଆମି'ରେ ଏଭା ଜଣେ ଅପରାଧୀଙ୍କ ଡିଏନ୍ଏ ବିଶ୍ଳେଷଣ ବେଳେ 'ଜେନେଟିକ୍ ଜେନିଓଲୋଜି'ର ଉପଯୋଗ କରିଥିଲେ। ଏହି ବିଜ୍ଞାନ ଜରିଆରେ ପ୍ରଥମେ କାଲିଫର୍ନିଆରେ ଗୋଲ୍ଡେନ୍ ଷ୍ଟେଟ୍ କିଲର୍‌ଙ୍କୁ ଧରାଯାଇଥିଲା। ପରେ ୨୦୧୯ ନଭେମ୍ବରରେ ଅଭିନେତ୍ରୀଙ୍କ ଷ୍ଟକରଙ୍କୁ ଠାବ କରିବାରେ ମଧ୍ୟ ଏହା ସହାୟକ ହୋଇଥିଲା।

## ଅଭିନେତା କ୍ରିଷ୍ଣମ୍ ରାଜୁଙ୍କ ପରଲୋକ

**ଚେନ୍ନାଇ, ୧୧।୯:** ଲୋକପ୍ରିୟ ତେଲୁଗୁ ଅଭିନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ କ୍ରିଷ୍ଣମ୍ ରାଜୁଙ୍କ ରବିବାର ହାଇଦ୍ରାବାଦରେ ପରଲୋକ ହୋଇଯାଇଛି। ତାଙ୍କୁ ୮୩ ବର୍ଷ ହୋଇଥିଲା। କିଛି ଦିନ ହେଲା ସେ ଅସୁସ୍ଥ ଥିବାରୁ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇଏସ୍ ଜଗନ ମୋହନ, ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। କ୍ରିଷ୍ଣମ୍ ରାଜୁ ପ୍ରଥମ ଅଭିନେତା ଭାବେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ କ୍ୟାବିନେଟ୍‌ରେ ମନ୍ତ୍ରୀ ହୋଇଥିଲେ। ପୂର୍ବତନ ଭାଜପା ନେତା କ୍ରିଷ୍ଣମ୍ ୧୯୬୬ରେ ତେଲୁଗୁ ଚଳଚ୍ଚିତ୍ର 'ଚିଲାକା ଗୋରିଙ୍କା' ଜରିଆରେ ଫିଲ୍ମ ଇଣ୍ଡଷ୍ଟ୍ରିରେ ଡେବ୍ୟୁ କରିଥିଲେ। ତାଙ୍କ କ୍ୟାରିୟରରେ ସେ ୧୮୦ରୁ ଅଧିକ ଫିଲ୍ମରେ ଅଭିନୟ କରିଛନ୍ତି। ସୋମବାର ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କ ଶେଷକୃତ୍ୟ ନିମନ୍ତେ ପ୍ରସ୍ତୁତି କରିବା ପାଇଁ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।



## ଦିଲ୍ଲୀ ସରକାରଙ୍କ ବସ୍ କିଣାରେ ଅନିୟମିତତା

### ସିବିଆଇ ତଦନ୍ତକୁ ଉପରାଜ୍ୟପାଳଙ୍କ ଅନୁମତି

ନୂଆଦିଲ୍ଲୀ,୧୧।୯

ଦିଲ୍ଲୀ ପରିବହନ ନିଗମ (ଡିଟିସି) ୧,୦୦୦ଟି ବସ୍ କିଣାବେଳେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏହାର ସିବିଆଇ ତଦନ୍ତ ପାଇଁ ଆସିଥିବା ଏକ ପ୍ରସ୍ତାବକୁ ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନା ଅନୁମୋଦନ କରିଛନ୍ତି। ବସ୍ କିଣାରେ ଅନିୟମିତତା ହୋଇଥିବା ନେଇ ଗତ ଜୁନ୍‌ରେ ଉପରାଜ୍ୟପାଳଙ୍କ ନିକଟକୁ ଅଭିଯୋଗ ଆସିଥିଲା। ପରିବହନ ମନ୍ତ୍ରୀଙ୍କୁ ଡିଟିସି ପାଇଁ ବସ୍ ଟେଣ୍ଡର ଓ କ୍ରୟ କମିଟିର ଅଧ୍ୟକ୍ଷ କରାଯିବା ପୂର୍ବଚିନ୍ତିତ ଯୋଜନାରେ କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଥିଲା। ଟେଣ୍ଡର ନିମନ୍ତେ ଡିଆଇଏମ୍‌ଟିଏସ୍‌କୁ ପରାମର୍ଶଦାତା ନିଯୁକ୍ତ କରାଯାଇଥିଲା। ଦୁର୍ନୀତିକୁ ସୁଯୋଗ ଦେବା ଲାଗି ଏଭଳି କରାଯାଇଥିବା ଅଭିଯୋଗ ହୋଇଥିଲା। ଦିଲ୍ଲୀ ପରିବହନ ନିଗମ ୧,୦୦୦ ଲୋ-ଫ୍ଲୋର ବିଏସ୍-୪ ଏବଂ ବିଏସ୍-୬ ବସ୍ କିଣିବା ଲାଗି ୨୦୧୯ ଜୁଲାଇରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ୨୦୨୦ ମାର୍ଚ୍ଚରେ ପୁଣିଥରେ ବସ୍ କିଣା ଓ ସେଗୁଡ଼ିକର ରକ୍ଷଣାବେକ୍ଷଣ ଠିକା ଲାଗି ବିଡ୍ ଡକାଯାଇଥିଲା। ଗତ ଅଗଷ୍ଟ ୧୯ରେ ମୁଖ୍ୟ ସଚିବଙ୍କ ରିପୋର୍ଟରୁ ଅନିୟମିତତା ଜଣାପଡ଼ିଥିଲା।

## ଏସ୍‌ସିଓ ସମିଟ୍‌ରେ ଯୋଗଦେବେ ମୋଦି

ନୂଆଦିଲ୍ଲୀ,୧୧।୯

ଉଜ୍‌ବେକିସ୍ତାନର ସମରକନ୍ଦରେ ଆସନ୍ତା ୧୫ ଓ ୧୬ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମିଟ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ୧୫ ବିଶ୍ୱ ନେତା ଯୋଗଦେବେ। ସମିଟ୍‌ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଓ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ମଧ୍ୟ ସାମିଲ ହେବେ। କୋଭିଡ୍ ମହାମାରୀ ପରେ ପ୍ରଥମ ଥର ପାଇଁ ଏହି ସମିଟ୍ ଆରମ୍ଭ ହେବ। ଶେଷ ଏସ୍‌ସିଓ ସମିଟି ୨୦୧୯ ଜୁନ୍‌ରେ କିର୍ଗିଜସ୍ତାନର ବିଶ୍‌କେକ୍‌ରେ ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀ ମୋଦି ୧୪ରେ ସମରକନ୍ଦରେ ପହଞ୍ଚିବେ।

## ରାଜା ହେବା ଅଭ୍ୟାସ କରୁଥିଲେ ଚାର୍ଲ୍ସ

ଲଣ୍ଡନ, ୧୧।୯

ରାଜା ହେବା ପୂର୍ବରୁ କିଙ୍ଗ୍‌ସ ଚାର୍ଲ୍ସ ୩ୟ ବ୍ରିଟେନ୍ ରାଜତନ୍ତ୍ର ମୁଖ୍ୟ ଆସନରେ ବସିବା ଅଭ୍ୟାସ କରୁଥିଲେ ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ଡେଭିଡ୍ କାମେରୁନ୍ ରବିବାର ଏକ ସାକ୍ଷାତ୍‌କାରରେ ପ୍ରଘଟ କରିଛନ୍ତି। ୭୩ ବର୍ଷୀୟ ଚାର୍ଲ୍ସଙ୍କ ଶନିବାର ରାଜାଭିଷେକ ହୋଇଥିବାବେଳେ ଏତେବର୍ଷରେ କିଙ୍ଗ୍ ହେବାରେ ସେ ହେଉଛନ୍ତି ସବୁଠାରୁ ବୟସ୍କ। ୨୦୧୦ରୁ ୨୦୧୬ ମଧ୍ୟରେ ପ୍ରଧାନମନ୍ତ୍ରୀ ଥିବା କାମେରୁନ୍ କହିଛନ୍ତି, ତାଙ୍କ ସମୟରେ ୧୦ ଡାଉନିଂ ଷ୍ଟ୍ରିଟ୍‌ରେ ଲୋକଙ୍କ ଗହଣରେ ତତ୍କାଳୀନ ପ୍ରିନ୍ସ ଅଫ୍ ୱେଲ୍ସ ଚାର୍ଲ୍ସ ରାଜା ହେବା ପରେ ଜନସାଧାରଣଙ୍କ ସହ କିପରି ବ୍ୟବହାର ଓ ସମ୍ବୋଧନ କରିବେ ସେଥିନିମନ୍ତେ ଅଭ୍ୟାସ କରୁଥିଲେ। କାରଣ ସେ ଜାଣିଥିଲେ ବ୍ରିଟେନ୍ କିଙ୍ଗ୍ ହେବା ପରେ ତାଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଅନେକ କାର୍ଯ୍ୟକ୍ରମରେ ଯୋଗଦେବାକୁ ପଡ଼ିବ। ଲୋକଙ୍କ ସହ ଜଡ଼ିତ ହେବା ପାଇଁ ସେ ଏପରି କରୁଥିଲେ। କିଙ୍ଗ୍ ଚାର୍ଲ୍ସ ୩ୟ ଜଣେ ଭଲ ଶ୍ରୋତା ସହ ପ୍ରଶ୍ନ କରିବା, ଉପଦେଶ ଦେବା ଆଦିରେ ମଧ୍ୟ ମାହିର ବୋଲି କାମେରୁନ୍ କହିଛନ୍ତି।

## ଅନ୍ତିମ ଯାତ୍ରାରେ ମହାରାଣୀ


ସ୍କଟଲାଣ୍ଡର ବଲ୍ଲାଟର ଗ୍ରାମରେ ରାଣୀ ଏଲିଜାବେଥ୍ ୨ୟଙ୍କ କଫିନ୍‌କୁ ଶୋଭାଯାତ୍ରାରେ ନିଆଯାଉଛି।

ଏଡିନ୍‌ବର୍ଗ, ୧୧।୯

ବ୍ରିଟେନ୍‌ର ଦିବଂଗତା ମହାରାଣୀ ଏଲିଜାବେଥ୍ ୨ୟଙ୍କ ଅନ୍ତିମଯାତ୍ରା ଆରମ୍ଭ ହୋଇଯାଇଛି। ମହାରାଣୀଙ୍କ ମରଶରୀରକୁ ରବିବାର ସ୍କଟିଶ୍ ହାଇଲ୍ୟାଣ୍ଡ୍‌ସରୁ ଏଡିନ୍‌ବର୍ଗକୁ ନିଆଯାଇଥିଲା। ବାଟରେ ବହୁସଂଖ୍ୟାରେ ଲୋକ ରାଣୀଙ୍କ ଶେଷଦର୍ଶନ ପାଇଁ ଏକାଠି ହୋଇଥିଲେ। ରାଣୀଙ୍କ ହିଅର୍ସ (ଶେଷକୃତ୍ୟ ପୂର୍ବରୁ ମୃତଦେହ ବହନ ନିମନ୍ତେ ବ୍ୟବହାର ହେଉଥିବା ଲମ୍ବା କାର୍) ବାଲମୋରାଲ କାସଲ୍‌ରୁ ସ୍କଟଲାଣ୍ଡ ରାଜଧାନୀ ଏଡିନ୍‌ବର୍ଗକୁ ଆସିଥିଲା। ରାଜକୀୟ ଢଙ୍ଗରେ ଏଲିଜାବେଥ୍‌ଙ୍କ ମରଶରୀର ସଜ୍ଜା ଯାଇଥିଲା। ଏହି ସମୟରେ ପୁଅ ତଥା କିଙ୍ଗ୍ ଚାର୍ଲ୍ସ ୩ୟ ଭାବବିହ୍ୱଳ ହୋଇ କହିଥିଲେ, ସ୍ୱର୍ଗତ ବାପା ପ୍ରିନ୍ସ ଫିଲିପ୍‌ଙ୍କୁ ଭେଟିବା ପାଇଁ ମା' ମହାଯାତ୍ରାରେ ବାହାରିଗଲେ। ଅନେକ ସ୍ଥାନରେ ଲୋକେ ମହାରାଣୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍କଟଲାଣ୍ଡର ଅନେକ ସହର ଓ ଗ୍ରାମରେ ୬ ଘଣ୍ଟା ଧରି ଶୋଭାଯାତ୍ରା ଚାଲିଥିଲା। ଆସନ୍ତା ୧୯ ତାରିଖରେ ଏଲିଜାବେଥ୍‌ଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ। କଫିନ୍‌କୁ ଶୋଭାଯାତ୍ରାରେ ୱିଣ୍ଡସର୍ କାସ୍‌ଲକୁ ନିଆଯିବ। ୱିଣ୍ଡସରରେ କଫିନ୍‌କୁ ସେଣ୍ଟ ଜର୍ଜ ଚାପେଲ୍‌କୁ ନିଆଯାଇ ସେଠାରେ ସମାଧି ଦିଆଯିବ। ଏହା ପୂର୍ବରୁ ଲୋକେ ତାଙ୍କ ଶେଷଦର୍ଶନ କରିବା ନିମନ୍ତେ ମରଶରୀରକୁ ବିଭିନ୍ନ ସ୍ଥାନକୁ ନିଆଯିବାର କାର୍ଯ୍ୟକ୍ରମ ରହିଛି। ଶେଷକୃତ୍ୟ ଦିନ ବ୍ରିଟେନରେ ଛୁଟି ଘୋଷଣା କରାଯାଇଛି।

## ଆଡ୍‌ମିଟ୍ କାର୍ଡରେ ମୋଦି-ଧୋନିଙ୍କ ଫଟୋ

**ପାଟନା:** ବିହାରର ବିଭିନ୍ନ କଲେଜରେ ଯୁକ୍ତ ୩ ତୃତୀୟ ବର୍ଷ ପରୀକ୍ଷା ଚାଲିଥିବାବେଳେ ଆଡ୍‌ମିଟ୍ କାର୍ଡକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ୟୁନିଭର୍ସିଟି ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଦିଆଯାଇଥିବା ଆଡମିଟ୍ କାର୍ଡରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି,ଷ୍ଟାର କ୍ରିକେଟର୍ ଏମ୍. ଏସ୍. ଧୋନି ଏବଂ ବିହାର ରାଜ୍ୟପାଳ ଫଗୁ ଚୌହାନଙ୍କ ଫଟୋ ଥିବା ଦେଖିବାକୁ ମିଳିଛି। ବିହାରର ମଧୁବାନୀ, ସମଷ୍ଟିପୁର ଏବଂ ବେଗୁସରାଇ ଜିଲାରେ ଥିବା ସମସ୍ତ କଲେଜ ଦରଭଙ୍ଗାରେ ଥିବା ଲଳିତ ନାରାୟଣ ମିଥାଲା ୟୁନିଭର୍ସିଟି ଅଧୀନରେ ଆସୁଛି। ଆଡ୍‌ମିଟ୍ କାର୍ଡର ଫେଟୋ ସୋସିଆଲ ମିଡିଆରେ ବହୁପ୍ରସାରଣ ହେବା ପରେ ଏହି ସମ୍ବେଦନଶୀଳ ଘଟଣାଟି ଲୋକଲୋଚନକୁ ଆସିଥିଲା। କଲେଜ କର୍ତ୍ତୃପକ୍ଷ ଉକ୍ତ ଘଟଣା ନେଇ ଯାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଯେଉଁ ପିଲାଙ୍କ ଆଡ୍‌ମିଟ୍ କାର୍ଡରେ ଏ ପ୍ରକାର ତ୍ରୁଟି ଦେଖାଯାଇଛି, ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ମଧ୍ୟ ଜାରି କରାଯାଇଛି। ଘଟଣା ସମ୍ପର୍କରେ ଥାନାରେ ଏଫ୍ଆଇଆର୍ ହୋଇଥିବା ୟୁନିଭର୍ସିଟି ରେଜିଷ୍ଟ୍ରାର୍ ମୁସକତ୍ ଅହମ୍ମଦ କହିଛନ୍ତି। ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍‌ରେ ଆଡ୍‌ମିଟ୍ କାର୍ଡ କାଢ଼ିଥିବାବେଳେ ସେମାନେ ନିଜ ଫଟୋ ମଧ୍ୟ ଅନ୍‌ଲାଇନ୍ ଜରିଆରେ ଦାଖଲ କରିଥିଲେ। କାର୍ଯ୍ୟରେ ଅବହେଳା କାରଣରୁ ଏ ପ୍ରକାର ବ୍ୟତିକ୍ରମ ଘଟିଥିବା ମୁସକତ୍ କହିଛନ୍ତି। ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗଭର୍ନର୍ ଫଗୁ ଚୌହାନଙ୍କ ଭାବମୂର୍ତ୍ତିକୁ ଆଘାତ ଦେବା ପାଇଁ ଚେଷ୍ଟା କରାଯାଉଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି।


LALIT NARAYAN MITHILA UNIVERSITY
Kameshwarnagar, Darbhanga
ADMIT CARD
Bachelor of Arts (Honours) Part-III Examination - 2022

| | | | |
|---|---|---|---|
| Roll No | 203191094745 | Answer IDR No | 203191094745 |
| Registration No | 19319093474 | Registration Year | 2019 |
| Name of the Candidate | GURIYA KUMARI | | |
| Father's Name | RAM BHAROSH RAM | | |
| College Code and Name | 319 - S. M. J. College, Khajedih, Madhubani | | |
| Centre Code and Name | 313 - V.S.J. College, Rajnagar, Madhubani | | |

Regular

Subject Details

| Paper | Paper Code | Paper Name | Sitting | Exam Date |
|---|---|---|---|---|
| Honours | 0521 | Geography - V | 2nd Sitting | 14-09-2022 |
| | 0522 | Geography - VI | 2nd Sitting | 20-09-2022 |
| | 0523 | Geography - VII | 2nd Sitting | 23-09-2022 |
| | 0524 | Geography - VIII (Practical) | | |
| Compulsory | 0804 | General and Environmental Studies | 1st Sitting | 01-10-2022 |

Commencement of Examination: 12-09-2022

The University has permitted this candidate to appear at the above said examination
Please bring black ball pen for filling OMR answer sheet

## ଫୁର୍‌ସତ୍

## ୧୬ରେ ଆସୁଛି 'ଜାହାଁ ଚାର୍ ୟାର୍'

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ସ୍ୱରା ଭାସ୍କରଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ଜାହାଁ ଚାର୍ ୟାର୍' ଆସନ୍ତା ୧୬ ତାରିଖରେ ମୁକ୍ତିଲାଭ କରିବ। ଶ୍ୱରାଙ୍କ ସହିତ ଫିଲ୍ମରେ ଶୀଖା ତାଲସାନିଆ, ପୂଜା ଚୋପ୍ରା ଏବଂ ମେହେର ଭିଜ୍ ଅଭିନୟ କରିଛନ୍ତି। ଏହାର ନିର୍ଦ୍ଦେଶନା ଦେଇଛନ୍ତି କମଲ ପାଣ୍ଡେ। ୪ ମହିଳା ବନ୍ଧୁଙ୍କୁ ନେଇ ଫିଲ୍ମର କାହାଣୀ। ସ୍ୱରା ୨୦୧୮ ମହିସାରେ ଏହିଭଳି ଆଉ ଏକ ଫିଲ୍ମ 'ବୀରେ ଦି ୱେଡ଼ିଂ'ରେ ନଜରକୁ ଆସିଥିଲେ, ଯେଉଁଥିରେ କରିନା କପୁର ଖାନ୍, ସୋନମ କପୁର ଓ ଶୀଖା ତାଲସାନିଆ କାମ କରିଥିଲେ। ବର୍ତ୍ତମାନ ସ୍ୱରା ଜାହାଁ ଚାର୍ ୟାର୍‌ର ପ୍ରମୋଶନ୍‌ରେ ବ୍ୟସ୍ତ। ଶ୍ୱରାଙ୍କ ବିଫଳ ଲଭ୍ ଲାଇଫ୍ ପାଇଁ ଶାହରୁଖ ଦାୟୀ ବୋଲି ଫିଲ୍ମର ପ୍ରମୋଶନ୍ ବେଳେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି। ଅଭିନୟ ଛଡ଼ା ସୋସିଆଲ ମିଡିଆରେ ନିଜ ମନଖୋଲା ମନ୍ତବ୍ୟ ପାଇଁ ମଧ୍ୟ ସ୍ୱରା ବେଶ୍ ଜଣାଶୁଣା। ଏଥିଲାଗି ଅନେକ ସମୟରେ ତାଙ୍କୁ ସାମାଜିକ ଗଣମାଧ୍ୟମ ୟୁଜରମାନଙ୍କ ଦ୍ୱାରା ଟ୍ରୋଲ ହେବାକୁ ପଡ଼ିଥାଏ।




## ସହଯୋଗ ଦ୍ୱାରା ବିକାଶ

### ଦକ୍ଷିଣ-ଦକ୍ଷିଣ ସହଯୋଗ ପାଇଁ ମିଳିତ ଜାତିସଂଘ ଦିବସ

ପୃଥିବୀରେ ବିଭିନ୍ନ ଦେଶ ଦେଶ ମଧ୍ୟରେ ସହଯୋଗ ଦ୍ୱାରା ବିକାଶ ସମ୍ଭବ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଦକ୍ଷିଣ-ଦକ୍ଷିଣ ସହଯୋଗ ପାଇଁ ମିଳିତ ଜାତିସଂଘ ଦିବସ ପ୍ରତିବର୍ଷ ସେପ୍ଟେମ୍ବର ୧୨ରେ ପାଳିତ ହୋଇଥାଏ। ପ୍ରଥମେ ଡିସେମ୍ବର ୧୯ରେ ଏହା ପାଳିତ ହେଉଥିଲା। ମିଳିତ ଜାତିସଂଘର ଦକ୍ଷିଣ-ଦକ୍ଷିଣ ସହଯୋଗ ଦିବସର ତାରିଖ ୨୦୧୧ରେ ସେପ୍ଟେମ୍ବର ୧୨ କୁ ଘୁଞ୍ଚାଇ ଦିଆଯାଇଥିଲା। ବିକାଶଶୀଳ ଦେଶମାନଙ୍କ ମଧ୍ୟରେ ବୈଷୟିକ ସହଯୋଗ ଲାଗି ସଚେତନତା ବୃଦ୍ଧି ପାଇଁ ଏହି ଦିବସ ପାଳିତ ହୋଇଥାଏ। ଦକ୍ଷିଣରେ ଥିବା ଅଞ୍ଚଳ ଏବଂ ଦେଶମାନଙ୍କ ଦ୍ୱାରା ନିକଟ ଅତୀତରେ ହୋଇଥିବା ଅର୍ଥନୈତିକ, ସାମାଜିକ ଏବଂ ରାଜନୈତିକ ବିକାଶକୁ ଏହି ଅବସରରେ ସ୍ମରଣ କରାଯାଇଥାଏ। ବ୍ୟକ୍ତିବିଶେଷ ଏବଂ ସଂଗଠନଗୁଡ଼ିକ ପାଇଁ ଦକ୍ଷିଣ-ଦକ୍ଷିଣ ସହଯୋଗର ଗୁରୁତ୍ୱ ଉପରେ ସହମତ ହେବା, ଉତ୍ତର-ଦକ୍ଷିଣ ସହଯୋଗକୁ ପୂର୍ଣ୍ଣ କରିବା, ସ୍ୱଳ୍ପ ଆୟକାରୀ ଦେଶମାନଙ୍କୁ ବିକାଶ ଲକ୍ଷ୍ୟ ହାସଲ କରିବାରେ ସହାୟତା କରିବା ପାଇଁ ଏହି ଦିବସ ଅବସରରେ ସଚେତନତା ସୃଷ୍ଟି କରାଯାଇଥାଏ। ଏହି ଦିନ ବିଭିନ୍ନ ଦେଶର ରାଜନୈତିକ ନେତାମାନେ ବିକାଶଶୀଳ ଦେଶମାନଙ୍କରେ ଦକ୍ଷିଣ-ଦକ୍ଷିଣ ସହଯୋଗ ପ୍ରତି ପ୍ରତିବଦ୍ଧତା ଉପରେ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଜାତିସଂଘର ନେତାଙ୍କ ସହ କାର୍ଯ୍ୟ କରିବାରେ ସେମାନଙ୍କର ଲକ୍ଷ୍ୟକୁ ନିଶ୍ଚିତ କରଥାନ୍ତି। ଭାଷଣ, କାର୍ଯ୍ୟ ଯୋଜନା, ସ୍ୱତନ୍ତ୍ର ସେମିନାର କିମ୍ବା ଆଲୋଚନାଚକ୍ର, କିମ୍ବା ପ୍ରେସ ଘୋଷଣା ମାଧ୍ୟମରେ ଏହା କରାଯାଇଥାଏ। ସାମାଜିକ କିମ୍ବା ରାଜନୈତିକ ବିଜ୍ଞାନ କ୍ଷେତ୍ରରେ ଶିକ୍ଷାବିତ୍‌ମାନେ ଶ୍ରେଣୀଗୃହ କାର୍ଯ୍ୟକଳାପ ମାଧ୍ୟମରେ ଏକ ସଚେତନତା ସୃଷ୍ଟି କରିବାର ପ୍ରୟାସ ମଧ୍ୟ କରିଥାନ୍ତି।

ଧରିତ୍ରୀ
DHARITRI





ପିତୃ ପ୍ରକାଶ ପର୍ବର ଦ୍ୱିତୀୟ ଦିନରେ ପିଣ୍ଡଦାନ ରୀତିନୀତି ପାଇଁ ବିହାରର ଗୟାରେ ରବିବାର ଜଣେ ବୃଦ୍ଧଙ୍କୁ ପାଲିଙ୍କିରେ ବୁହାଯାଇ ପ୍ରେତଶିଳା ପର୍ବତକୁ ନିଆଯାଉଛି।

# ଦିବ୍ୟାଂଶୁ ମଲ୍ଲୁ ଓଡ଼ିଶା ଟପ୍ପର

## ପ୍ରକାଶ ପାଇଲା ଜେଇଇ ଆଡ୍‌ଭାନ୍ସଡ୍ ଫଳ

**ଭୁବନେଶ୍ୱର, ୧୧।୯(ବ୍ୟୁରୋ)**

ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମଲେଖା ପାଇଁ ରବିବାର ଜେଇଇ ଆଡ୍‌ଭାନ୍ସଡ୍ ରେଜଲ୍ଟ ପ୍ରକାଶ ପାଇଛି। ଆଇଆଇଟି ବମ୍ବେ ପକ୍ଷରୁ ପରୀକ୍ଷା ଫଳ ଘୋଷଣା କରାଯିବା ସହ jeeadv.ac.in ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବ୍ଧ କରାଯାଇଛି। ଆଇଆଇଟି ବମ୍ବେ ଜୋନ୍‌ର ଆର୍. କେ. ଶିଶିର ସର୍ବଭାରତୀୟ ସ୍ତରରେ ର୍‍ୟାଙ୍କ-୧ରେ ରହିଛନ୍ତି। ୩୬୦ ନମ୍ବରରୁ ସେ ୩୧୪ ରଖିଛନ୍ତି। ଆଇଆଇଟି ଦିଲ୍ଲୀ ଜୋନ୍‌ର ତନିଷ୍କା କାବ୍ରା ସର୍ବଭାରତୀୟ ସ୍ତରରେ ୧୬ତମ ସ୍ଥାନରେ ରହିବା ସହ ଛାତ୍ରୀଙ୍କ ମଧ୍ୟରେ ପ୍ରଥମ ହୋଇଛନ୍ତି। ସେ ୩୬୦ରୁ ୨୭୭ ନମ୍ବର ରଖିଛନ୍ତି। ଏପଟେ ଆଇଆଇଟି ଭୁବନେଶ୍ୱର ଜୋନ୍‌ରେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ର ଦିବ୍ୟାଂଶୁ ମଲ୍ଲୁ ଓଡ଼ିଶା ଟପ୍ପର ହୋଇଛନ୍ତି। ସେ ସର୍ବଭାରତୀୟ ସ୍ତରରେ ୧୧ତମ ସ୍ଥାନରେ ରହିଛନ୍ତି। ଦିବ୍ୟାଂଶୁ ଇଣ୍ଟରନ୍ୟାଶନାଲ ଫିଜିକ୍ସ ଅଲିମ୍ପିଆଡ୍‌ରେ ମଧ୍ୟ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ମୋଟ ୧,୫୫,୫୩୮ ଜଣ ପରିକ୍ଷାର୍ଥୀ ଜେଇଇ ଆଡ୍‌ଭାନ୍ସଡ୍ ପେପର-୧ ଓ ୨ ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ୪୦,୭୧୨ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୬,୫୧୬ଜଣ ଛାତ୍ରୀ ରହିଛନ୍ତି। ଏହି ପରୀକ୍ଷାରେ

**■ ଦେଶରେ ୪୦,୭୧୨ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ**
**■ ଆର୍. କେ. ଶିଶିର ସର୍ବଭାରତୀୟ ଟପ୍ପର**



ଦିବ୍ୟାଂଶୁ ମଲ୍ଲୁ



ଆର୍. କେ. ଶିଶିର

ଦେଶରେ ଶ୍ରେଷ୍ଠ ୧୦ରେ ଥିବା ଛାତ୍ରୀଛାତ୍ରମାନେ ହେଲେ ଆର୍. କେ. ଶିଶିର, ପୋଲୁ ଲକ୍ଷ୍ମୀ ସାଇ ଲୋହିତ ରେଡ୍ଡୀ, ଥୋମାସ ବିଜୁ ଚୀରାମଭେଲିଲ, ବଙ୍ଗପଲ୍ଲୀ ସାଇ ସିଦ୍ଧାର୍ଥ, ମୟଙ୍କ ମୋଟୱାନି, ପୋଲିସେଟ୍ଟୀ କାର୍ତ୍ତିକେୟ, ପ୍ରତୀକ ସାହୁ, ଧୀରଜ କୁରୁକୁଣ୍ଡା, ମୋହିତ ଗଡ଼ିୱାଲା ଓ ବେଟ୍ଟା ଜ୍ଞାନ ମହେଶ। ସେପଟେ ଶ୍ରେଷ୍ଠ ୧୦୦ରେ ଆଇଆଇଟି ବମ୍ବେ ଓ ମାଡ୍ରାସ ଜୋନ୍‌ରୁ ସର୍ବାଧିକ ୨୯ଜଣ ଥିବାବେଳେ ଆଇଆଇଟି ଦିଲ୍ଲୀ ଜୋନ୍‌ରୁ ୨୨, ଆଇଆଇଟି ରୁର୍କି ଜୋନ୍‌ରୁ ୧୧, ଆଇଆଇଟି ଭୁବନେଶ୍ୱରରୁ ୬, ଆଇଆଇଟି ଗୁଆହାଟୀରୁ ୨ ଏବଂ ଆଇଆଇଟି କାନପୁରରୁ ଜଣେ ରହିଛନ୍ତି।

ଅନ୍ୟପକ୍ଷରେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର କନିଷ୍କ ମୋଦି ସର୍ବଭାରତୀୟ ସ୍ତରରେ ୨୦୦ ର୍‍ୟାଙ୍କ ପାଇଥିବାବେଳେ ଦୀପ୍ତାଂଶୁ ମଲ୍ଲୁ ☞ପୃଷ୍ଠା-୨

**କଟକରେ ନକଲି ଔଷଧ କାରବାର ମାମଲା**

## ୨ ଷ୍ଟକିଷ୍ଟଙ୍କ ଲାଇସେନ୍ସ ବାତିଲ, ସଦସ୍ୟ ପଦ ରଦ୍ଦ

**କଟକ ଅଫିସ,୧୧।୯**

ନକଲି ଔଷଧ କାରବାର ମାମଲାରେ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ପକ୍ଷରୁ ସ୍ଥାନୀୟ ଦୁଇ ମେଡିସିନ ଷ୍ଟକିଷ୍ଟଙ୍କ ଲାଇସେନ୍ସ ଶନିବାର ବାତିଲ କରାଯାଇଛି। ଏଥିସହ କଟକ ଜିଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ ପକ୍ଷରୁ ସେମାନଙ୍କ ସଦସ୍ୟ ପଦ ରଦ୍ଦ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ୪ ଜଣ ଫେରାର ଥିବାବେଳେ ପୁରୀଘାଟ ପୋଲିସ ମାମଲାର ତଦନ୍ତ ଚଳାଇଛି।

**୪ ଅଭିଯୁକ୍ତ ଫେରାର**

କଟକରୁ ନକଲି ଔଷଧ ରାଜ୍ୟ ତଥା ରାଜ୍ୟ ବାହାରକୁ ଯୋଗାଣ ହେଉଥିବା ଅଭିଯୋଗ ହେବା ପରେ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ସ୍ଥାନୀୟ ୨ଟି ମେଡିସିନ ଷ୍ଟକିଷ୍ଟଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। କଟକ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଏକକାଳୀନ ୨ଟି ମାମଲା ଓ ପୁରୀଘାଟ ଥାନାରେ ୨ ମାମଲା ଦାଏର କରାଯାଇଛି। ଏଥିରେ ଜାଉଁଳିଆପଟିର ପୂଜା ଏଣ୍ଟରପ୍ରାଇଜର୍ସ ମାଲିକ ସଞ୍ଜୟ ଜଲାନ, ତାଙ୍କ ସ୍ତ୍ରୀ ଚଞ୍ଚଲ ଜଲାନ ଓ ମାଣିକଘୋଷ ବଜାରର ଭି. ଆର. ଡ୍ରଗ୍ସ ଏଜେନ୍ସିର ମାଲିକ ବର୍ଷାରାଣୀ କ୍ୟାଲ, ତାଙ୍କ ପୁତ୍ର ରାହୁଲ କ୍ୟାଲଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ସେମାନେ ଗିରଫ ଭୟରେ ଫେରାର ହୋଇଥିବା ☞ପୃଷ୍ଠା-୨

# ରୁଷୀୟ ସୈନ୍ୟଙ୍କ ଛତ୍ରଭଙ୍ଗ

ଫେବୃୟାରୀ ୨୪ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ୟୁକ୍ରେନ୍ ଆକ୍ରମଣର ନିର୍ଦ୍ଦେଶ ଦେଇଥିଲେ ନିଜ ସୈନ୍ୟଙ୍କୁ। ସାମରିକ ଅପରେଶନ ବଳରେ ୨ ଦିନ ମଧ୍ୟରେ ୟୁକ୍ରେନ୍‌କୁ ସମ୍ପୂର୍ଣ୍ଣ ଦଖଲ କରିବେ ବୋଲି ସେତେବେଳେ ବାହୁସ୍ଫୋଟ ମାରିଥିଲେ। ହେଲେ ୟୁକ୍ରେନ୍‌ରେ ମସ୍କୋର ଧ୍ୱଂସଲୀଳାକୁ ରବିବାର ୨୦୦ ଦିନ ପୂରିଥିବାବେଳେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ଅସୀମ ଧୈର୍ଯ୍ୟ ଓ ସାହସ ଆଗରେ ହାର ମାନିଛି ରୁଷିଆ ସେନା। ଖର୍କିଭ୍ ତଥା ଆଖପାଖ ଅଞ୍ଚଳକୁ ପୁନଃ ଦଖଲ କରିଛନ୍ତି ୟୁକ୍ରେନୀୟ ସୈନ୍ୟ। ଅନେକ ସ୍ଥାନରେ ରୁଷିଆର ଶକ୍ତିଶାଳୀ ସଶସ୍ତ୍ର ବଳ ଅସ୍ତ୍ରଶସ୍ତ୍ର ଓ ଅନ୍ୟ ସାମରିକ ଉପକରଣ ଛାଡ଼ି ପଳାୟନ କରୁଥିବା ଦେଖିବାକୁ ମିଳିଛି। ଫଳରେ ଷ୍ଟ୍ରଙ୍ଗମ୍ୟାନ୍ ପୁଟିନ୍‌ଙ୍କ ସ୍ୱପ୍ନ ଧୂଳିସାତ୍ ହୋଇଯାଇଥିବା ଅନ୍ତର୍ଜାତୀୟ ବ୍ୟାପାର ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ଯୁଦ୍ଧର ୨୦୦ ଦିନରେ ପୁଟିନଙ୍କ ସ୍ୱପ୍ନ ଧୂଳିସାତ୍



ଖରକିଭ୍‌ରେ ରୁଷୀୟ ସୈନ୍ୟ ଛାଡ଼ିଯାଇଥିବା ଏକ ଟ୍ୟାଙ୍କକୁ ରବିବାର ୟୁକ୍ରେନ ସେନା ପକ୍ଷରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି।

**କିଭ୍/ମସ୍କୋ,୧୧।୯**

ୟୁକ୍ରେନ୍‌ରେ ରୁଷିଆର ଆକ୍ରମଣକୁ ରବିବାର ୨୦୦ ଦିନ ପୂରିଛି। ୟୁକ୍ରେନୀୟ ସୈନ୍ୟମାନେ ରୁଷିଆ ପ୍ରତିପକ୍ଷଙ୍କୁ ମୁହଁତୋଡ଼ ଜବାବ ଦେଇ ଦେଶର ଉତ୍ତର, ଦକ୍ଷିଣ ଓ ପୂର୍ବ ଭାଗରେ ଅନେକ ଅଞ୍ଚଳକୁ ପୁନଃ ଦଖଲ କରିଛନ୍ତି। ଫଳରେ ରୁଷୀୟ

**ନିର୍ଣ୍ଣାୟକ ମୋଡ଼ରେ ଲଢ଼େଇ**

**■ ଉତ୍ତର, ଦକ୍ଷିଣ ଓ ପୂର୍ବ ଅଞ୍ଚଳରୁ ରୁଷୀୟ ସୈନ୍ୟଙ୍କୁ ଘଉଡ଼ାଇଥିବା ଦାବି କଲା ୟୁକ୍ରେନ୍ ସେନା**

**■ ପାଶ୍ଚାତ୍ୟକୁ ଅଧିକ ସାମରିକ ସହାୟତା ମାଗିଲେ ଜେଲେନ୍‌ସ୍କି**

ସୈନ୍ୟ ଛତ୍ରଭଙ୍ଗ ଦେଇ ସମ୍ପୃକ୍ତ ଅଞ୍ଚଳରୁ ପଳାୟନ କରିଛନ୍ତି। ୬ ମାସରୁ ଊର୍ଦ୍ଧ୍ୱ ସମୟ ଧରି ତୁହାକୁ ତୁହା ରକେଟ ଓ ମିଶାଇଲ ମାଡ଼ କରି ରୁଷିଆ ଯେଉଁ ଅଞ୍ଚଳଗୁଡ଼ିକୁ ଦଖଲ କରିଥିଲା ଏବେ ସେସବୁକୁ ପୁଟିନ୍‌ଙ୍କ ସଶସ୍ତ୍ର ବଳ ହାତରୁ ପୁଣି ଛଡ଼ାଇ ଅଣାଯିବ ବୋଲି ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଏକ ଟେଲିଭିଜନ୍ ବାର୍ତ୍ତାରେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଜେଲେନ୍‌ସ୍କିଙ୍କ ଏହି ପରାକ୍ରମକୁ ଆମେରିକା ସମେତ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ପ୍ରଶଂସା କରିଛନ୍ତି। ବିଶେଷକରି ବିଗତ ୨୪ ଘଣ୍ଟା ମଧ୍ୟରେ ଖର୍‌କିଭ୍ ରିଜିୟନ୍‌ରେ ୟୁକ୍ରେନ୍ ହାସଲ କରିଥିବା ସଫଳତା ଅତ୍ୟନ୍ତ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**କେତେ ପ୍ରସ୍ତୁତ**

**ଆଜିର ମନ୍ତବ୍ୟ**

“ ଜମ୍ମୁ-କଶ୍ମୀରର ଆଞ୍ଚଳିକ ଦଳଗୁଡ଼ିକ ଅନୁଚ୍ଛେଦ ୩୭୦ ଫେରାଇ ଆଣିବା ପ୍ରତିଶ୍ରୁତି ଦେଇ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ଯାହା ହାସଲ କରାଯାଇପାରିବ ନାହିଁ, ସେଭଳି ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଭଣ୍ଡାଇବାକୁ ଚାହେଁ ନାହିଁ।

-ଗୁଲାମ ନବୀ ଆଜାଦ, ପୂର୍ବତନ କଂଗ୍ରେସ ନେତା




# ସଦସ୍ୟ ଅଭାବ: ଚାଲିପାରୁନି ସେଲ୍‌ସ ଟ୍ୟାକ୍ସ ଟ୍ରିବ୍ୟୁନାଲ

## ଗଡୁଛି ମାମଲା, ରାଜସ୍ୱ ହରାଉଛନ୍ତି ସରକାର

**କଟକ ଅଫିସ ୧୧।୯**

ଅଧିକାରୀ ଏବଂ କର୍ମଚାରୀ ଅଭାବରୁ ରାଜ୍ୟ ଅର୍ଥ ବିଭାଗ ଅଧୀନରେ ଥିବା ବିକ୍ରିକର ନ୍ୟାୟାଧିକରଣ(ସେଲ୍‌ସ ଟ୍ୟାକ୍ସ ଟ୍ରିବ୍ୟୁନାଲ) ଦୀର୍ଘ ଦିନ ହେବ ଅଚଳାବସ୍ଥାରେ ରହିଛି। ଫଳରେ ଏଥିରେ ବିଚାର ଅପେକ୍ଷାରେ ଥିବା ମାମଲା ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ରାଜ୍ୟ ସରକାରଙ୍କ ରାଜସ୍ୱ କ୍ଷତି ମଧ୍ୟ ହେଉଛି। ଯାହାକି କଳାବଜାରି କରି ଟିକସ ଫାଙ୍କୁଥିବା ମୁନାଫା ଖୋର ବ୍ୟବସାୟୀଙ୍କୁ ବେଶ୍ ସୁହାଉଛି। କଟକ ବାଣିଜ୍ୟକର ଭବନଠାରେ କାର୍ଯ୍ୟକାରୀ ଥିବା ଏହି ସେଲ୍‌ସ ଟ୍ୟାକ୍ସ ଟ୍ରିବ୍ୟୁନାଲର ପୂର୍ଣ୍ଣ ବେଞ୍ଚର କ୍ଷମତା ହେଉଛି ୩। ସେମାନଙ୍କ ମଧ୍ୟରେ ଜଣେ ଅଧ୍ୟକ୍ଷ, ଜଣେ ଆକାଉଣ୍ଟସ ମେମ୍ବର ଏବଂ ଅନ୍ୟ ଜଣେ ଜୁଡିସିଆଲ ମେମ୍ବର ରହବା କଥା। ହେଲେ ଏଠାରେ ଅଧ୍ୟକ୍ଷ ଥିବା ଅଶାନ୍ତ କୁମାର ଦାସଙ୍କ ଗତ ଅଗଷ୍ଟ ୨୩ରୁ ଅନ୍ୟତ୍ର ବଦଳି ହୋଇଯାଇଛି। ସେହିପରି ଆକାଉଣ୍ଟସ୍ ମେମ୍ବର ଏବଂ ଜୁଡିସିଆଲ୍ ମେମ୍ବର ଅବସର ନେଇଥିବାରୁ ସେମାନଙ୍କ ସ୍ଥାନରେ ଆଉ କେହି ଅବସ୍ଥାପିତ ହୋଇନ ଥିବାରୁ ପୂର୍ଣ୍ଣ ବେଞ୍ଚ ବସିପାରୁ ନାହିଁ। ସେହିପରି ଡିଭିଜନ ବେଞ୍ଚ ପାଇଁ ୩ଜଣ ଆକାଉଣ୍ଟସ



ମେମ୍ବର ଓ ୩ଜଣ ଜୁଡିସିଆଲ ମେମ୍ବର ରହିବାର ନିୟମ ଥିବାବେଳେ ସରକାର ଆବଶ୍ୟକ ସଂଖ୍ୟକ ମେମ୍ବର ନିଯୁକ୍ତି କରୁ ନ ଥିବାରୁ ତାହା ମଧ୍ୟ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଫଳରେ ଏଠାରେ ଥିବା ମାମଲାର ବିଚାର ହେବାରେ ବିଳମ୍ବ ହେବାସହ ସରକାର ବ୍ୟାପକ ରାଜସ୍ୱ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଅନୁସନ୍ଧାନରୁ ଜଣାଯାଇଛି, ଜୁଡିସିଆଲ ମେମ୍ବର ୩ଜଣଙ୍କ ମଧ୍ୟରୁ ୨ଜଣ ଥିବାବେଳେ ଗୋଟିଏ ପଦବୀ ଖାଲି ରହିଛି। ସେହିପରି ଆକାଉଣ୍ଟସ ମେମ୍ବର ୩ ମଧ୍ୟରୁ ୨ ମେମ୍ବର ପଦବୀ ଖାଲି ରହିଛି। ବାଣିଜ୍ୟକର ଟ୍ରିବ୍ୟୁନାଲ ସମ୍ପୂର୍ଣ୍ଣ ଭାବେ ବୈଷୟିକ ବିଷୟ ହୋଇଥିବାରୁ ଏଥିରେ ଜୁନିୟର ଆସିଷ୍ଟାଣ୍ଟ ପଦବୀର ମୁଖ୍ୟ ଭୂମିକା ରହିଛି। ୨୦୧୨ରୁ ଏଠାରେ ଆବଶ୍ୟକ ସମସ୍ତ ୫ଟି ଜୁନିୟର ଆସିଷ୍ଟାଣ୍ଟ ପଦବୀ ଖାଲି ରହିଥିଲେ ହେଁ ସରକାର ଏହି ପଦବୀ ପୁରଣ କରୁନାହାନ୍ତି। ଫଳରେ ସେଲ୍‌ସ ଟ୍ୟାକ୍ସ ଟିବ୍ୟୁନାଲ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଥିବା ସାଧାରଣରେ ମତପ୍ରକାଶ ପାଉଛି। ଏପରିକି ବିଭାଗ ପକ୍ଷରୁ ସରକାର ଓ ଷ୍ଟାଫ୍ ସିଲେକ୍ସନ ବୋର୍ଡଙ୍କୁ ଗତ ୨ ବର୍ଷ ମଧ୍ୟରେ ୫ଥର ପତ୍ର ମାଧ୍ୟମରେ ଅବଗତ କରାଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ଜଣେ ହେଲେ ଜୁନିୟର ଆସିଷ୍ଟାଣ୍ଟ ପଦବୀ ପୁରଣ ଦିଗରେ ସରକାର ପଦକ୍ଷେପ ଗ୍ରହଣ କରି ନ ଥିବା ଜଣାଯାଇଛି। କର୍ମଚାରୀ ଅଭାବ ସାଙ୍ଗକୁ ବେଞ୍ଚ ପାଇଁ ଆବଶ୍ୟକ ଜୁଡିସିଆଲ ମେମ୍ବର ଓ ଆକାଉଣ୍ଟସ ମେମ୍ବର ପଦବୀ ପୂରଣ ହେଉ ନ ଥିବାରୁ ମାମଲାଗୁଡ଼ିକ ବର୍ଷ ବର୍ଷ ଧରି ଗଡ଼ି ଚାଲିଛି। ଫଳରେ ସରକାରଙ୍କ ରାଜସ୍ୱ କ୍ଷତି ହେଉଛି। ଅନ୍ୟପକ୍ଷରେ ନିୟମ ଅନୁସାରେ ସରକାରୀ ଅଫିସରେ ୬ବର୍ଷ ପର୍ଯ୍ୟନ୍ତ କାଗଜାତ ନଥିପତ୍ର ସଂରକ୍ଷଣ ରଖିବା ଓ ୬ ବର୍ଷ ପରେ କୌଣସି କାଗଜାତ ନଥିପତ୍ର ସଂରକ୍ଷଣ ରଖିବା ସରକାର ବାଧ୍ୟ ନୁହେଁ ଭଳି ଆଇନ ଯୋଗୁଁ ବର୍ଷ ବର୍ଷ ଧରି ବିଚାର ନ ହୋଇ ଗଡୁଥିବା ମାମଲାଗୁଡ଼ିକର କାଗଜାତ ନଥିପତ୍ର ସଂରକ୍ଷଣ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅପରପକ୍ଷରେ ଟ୍ରିବ୍ୟୁନାଲ୍ ନ ☞ପୃଷ୍ଠା-୨



ଧରିତ୍ରୀ
DHARITRI
ସୋମବାର, ୧୨ ସେପ୍ଟେମ୍ବର, ୨୦୨୨



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢକ ଢକ କରି ପିଉଛି ପାଣି**
**ମିଛେ ବୋଲୁଥାଇ ଥିରି ତୋରାଣି।**

କିଛି ବ୍ୟକ୍ତି ଖାଇବାକୁ ପାଉ ନ ଥିବା ବେଳେ ନିଜର ଅଭାବ ଅସୁବିଧାକୁ ଲୁଚାଇବାକୁ ଯାଇ ଅନ୍ୟ ଆଗରେ ଭଲ ଖାଦ୍ୟ ଖାଉଥିବାର ମିଛ ଅଭିନୟ କରିଥାନ୍ତି। ଛଳନା କରୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଢଗ ମେଲୁଛି ନାକ ଫୁଲୁଛି**
**ନାକର ବସଣି ହଲାଉ ଅଛି।**

ଥଟ୍ଟା ପରିହାସ ବେଳେ ବା ଛିଗୁଲେଇ କରି କଥା କହିବା ବେଳେ ବିଭିନ୍ନ ପ୍ରକାର ଅଙ୍ଗିଭଙ୍ଗି ଦେଖାଇଥାନ୍ତି। ସାଧାରଣତଃ ଗାଁ ଗଣ୍ଡାରେ ରହୁଥିବା ମହିଳାମାନେ ଅନ୍ୟକୁ ଆକ୍ଷେପ କଲାବେଳେ ମୁହଁ ଛିଞ୍ଚାଡ଼ି ହୋଇ କଥା କହିଥାନ୍ତି। ଏପରିସ୍ଥଳେ ତାଙ୍କ ମୁହଁର ଆକୃତି ବଦଳିଯିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ଅନୁଚ୍ଛେଦ ୩୭୦ ଫେରିବ କହି ଲୋକଙ୍କୁ ବିଭ୍ରାନ୍ତ କରିବାକୁ ଚାହେଁନି: ଆଜାଦ

**ବାରମୁଲ୍ଲା,୧୧।୯**

## ୧୦ ଦିନରେ ଗଢ଼ିବେ ନୂଆ ଦଳ

ଜମ୍ମୁ-କଶ୍ମୀରକୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଫେରାଇ ଆଣିବାର ପ୍ରତିଶ୍ରୁତି ଦେଇ ଜନସାଧାରଣଙ୍କୁ ବିଭ୍ରାନ୍ତ କରିବାକୁ ଚାହେଁନି ବୋଲି ନିଜର ରାଜନୈତିକ ଦଳ ଗଢ଼ିବାକୁ ଯାଉଥିବା ପୂର୍ବତନ କଂଗ୍ରେସ ନେତା ଗୁଲାମ ନବୀ ଆଜାଦ କହିଛନ୍ତି। ୨୦୧୯ ଅଗଷ୍ଟ ୫ରେ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ସହ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିଥିଲେ। ଏହା ଆଉ ଫେରିପାରିବନି ବୋଲି ଉତ୍ତର କଶ୍ମୀରର ବାରମୁଲ୍ଲାଠାରେ ଆଜାଦ ତାଙ୍କର ପ୍ରଥମ ସାଧାରଣ ସଭାରେ କହିଛନ୍ତି। ଆଞ୍ଚଳିକ ଦଳଗୁଡ଼ିକ ଅନୁଚ୍ଛେଦ ୩୭୦ ଫେରାଇ ଆଣିବା ପ୍ରତିଶ୍ରୁତି ଦେଇ ଲୋକଙ୍କୁ ବିଭ୍ରାନ୍ତ କରୁଥିବାରୁ ଆଜାଦ ସେମାନଙ୍କୁ ଟାର୍ଗେଟ କରିଛନ୍ତି। ଭୋଟ ପାଇଁ ସେ ଲୋକଙ୍କୁ ଭଣ୍ଡାଇବାକୁ ଚାହାନ୍ତି ନାହିଁ। ଯାହା ହାସଲ କରାଯାଇପାରିବ ନାହିଁ, ଦୟାକରି ସେଭଳି ପ୍ରସଙ୍ଗ ଉଠାନ୍ତୁ ନାହିଁ। ଅନୁଚ୍ଛେଦ ୩୭୦ ଫେରିବା ସମ୍ଭବ ନୁହେଁ, କାରଣ ଏଥିପାଇଁ ପାର୍ଲାମେଣ୍ଟରେ ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠତା ଆବଶ୍ୟକ ବୋଲି ଆଜାଦ କହିଛନ୍ତି।

ପ୍ରତି ନିର୍ବାଚନରେ କଂଗ୍ରେସର ସ୍ଥିତି ଦୁର୍ବଳ ହେବାରେ ଲାଗିଛି। ପାର୍ଲାମେଣ୍ଟରେ ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରି ଅନୁଚ୍ଛେଦ ୩୭୦କୁ ଫେରାଇ ଆଣିବା ଭଳି ରାଜନୈତିକ ଦଳ ଭାରତରେ ନାହିଁ ବୋଲି ଆଜାଦ କହିଛନ୍ତି। ସେ ଆଗାମୀ ୧୦ ଦିନ ମଧ୍ୟରେ ଜମ୍ମୁ-କଶ୍ମୀରରେ ନୂଆ ରାଜନୈତିକ ଦଳ ଆରମ୍ଭ କରିବାକୁ ଯାଉଥିବା ସୂଚନା ଦେଇଛନ୍ତି। ମିଥ୍ୟା ଏବଂ ଶୋଷଣ ରାଜନୀତି ବିରୋଧରେ ତାଙ୍କ ଦଳ ଲଢ଼େଇ କରିବ। କେତେକ ଦଳ ନିଜର ଫାଇଦା ପାଇଁ ଅନ୍ୟମାନଙ୍କୁ ବ୍ୟବହାର କରୁଛନ୍ତି। ଏଥିପାଇଁ କଶ୍ମୀରରେ ଲକ୍ଷେ ଲୋକଙ୍କ ଜୀବନ ଯିବା ସହ ୫ ଲକ୍ଷ ପିଲା ଅନାଥ ହୋଇଛନ୍ତି। ଏହା ରାଜ୍ୟରେ ସବୁଠୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଥିବା ପୂର୍ବତନ କଂଗ୍ରେସ ନେତା କହିଛନ୍ତି। ଏଭଳି ରାଜନୀତି ବିରୋଧରେ ଲଢ଼ିବା ପାଇଁ ସେ ଜମ୍ମୁ-କଶ୍ମୀର ଆସିଥିବା କହିଛନ୍ତି।

# କର୍ଣ୍ଣାଟକ, ଗୁଜରାଟରେ ନିର୍ବାଚନ ଲଢ଼ିପାରେ ଟିଆର୍‌ଏସ୍

**ହାଇଦ୍ରାବାଦ,୧୧।୯**

ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଏକ ଜାତୀୟ ଦଳ ଗଢ଼ିବା ଲାଗି ଅଣ୍ଟା ଭିଡୁଥିବାବେଳେ ଏବେ ଅନ୍ୟ ରାଜ୍ୟରେ ବିଧାନସଭା ନିର୍ବାଚନ ଲଢ଼ିବାକୁ ଯୋଜନା କରୁଥିବା ଜଣାପଡ଼ିଛି। ବିଶେଷ କରି ଗୁଜରାଟ, କର୍ଣ୍ଣାଟକ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ ଓ ଦିଲ୍ଲୀରେ ଟିଆର୍‌ଏସ୍ ନିର୍ବାଚନ ଲଢ଼ିପାରେ ବୋଲି କୁହାଯାଉଛି। ଏହିସବୁ ରାଜ୍ୟରେ ସମ୍ଭାବ୍ୟ ପ୍ରାର୍ଥୀ ଚିହ୍ନଟ କରିବା ସହ ସେମାନଙ୍କୁ ବିଧାନସଭା କିମ୍ବା ୨୦୨୪ ଲୋକ ସଭା ନିର୍ବାଚନରେ ପ୍ରାର୍ଥୀ କରିବା ଲାଗି କେସିଆର୍ ଦଳର ବରିଷ୍ଠ ନେତାମାନଙ୍କୁ କହିଥିବା ଜଣାପଡ଼ିଛି। ବିଶେଷ କରି ଗୁଜରାଟ, କର୍ଣ୍ଣାଟକ, ମହାରାଷ୍ଟ୍ର ଓ ଦିଲ୍ଲୀରେ ତେଲୁଗୁ ଭୋଟରମାନଙ୍କୁ ଏକାଠି କରିବାକୁ କେସିଆର୍ ଚାହୁଁଛନ୍ତି। କାରଣ ଜାତୀୟ ଦଳର ମାନ୍ୟତା ପାଇବାକୁ ହେଲେ ୪ କିମ୍ବା ତଦୂର୍ଦ୍ଧ୍ୱ ରାଜ୍ୟରେ ଲୋକ ସଭା ଓ ବିଧାନସଭା ନିର୍ବାଚନରେ ଅନ୍ୟୂନ ୬% ବୈଧ ଭୋଟ ଟିଆର୍‌ଏସ୍‌କୁ ମିଳିବା ଆବଶ୍ୟକ। ତେବେ ଟିଆର୍‌ଏସ୍ ଜାତୀୟ ଦଳ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ମାନ୍ୟତା ପାଇବା ପାଇଁ ୨୦୨୬ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିପାରେ ବୋଲି ଏକ ସୂତ୍ରରୁ କୁହାଯାଇଛି। କାରଣ ନିର୍ବାଚନ କମିଶନ ପ୍ରତି ୧୦ ବର୍ଷରେ ଥରେ ଦଳଗୁଡ଼ିକର ଜାତୀୟ ମାନ୍ୟତା ସମୀକ୍ଷା କରିଥାନ୍ତି। ଶେଷ ଥର ପାଇଁ ୨୦୧୬ରେ ଏହି ସମୀକ୍ଷା କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମକ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ । ସମ୍ମୁଖରେ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାର କଥା କହୁଥିବା ଶୁଣିବାକୁ ପାଇବେ। ଆର୍ଥିକ ସ୍ଥିତି ଦୁର୍ବଳ ହେତୁ ତାହାହିଁ ଚିନ୍ତାର କାରଣ ହୋଇପାରେ । ପରିବାରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପରେ ଅନୁତାପ କରିବାକୁ ପଡ଼ିପାରେ ।

**ବୃଷ**
ଆଜି ଗୁରୁଚାନ୍ଦ୍ରୀ ଯୋଗ ହେତୁ ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସିବେ ଓ ପ୍ରଶଂସିତ ମଧ୍ୟ ହେବେ। କୌଣସି ବନ୍ଧୁ ଅବା ପଡ଼ୋଶୀ ସହଯୋଗର ହାତ ବଢ଼ାଇବା ଦ୍ୱାରା କାମ ସୁବିଧାରେ ହୋଇଯିବ । ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ୍ୟ ମନ ଭଲ ଲାଗିବନି। ସନ୍ତାନ ହେତୁକ ପୀଡ଼ା କିମ୍ବା ଅନୁପସ୍ଥିତି ଅନୁଭବ କରିପାରନ୍ତି।

**ମିଥୁନ**
ଅଶାନ୍ତି ଓ ରାଗକୁ ନିୟନ୍ତ୍ରଣରେ ନ ରଖି ଅନ୍ୟ ଉପରେ ଶୁଖାଇଲେ ତିକ୍ତତା ସୃଷ୍ଟି ହୋଇପାରେ। କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାମଟି କରିବେ । ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ କାମ ଆରମ୍ଭ କରି ପ୍ରଶଂସିତ ହେବେ । ଯେଷାକୁ ତେଷା ନୀତିରେ କାମ କରିବେ, କିନ୍ତୁ ତାହା ଭଲ ହେବନି।

**କର୍କଟ**
ଭାଇ, ବନ୍ଧୁ ଓ କୁଟୁମ୍ବଙ୍କ ସହ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହୋଇପାରେ । ଜଣେ ପ୍ରତିଷ୍ଠାବାନ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ମାଲିମକଦ୍ଦମାରେ ଜୟଲାଭ କରିବାର ଆଶା କ୍ରମଶଃ ବୃଦ୍ଧି ପାଇପାରେ । ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ।

**ସିଂହ**
ବିଭିନ୍ନ ସମସ୍ୟା ଭିତରେ ଗତି କରି ମଧ୍ୟ ପଛକୁ ଫେରିବା ଚିନ୍ତା କରିବେ ନାହିଁ। ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ନୂତନ କାମ କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରି ସମସ୍ୟା ସମାଧାନରେ ସଫଳ ହେବେ । ପରିବାରବର୍ଗଙ୍କ ସହାୟତା ପାଇବେ ଓ ଆନନ୍ଦ ମନରେ କାମ କରିବେ ।

**କନ୍ୟା**
ଆଜି ଦିନଟିରେ କିଛି ପାଇବାର ଆଶା ରଖିଲେ କିଛି ଦେବା ପାଇଁ ଚେଷ୍ଟା କରନ୍ତୁ। ଜମା ପଡୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ। ଆଳସ୍ୟ ଯୋଗୁ ବନ୍ଧୁ ମହଲରେ ଅପମାନିତ ହୋଇପାରନ୍ତି।

**ତୁଳା**
ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ, ନଚେତ୍ ହଇରାଣ ହେବାକୁ ପଡ଼ିପାରେ । ଫେରି ଯାଉଥିବା ବନ୍ଧୁଟି ବାଟରୁ ଲେଉଟି ଆସିବ, ଫଳରେ କାମଗୁଡ଼ିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢିଯାଇପାରେ । ଅଫିସ୍ କାମରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ।

**ବିଛା**
ଦୀର୍ଘଦିନ ହେଲା ଯାହା ହୋଇପାରି ନ ଥିଲା ଆଜି ତାହା ହୋଇଯିବ। ବନ୍ଧୁଙ୍କ ନିକଟରୁ ଯେତେ ପାଇଲେ ମଧ୍ୟ ଆହୁରି ପାଇବାକୁ ବ୍ୟାକୁଳତା ପ୍ରକାଶ କରିବେ । ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରି ସଫଳ ହେବେ । ପରିବାରର ସଦସ୍ୟମାନଙ୍କଠାରୁ କିମ୍ବା ସହକର୍ମୀମାନଙ୍କ ତରଫରୁ ସମସ୍ୟା ଆସିପାରେ।

**ଧନୁ**
କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ । ଆର୍ଥିକ ସମସ୍ୟା କ୍ଷେତ୍ରରେ ସମାଧାନର ପନ୍ଥା ବନ୍ଧୁଙ୍କ ପରାମର୍ଶରେ ଖୋଜି ପାଇବେ। ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ଏଣୁ ଗାଡ଼ିକୁ ପରଖି ନେବା ଭଲ ହେବ। ପରିବାରରୁ ପୂର୍ଣ୍ଣ ସହଯୋଗ ଲାଭକରି କାମ ସମ୍ପନ୍ନ ହେବ।

**ମକର**
ଆଜି କୌଣସି ବ୍ୟକ୍ତିଠାରୁ ହଠାତ୍ କୌଣସି ଖବର ପାଇ ବିଚଳିତ ବୋଧ କରିବେ। ଉପରିସ୍ଥ ଅଧିକାରୀମାନେ କାମ ହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣରୁ ସୁଫଳ ପାଇବେ। ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ।

**କୁମ୍ଭ**
କର୍ମକ୍ଷେତ୍ରରେ ସାଧାରଣ କଥାରେ କଳହ ସୃଷ୍ଟି ହୋଇପାରେ। ପାରିବାରିକ ସମସ୍ୟାର ସମାଧାନ ସକାଶେ ବନ୍ଧୁଙ୍କୁ ସାହାଯ୍ୟ ଭିକ୍ଷା କରିପାରନ୍ତି । କଳା,କ୍ରୀଡା ,ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ । ଦେହ ଭଲ ରହିଲେ ମଧ୍ୟ ସାମୟିକ ପୁରାତନ ରୋଗରେ କଷ୍ଟ ପାଇପାରନ୍ତି ।

**ମୀନ**
ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ପରିବାର ଭିତରେ ଅଯଥା ବ୍ୟସ୍ତତା ପ୍ରକାଶ କରି ସମାଲୋଚିତ ହେବେ। କୌଣସି ଅପରିଚିତ ବ୍ୟକ୍ତିକୁ ବିଶ୍ୱାସ କରି ଖାଲରେ ପଡିପାରନ୍ତି। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରିବେ।


# classifieds

**Everyday**
0674-2580101, 2549302







## SALE

ଭୁବନେଶ୍ୱର ଗଙ୍ଗପଡ଼ା NH5ରୁ ଅଳ୍ପ ଦୂରତାରେ Sqft. 840/-, 725/-, ଗୁଡ଼ିଆପୋଖରୀ ଛକରୁ ଅଳ୍ପ ଦୂରତାରେ ୪,70,000/-ରେ ପ୍ଲଟ୍ କିଣି ତୁରନ୍ତ ଗୃହନିର୍ମାଣ କରନ୍ତୁ । 9178762589. D-74113

Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320. D-74112

ଭୁବନେଶ୍ୱର ଗଙ୍ଗପଡ଼ା NH-5 ରୁ 500 mtr ଦୂରରେ BDA yellowzone ଘରବାରି boundary plot ମିଳୁଛି। 7978676652, 7848882166. D-74111

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-74109

Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ । 7008297827, 9692999455. D-74105




Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332. D-73295

New open full body massage ladies & gents available. 8093726714. D-73638

Relax, Refresh your body, Mind at Saikrupa SPA with best therapies. 8984068077. D-1387

Newly open Spa offer @799/-, positively health benefits, Kalpana- 7846814019. D-73642

Newly open Spa positively health benefit with expert. Contact: 7749976301. D-73870

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73966

Ayurvedic fullbody massage, refresh you mind with relaxed by expert Lady Therapist. Contact: 8480939300. D-1404




Save on Electricity bills. Forget power interruptions. Install Nexus Brand Solar Panels, inverters. Contact REMS LLP, Satyavihar, Bhubaneswar. 7606862090. 9777065888. D-73640

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## LOST

ମୁଁ ଶ୍ରୀ ଛବିଳ କୁମାର ଧଳ, ସା/ପୋ/ଥାନା- ନାକଟିଦେଉଳ, ଜିଲ୍ଲା- ସମ୍ବଲପୁର। ତା ୨୮।୦୨।୨୦୦୬ରେ ରେଜିଷ୍ଟର ହୋଇଥିବା ନାକଟି ଦେଉଳ ସ୍ଥିତ ଜମି ଯାହାର ଡକ୍ୟୁମେଣ୍ଟ ନଂ.- ୫୨୬/୨୦୦୬ଟି ହଜିଯାଇଛି। ଯଦି ଏହାକୁ କେହି ପାଇବେ କିମ୍ବା ପାଇଥାନ୍ତି ତା ହେଲେ ଦୟାକରି ୭ଦିନ ମଧ୍ୟରେ ୯୭୭୭୦୭୦୪୦୧ ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୧୪୯୦

## AFFIDAVIT

ଘୋଷଣା ନାମା:
ଆମ୍ଭେ ଶ୍ରୀ ଶିବଚରଣ ଦାସ, ବୟସ-୩୯, ପିତା- ମୁରଲୀଧର ଦାସ, ଗ୍ରାମ/ପୋଷ୍ଟ- ଭଣ୍ଡିସାହି, ଥାନା- କାକଟପୁର, ଜିଲ୍ଲା- ପୁରୀ, ନିମାପଡ଼ା ନୋଟାରୀ ପ୍ରଫୁଲ୍ଲ କୁମାର ମୁଦୁଲିଙ୍କ ନିକଟରେ ତା୦୯।୦୯।୨୦୨୨ରିଖରେ ଘୋଷଣାନାମା କରିଅଛି କି ମୋର ମାଟ୍ରିକ୍ ପ୍ରମାଣପତ୍ର (ସାର୍ଟିଫିକେଟ୍)ରେ ଲେଖାଥିବା ନାମ ଅନୁଯାୟୀ ଭୁଲ୍ କ୍ରମେ ଆଧାର କାର୍ଡ ପ୍ରମାଣପତ୍ରରେ ଶିବପ୍ରସାଦ ଦାସ, ପିତା- ମୁରଲୀ ଦାସ ବୋଲି ଲେଖା ହୋଇଅଛି। ଉକ୍ତ ଘୋଷଣା ଅନୁଯାୟୀ ମୁଁ ଶିବଚରଣ ଦାସ, ପିତା- ମୁରଲୀଧର ଦାସ ନାମେ ନାମିତ ହେବାକୁ ଘୋଷଣା କରୁଅଛି। ଧ-୧୪୯୩

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**


**ପ୍ରଥମ ପୃଷ୍ଠାରୁ...**

## ରୁଷୀୟ ସୈନ୍ୟଙ୍କ ...

ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ବ୍ରିଟେନ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ କୁପିଆନସ୍କ ଓ ଇଜିୟମ୍ ଭଳି ଅନ୍ୟ ଅଞ୍ଚଳଗୁଡ଼ିକରେ ରୁଷିଆ ସେନା ୟୁକ୍ରେନ୍ ସୁରକ୍ଷା ବଳଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛି। ଖେରାସନ ଅଞ୍ଚଳର ନିପର ନଦୀ ପଶ୍ଚିମ ପଟେ ଥିବା ରୁଷିଆ ସୈନ୍ୟଙ୍କ ଦୁର୍ଗ ମଧ୍ୟ ଭୁଶୁଡ଼ିବାରେ ଲାଗିଛି। ୟୁକ୍ରେନ୍ ସେନାମୁଖ୍ୟ ଭାଲେରି ଜାଲୁଝନି କହିଛନ୍ତି, ଖରକିଭ୍ ଅଞ୍ଚଳରେ ଆମେ ତିନିପଟୁ ମାଡ଼ିସାରିଲୁଣି। ଚଳିତ ମାସ ଆରମ୍ଭରୁ ଅଦ୍ୟାବଧି ୩,୦୦୦ ବର୍ଗ କି.ମି. (୧,୧୫୮ ବର୍ଗ ମାଇଲ) ଅଞ୍ଚଳ ନିଜ ଦଖଲକୁ ଫେରାଇ ଆଣିଛୁ। ଏନେଇ ଜେଲେନ୍‌ସ୍କି ନିଜ ସେନାକୁ ପ୍ରଶଂସା କରିଛନ୍ତି। ଏଥିସହ ଆଗକୁ ଅଧିକ ଶକ୍ତିଶାଳୀ ଅସ୍ତ୍ରଶସ୍ତ୍ର ମିଳିଲେ ଶୀତରେ ଆହୁରି ଅଧିକ ଅଞ୍ଚଳକୁ ମୁକ୍ତ କରିବାରେ କିଭ୍ ସକ୍ଷମ ହେବ ବୋଲି ଆଶା ବ୍ୟକ୍ତ କରିଛନ୍ତି। ରୁଷିଆ ପକ୍ଷରୁ ଜର୍ମାନୀ ସମେତ ୟୁରୋପୀୟ ରାଷ୍ଟ୍ରଗୁଡ଼ିକୁ ଗ୍ୟାସ୍ ଯୋଗାଣ ବନ୍ଦ କରାଯାଇଥିବାବେଳେ ପାଶ୍ଚାତ୍ୟରେ ଶକ୍ତି ସଙ୍କଟ ବଢ଼ିବାରେ ଲାଗିଛି। ଏଭଳି ସମୟରେ ଜେଲେନ୍‌ସ୍କି ଆମେରିକା ଓ ପାଶ୍ଚାତ୍ୟ ଦେଶଗୁଡ଼ିକୁ ଅଧିକ ଆର୍ଥିକ ଓ ସାମରିକ ସହାୟତା ଆଶା କରିଛନ୍ତି। ଦଖଲକାରୀମାନେ କିପରି ପଳାୟନ କରିବାରେ ଲାଗିଛନ୍ତି ତାହା ଆମେ ଦେଖୁଛୁ। ଆମେ ଯଦି ସାମରିକ ଦୃଷ୍ଟିରୁ ଆଉ ଟିକେ ଅଧିକ ବଳୁଆ ହୋଇପାରନ୍ତୁ ତେବେ ଶୀତଋତୁରେ ସେମାନଙ୍କୁ ଘଉଡ଼ାଇବା ପ୍ରକ୍ରିୟା ଆହୁରି ତ୍ୱରିତ ହୋଇପାରନ୍ତା ବୋଲି ସେ କହିଛନ୍ତି। ଏନେଇ ୟୁକ୍ରେନ୍ ସେନା ରୁଷିଆକୁ କଟାକ୍ଷ କରି ସୋସିଆଲ ମିଡିଆରେ କେତେକ ପୋଷ୍ଟ କରିଛି। କିଭ୍‌ର ସାମରିକ ବିଶ୍ଳେଷକ ଓଲେହ ଝଡନୋଭ୍ କହିଛନ୍ତି, ବର୍ତ୍ତମାନର ସଫଳତା ଆଗକୁ ଲୁହାନସ୍କ ଅଞ୍ଚଳରେ ମଧ୍ୟ ରୁଷୀୟ ସୈନ୍ୟଙ୍କୁ ପଛଘୁଞ୍ଚା ଦେବାକୁ ବାଧ୍ୟ କରିବ, ଯାହାକୁ ମସ୍କୋ ଗତ ଜୁଲାଇ ପ୍ରାରମ୍ଭରେ ଦଖଲ କରିଥିବା ଦାବି କରିଥିଲା। ସେପଟେ ଶନିବାର ରୁଷିଆର ରାତିଅଧିଆ ଆକ୍ରମଣରେ ଇଷ୍ଟର୍ନ ଡୋନେସ୍କରେ ୧୦ ନାଗରିକଙ୍କ ମୃତ୍ୟୁ ଘଟିଥିବା ପ୍ରୋଭିନ୍ସ ଗଭର୍ନର ପଭ୍‌ଲୋ କିରିଲେନ୍‌କୋ ଟେଲିଗ୍ରାମରେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଖରକିଭ୍ ରିଜିୟନ୍‌ର ୟୁକ୍ରେନ୍ ସେନାଘାଟିଗୁଡ଼ିକ ଉପରେ ଆକ୍ରମଣ ଜାରି ରହିଥିବା ନେଇ ରବିବାର ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ରୁଷିଆ ଦଖଲରେ ଥିବା ୟୁକ୍ରେନ୍‌ର ଜାପୋରିଝିଆ ଆଣବିକ କେନ୍ଦ୍ରରେ ବିକିରଣ ବିପର୍ଯ୍ୟୟ ଆଶଙ୍କା କରି କିଭ୍ ପକ୍ଷରୁ ୟୁରୋପର ସର୍ବବୃହତ୍ ତଥା ବିଶ୍ୱ ଦଶମ ବଡ଼ ଆଟମିକ୍ ପାୱାର ଷ୍ଟେଶନକୁ ବନ୍ଦ କରି ଦିଆଯାଇଥିଲା। ତେବେ କିଛି ସମୟ ପରେ ଏହାକୁ ପୁନଃ କାର୍ଯ୍ୟକ୍ଷମ କରାଯାଇଥିବା ନେଇ ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) ଏକ ବିବୃତିରେ ଜଣାଇଛି।

## ୨ ଷ୍ଟକିଷ୍ଟଙ୍କ ଲାଇସେନ୍ସ ...

ପୁରୀଘାଟ ଥାନା ଆଇଆଇସି ଯତୀନ୍ଦ୍ର ନାଥ ସେଠୀ କହିଛନ୍ତି। ଏ ନେଇ କଟକ ଡିସିପି ପିନାକ ମିଶ୍ର କହିଛନ୍ତି, ନକଲି ମେଡିସିନ କାରବାର ନେଇ ଥାନାରେ ମାମଲା ରୁଜୁ ହେବା ପରେ ତଦନ୍ତ ଆରମ୍ଭ ହୋଇଛି। ପ୍ରଥମେ ଫେରାର ଥିବା ୪ ଅଭିଯୁକ୍ତଙ୍କୁ ପୋଲିସ ହେପାଜତକୁ ନିଆଯିବ। ପରେ ଏ ସଂକ୍ରାନ୍ତୀୟ ତଥ୍ୟ ପାଇବା ସହଜ ହୋଇପାରିବ। ଅର୍ଥନୈତିକ ଦିଗ ପ୍ରତି ମଧ୍ୟ ପୋଲିସର ତଦନ୍ତ ଜାରି ରହିବ। ଏହି କାରବାରରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି, ତାହାକୁ ପୋଲିସ ଖୋଳତାଡ଼ କରିବ। ଅଭିଯୁକ୍ତମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଅନୁଧ୍ୟାନ କରାଯିବ। ନକଲି ମେଡିସିନ କେଉଁ କେଉଁ ଜାଗାରୁ ଆସୁଥିଲା ଓ କେଉଁଠି ପ୍ରସ୍ତୁତ ହେଉଥିଲା ସେ ସମ୍ପର୍କରେ ଜାଣିବା ପାଇଁ ପୋଲିସ ଟିମ୍ ରାଜ୍ୟ ବାହାରକୁ ଯାଇ ତଦନ୍ତ କରିବ ବୋଲି ଡିସିପି କହିଛନ୍ତି।

ସୂଚନାଯୋଗ୍ୟ, ରକ୍ତଚାପ ଓ ହୃଦ୍‌ରୋଗ ପାଇଁ ବ୍ୟବହୃତ ହେଉଥିବା ଟେଲ୍‌ମା-୪୦ ଓ ଟେଲ୍‌ମା-ଏଏମ୍ ଟାବ୍‌ଲେଟକୁ ନକଲି କରି ବିକ୍ରି କରାଯାଉଥିଲା। ଏନେଇ ଜଣେ ବ୍ୟକ୍ତିଙ୍କ ଅଭିଯୋଗକୁ ଭିତ୍ତିକରି ଗତ ୭ତାରିଖରେ ଉଭୟ ଷ୍ଟକିଷ୍ଟଙ୍କ ବ୍ୟବସାୟ ପ୍ରତିଷ୍ଠାନରେ ଚଢ଼ାଉ କରି ମେଡିସିନର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ଗୋଟିଏ ମେଡିସିନର ଲୋଗୋକୁ ସମ୍ପୂର୍ଣ୍ଣ ନକଲି କରାଯାଇଥିବାବେଳେ କ୍ୟୁଆର୍ କୋଡ୍ ସ୍କାନ କରିବା ପରେ ତାହା ନକଲି ବୋଲି ପ୍ରାଥମିକ ଅବସ୍ଥାରେ ଜଣାପଡ଼ିଥିଲା। ପରେ ସେଥିରେ ବ୍ୟବହାର କରାଯାଇଥିବା ଏକ ନାମୀ କମ୍ପାନୀ ସମ୍ପର୍କରେ ଜାଣିବାକୁ ବିଭାଗ ପକ୍ଷରୁ ଚିଠି କରାଯାଇଥିଲା। ହେଲେ ଉକ୍ତ ମେଡିସିନ୍‌ଦ୍ୱୟ ସମ୍ପୃକ୍ତ କମ୍ପାନୀ ଦ୍ୱାରା ପ୍ରସ୍ତୁତ କରାଯାଇ ନ ଥିବା ଚିଠିର ଉତ୍ତର ମିଳିବା ପରେ ବିଭାଗ ପକ୍ଷରୁ ଶୁକ୍ରବାର ମାମଲା ରୁଜୁ କରାଯାଇଛି।

## ସଦସ୍ୟ ଅଭାବ: ଚାଲିପାରୁନି ...

ଚାଲିବା ଫଳରେ କଳାବଜାର କରୁଥିବା ବ୍ୟବସାୟୀଙ୍କୁ ଟିକସ ଫାଙ୍କିରୁ ବଞ୍ଚିବା ପାଇଁ ଏକ ବାଟ ଦେଖାଉଛି। ଏପର୍ଯ୍ୟନ୍ତ ୩ ହଜାରରୁ ଊର୍ଦ୍ଧ୍ୱ ମାମଲା ବିଚାରାଧୀନ ରହିଥିବାବେଳେ ସରକାର ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ସେମାନଙ୍କ ମୁହଁରୁ....



ଟ୍ରିବ୍ୟୁନାଲରେ ମେମ୍ବର ନ ରହିଲେ ମାମଲାର ବିଚାର ବିଳମ୍ବ ହେବ । ଏହାଦ୍ୱାରା ସରକାରଙ୍କ ବେଶି କ୍ଷତି ହେଉଛି। ସରକାର କର୍ମଚାରୀଙ୍କୁ ଦରମା ଦେଇ ରଖିବା ଓ କାର୍ଯ୍ୟ ନ ହେବା ଦୁଃଖଦ ଘଟଣା। ସେଲ୍‌ସ ଟ୍ୟାକ୍ସ ଟ୍ରିବ୍ୟୁନାଲ ନ ଚାଲିବା ଦ୍ୱାରା ୨ ନମ୍ବର ବେପାରୀମାନେ ଟିକସ ଫାଙ୍କିବାର ସୁଯୋଗ ପାଉଛନ୍ତି। ଟ୍ରିବ୍ୟୁନାଲରେ ବିଚାର ବିଳମ୍ବ ହେଲେ ଲୋୟର କୋର୍ଟ ରେକର୍ଡରେ ମଧ୍ୟ ସମସ୍ୟା ସୃଷ୍ଟି ହୋଇଥାଏ। ଏଣୁ ସରକାର ଟ୍ରିବ୍ୟୁନାଲକୁ କାର୍ଯ୍ୟକ୍ଷମ ପାଇଁ ଆବଶ୍ୟକ ପଦବୀ ପୂରଣ କରିବା ଜରୁରୀ ହୋଇପଡିଛି।

**- ପ୍ରଦୀପ ପଟ୍ଟନାୟକ, ପୂର୍ବତନ ସଭାପତି, କଟକ, ଟ୍ୟାକ୍ସ ବାର୍ ଆସୋସିଏଶନ**



ସେଲ୍‌ସ ଟ୍ୟାକ୍ସ ଟ୍ରିବ୍ୟୁନାଲ ଅଧ୍ୟକ୍ଷଙ୍କ ବଦଳି ଅନ୍ୟତ୍ର ହୋଇଥିବାରୁ ସେ ଏବେ ଶୁଣାଣି କରୁନାହାନ୍ତି। ଆକାଉଣ୍ଟସ ବିଷୟ ଏକ ବୈଷୟିକ ବିଷୟଗତ। ପୂର୍ବରୁ ଯେତିକି ଥର ବି ଅଧ୍ୟକ୍ଷ ପଦ ଟ୍ରିବ୍ୟୁନାଲକୁ ଦିଆଯାଇଛି ସମ୍ପୃକ୍ତ ଅଧ୍ୟକ୍ଷ ଅନ୍ୟୁନ୍ୟ ୩ ବର୍ଷ ଅବଧି ପୂରଣ କରିବା ପୂର୍ବରୁ ବଦଳି କରାଯିବା ଯୋଗୁଁ ମଧ୍ୟ ସମସ୍ୟା ସୃଷ୍ଟି ହେଉଛି। ଆକାଉଣ୍ଟସ ମେମ୍ବର ଓ ଜୁଡିସିଆଲ ମେମ୍ବର ପଦବୀ ପୂରଣ ସରକାରଙ୍କ ଦାୟିତ୍ୱ। ସରକାର ସେଲସ୍ ଟ୍ୟାକ୍ସ ଟ୍ରିବ୍ୟୁନାଲକୁ କାର୍ଯ୍ୟକ୍ଷମ କରିବା ଜରୁରୀ, କାରଣ ଏଥିରେ ପଡିରହିଥିବା ମାମଲା ବିଚାର ହେଲେ ସରକାର ରାଜସ୍ୱ ପାଇବେ। ଏଣୁ ସରକାର ଏଥିପ୍ରତି ଦୃଷ୍ଟି ଦେବା ଦରକାର।

**- ନଟବର ପଣ୍ଡା, ବରିଷ୍ଠ ଆଇନଜୀବୀ, ଟ୍ୟାକ୍ସ**

## ଦିବ୍ୟାଂଶୁ ମଲ୍ଲ ...

୨୨୬ ତମ ସ୍ଥାନରେ ରହିଛନ୍ତି। କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଖୁସିବ୍ୟକ୍ତ କରିବା ସହ ଓଡ଼ିଶା ଟପ୍ପର ହୋଇଥିବା ଦିବ୍ୟାଂଶୁଙ୍କ ସମେତ ସମସ୍ତ ସଫଳ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଡ. ସାମନ୍ତ କହିଛନ୍ତି, କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ପ୍ରତିଷ୍ଠା ହେବା ପରଠାରୁ ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେଇ ଆସିଛି। ଫଳରେ ଏହାର ଛାତ୍ରୀଛାତ୍ରମାନେ କେବଳ ଶିକ୍ଷା ନୁହେଁ, ଅନ୍ୟ ସମସ୍ତ କ୍ଷେତ୍ରରେ ଲଗାତାର ସଫଳତା ହାସଲ କରିଆସୁଛନ୍ତି। ଏ ଦିଗରେ ନିରନ୍ତର ଉଦ୍ୟମ ଜାରି ରଖିଥିବା କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ଚେୟାରପର୍ସନ ଡ. ମୋନାଲିସା ବଳ ଓ ଅଧ୍ୟକ୍ଷ ଡ. ସଞ୍ଜୟ ସୁଆରଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ସେହିପରି ଦିବ୍ୟାଂଶୁଙ୍କ ସହ ତାଙ୍କ ଅଭିଭାବକ ଏହି ସଫଳତା ପାଇଁ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଓ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ବଜ୍ରପାତରେ ଯୁବକ ମୃତ

**ରାଉରକେଲା ଅଫିସ:** ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କିଲଙ୍ଗା ଗ୍ରାମରେ ଜଣେ ଯୁବକଙ୍କ ବଜ୍ରପାତରେ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ରାହୁଲଦେବ କୁଜୁର(୧୮)। କିଲଙ୍ଗା ଗ୍ରାମରେ ରାହୁଲଦେବ ପରିବାର ସହ ବାସ କରନ୍ତି। ଶନିବାର ସାଢ଼େ ୧ଟାରେ ତାଙ୍କର ଜଣେ ବନ୍ଧୁଙ୍କ ସହ ଘର ପାଖରେ ଥିବା କେନାଲକୁ ଗାଧୋଇବାକୁ ଯାଇଥିଲା। କେନାଲରେ ଗାଧୋଇ ସାରି ରାହୁଲ ସାଇକେଲ ଯୋଗେ ଘରକୁ ଫେରୁଥିବା ସମୟରେ ହଠାତ ବଜ୍ରପାତ ହୋଇଥିଲା।

# କ୍ଷତି ଆଶଙ୍କାରେ ଧାନଚାଷୀ ହତାଶ

**ଲେଫ୍ରିପଡ଼ା,୧୧।୯(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଅଞ୍ଚଳରେ ହତାଶରେ ଧାନ ଚାଷୀ ରହିଥିବା ଦେଖିବାକୁ ମିଳିଛି। ଚାଷୀଙ୍କ ଅଭିଯୋଗ ଅନୁଯାୟୀ ଚଳିତ ଖରିଫ ଚାଷ ଆରମ୍ଭରେ ଖରଡ଼ି ଧାନ ବୁଣା ସାଙ୍ଗକୁ ରୁଆ ପାଇଁ ତଳି ପକାଇଥିଲେ। କିନ୍ତୁ ଜୁଲାଇ ଏବଂ ଅଗଷ୍ଟରେ ନିୟଣ୍ଟିଆ ବର୍ଷା ଯୋଗୁ ଚାଷ ପ୍ରଭାବିତ ହୋଇଛି। ଧାନରୁଆ ଏବଂ ବିହୁଡା କାର୍ଯ୍ୟ ଜୁଲାଇ ଏବଂ ଅଗଷ୍ଟରେ କରାଯାଉଥିବାବେଳେ ପାଣି ଅଭାବରୁ ଚାଷୀ ଚାଷ କାର୍ଯ୍ୟ କରି ପାରିନାହାଁନ୍ତି। ଅଗଷ୍ଟ ଶେଷ ଆଡ଼କୁ କିଛି ବର୍ଷା ହେବାରୁ ଚାଷୀଙ୍କ ମନରେ ଆଶା ଭରସା ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ଚାଷୀମାନେ ବୁଣା ଧାନରେ ବିହୁଡା ଏବଂ ଘାସ ଦମନ ସକାଶେ ବିଭିନ୍ନ ପ୍ରକାର ଔଷଧ ସିଞ୍ଚନ କରିଥିଲେ। ଠିକ ସେହିପରି ଭାବେ ରୁଆ ଧାନରେ ମଧ୍ୟ ବିଳମ୍ବରେ ତଳି ରୋପଣ କରିଥିଲେ। କିନ୍ତୁ ବିଡମ୍ବନାର ବିଷୟ ବର୍ଷା ଅଭାବରୁ ବିଲରେ ଘାସ ବଡ଼ବଡ଼ ହୋଇଯିବାରୁ ବୁଣା ଧାନରେ ଘାସମରା ସିଞ୍ଚନ ଦ୍ୱାରା ମଧ୍ୟ ଘାସ ନିୟନ୍ତ୍ରଣ ହୋଇପାରୁ ନାହିଁ ବୋଲି କହିଛନ୍ତି। ରୁଆ ଧାନରେ ମଧ୍ୟ ସେହିପରି ପାଣି ଅଭାବରୁ ଘାସ ହୋଇ ପ୍ରଭାବିତ ହୋଇଛି। ଘାସ ନିୟନ୍ତ୍ରଣ ଦିଗରେ ମୂଲିଆ ଏକ ମାତ୍ର ବିକଳ୍ପ ହେଉଥିବାବେଳେ ମୂଲିଆ ଦ୍ୱାରା ଘାସ ନିୟନ୍ତ୍ରଣ ଆୟ ଅପେକ୍ଷା ବ୍ୟୟ ଦ୍ୱିଗୁଣିତ ହେବାକୁ ନେଇ ହତାଶରେ ପଡ଼ିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏଥିମଧ୍ୟରେ ସରପଗଡ଼ ଜଳସେଚନ ପ୍ରକଳ୍ପ ଗିରିଙ୍ଗକେଲା ପଞ୍ଚାୟତରେ ଜଳସେଚିତ ଭାବେ ରହିଥିବାବେଳେ ଜୁଲାଇ ଏବଂ ଅଗଷ୍ଟରେ ଡ୍ୟାମରେ ପାଣି ଅଭାବରୁ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇ ରହିଥିଲା। ଫଳରେ ଚାଷ କାର୍ଯ୍ୟର ଉପଯୁକ୍ତ ସମୟରେ ଚାଷ ହୋଇପାରି ନ ଥିବାରୁ ଚାଷୀଙ୍କ ଚାଷ ଅମଳ ହେବା ନେଇ ଆଶଙ୍କାରେ ଚାଷୀ ରହିଛନ୍ତି। ଅନେକ ଚାଷ ଜମିରେ ପାଣି ଅଭାବରୁ ଚାଷ ହୋଇନାହିଁ। ଅନ୍ୟ ପକ୍ଷରେ ଲେଫ୍ରିପଡ଼ା ବ୍ଲକର କୃଷିବିଭାଗର ସୂଚନା ଅନୁଯାୟୀ ଚଳିତ ଖରିଫ ଚାଷରେ ୧୬,୧୭୪ ହେକ୍ଟର ଜମିରେ ଚାଷ ହେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ଏଥିରେ ୧୦,୨୬୩ହେକ୍ଟର ଜମିରେ ଧାନ ଏବଂ ୫୯୧୧ହେକ୍ଟର ଜମିରେ ଅଣଧାନ ଚାଷ ଏବଂ ଜଳସେଚିତ ଜମିରେ ୮୦୭୩ହେକ୍ଟର ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଅନେକ ଅଞ୍ଚଳରେ ପ୍ରାୟ କିଛି କିଛି ବର୍ଷା ଲାଗି ରହିଥିବାବେଳେ ପ୍ରାୟତଃ ଗିରିଙ୍ଗକେଲା, ଲେଫ୍ରିପଡା, କୁଲାବିରା, ରାଜବାହାଲ, ସରପଗଡ଼, ମଶାବିରା, ଗୁଣ୍ଡିଆଡ଼ିହି, ଅଲାପକା, ହୁର୍ମେଇ ଇତ୍ୟାଦି ପଞ୍ଚାୟତରେ ଚଳିତବର୍ଷ ବହୁ କମ ବର୍ଷା ହୋଇଛି। ବର୍ତ୍ତମାନ ମଧ୍ୟ ବର୍ଷା ନ ହେବାରୁ ଅନେକ ଧାନ ବିଲରେ ଜମି ଫାଟି ଯାଉଥିବାବେଳେ ଅନେକ ଧାନ ବିଲ ହଳଦିଆ ପଡ଼ିଲାଣି। ତେଣୁ ଆଗାମୀ ଦିନରେ ଚାଷୀମାନେ ଧାନ ଚାଷରେ ବ୍ୟାପକ ମାତ୍ରାରେ କ୍ଷତି ହେବା ନେଇ ଆଶଙ୍କା ପ୍ରକଟ କରିଛନ୍ତି।



କ୍ଷତି ହେବାକୁ ଥିବା ଗିରିଙ୍ଗକେଲା ଗ୍ରାମର ଏକ ଧାନବିଲ।

## ସଂକ୍ଷେପରେ

### ମହିଳା କର୍ମଚାରୀଙ୍କୁ ମାଡ଼: ଜେଲ ଗଲେ କଲେଜ ପିଅନ

**ରେଢ଼ାଖୋଲ,୧୧।୯(ଡି.ଏନ.ଏ.):** ରେଢ଼ାଖୋଲ ଭୀମଭୋଇ କଲେଜର ଜଣେକା ମହିଳା କର୍ମଚାରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ରବିବାର ପୋଲିସ କଲେଜ ପିଅନ ପୂର୍ଣ୍ଣ ଚନ୍ଦ୍ର ବିଶିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାମତେ ଗତ ୮ରେ ମହିଳା କର୍ମଚାରୀ ମଞ୍ଜୁବାଳା ପ୍ରଧାନଙ୍କୁ ପିଅନ ପୂର୍ଣ୍ଣଚନ୍ଦ୍ର ଦୁର୍ବ୍ୟବହାର କରିଥିଲେ। ଏ ଘଟଣା କଲେଜରେ ସମାଧାନ ହୋଇଥିଲା। ପରେ ମହିଳାଙ୍କୁ ପୂର୍ଣ୍ଣଚନ୍ଦ୍ର ମାଡ଼ ମାରିବା ନେଇ ମଞ୍ଜୁବାଳା ରେଢ଼ାଖୋଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୧୯୮/୨୨) ରୁଜୁ କରି ପୂର୍ଣ୍ଣଚନ୍ଦ୍ରଙ୍କୁ ଗିରଫ କରିଥିଲା।

### କେନ୍ଦୁପତ୍ର ବନ୍ଧେଇ ଶ୍ରମିକଙ୍କ ଅସ୍ୱାଭାବିକ ମୃତ୍ୟୁ

**ଦେବଗଡ଼,୧୧।୯(ଡି.ଏନ.ଏ):** ରବିବାର ସନ୍ଧ୍ୟାରେ ଦେବଗଡ଼ ବନଖଣ୍ଡ (କେନ୍ଦୁପତ୍ର) ସୁଗୁଡା ସେକ୍ସନ ଅନ୍ତର୍ଗତ ଦନାର୍ଦ୍ଦନପାଲି କେନ୍ଦୁପତ୍ର ଫଡିରେ ରହି କାମ କରୁଥିବା ଜଣେ ବନ୍ଧେଇ ଶ୍ରମିକଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଲେ ସମ୍ବଲପୁର ଜିଲା ରେଢ଼ାଖୋଲ ଅଞ୍ଚଳର ଧ୍ରୁବଚରଣ ବେହେରା (୫୫)। ସୂଚନା ଅନୁଯାୟୀ ପ୍ରାୟ ଏକମାସ ହେଲା ରେଢ଼ାଖୋଲ ଅଞ୍ଚଳର କେତେକ କେନ୍ଦୁପତ୍ର ବନ୍ଧେଇ ଶ୍ରମିକ ଦନାର୍ଦ୍ଦନପାଲି କେନ୍ଦୁପତ୍ର ଫଡିରେ ରହି କାର୍ଯ୍ୟ କରୁଥିଲେ। ଧ୍ରୁବ ସନ୍ଧ୍ୟା ପ୍ରାୟ ୬ଟା ୩୦ରେ ସାଥୀ ଶ୍ରମିକଙ୍କ ସହ ବସି ଗପସପ କରୁଥିବାବେଳେ ହଠାତ ଢଳି ପଡ଼ିଥିଲେ। ସାଥୀ ଶ୍ରମିକମାନେ ତାଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ ହେଁ ଧ୍ରୁବ ଉଠି ନ ଥିଲେ। ତାଙ୍କ ନାକରୁ ପାଣି ବାହାରିଥିଲା। ଏହାଦେଖି ସେମାନେ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ ହେଁ ଆମ୍ବୁଲାନ୍ସ ଉପଲବ୍ଧ ହୋଇ ନ ଥିଲା। ଫଳରେ ଏକ ଅଟୋରିକ୍ସା ଯୋଗେ ଧ୍ରୁବଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

### ଶିକ୍ଷକ ସଂଘ ନୂତନ କର୍ମକର୍ତ୍ତାଙ୍କ ଶପଥପାଠ

**ନାକଟିଦେଉଳ,୧୧।୯(ଡ଼ି.ଏନ.ଏ.):** ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ନାକଟିଦେଉଳ ବ୍ଲକ ଶାଖାର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥପାଠ ଉତ୍ସବ ରବିବାର ସ୍ଥାନୀୟ ସରାପାଲି ଉଚ୍ଚବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ସଂଘର ସମ୍ବଲପୁର ଜିଲା ସଭାପତି ଲଳିତ କୁମାର ପୃଷ୍ଟେଠଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ରାଜ୍ୟ ସଭାପତି ହୃଦାନନ୍ଦ ଦ୍ୱିବେଦୀ ମୁଖ୍ୟଅତିଥି, ଉପସଭାନେତ୍ରୀ ସଙ୍ଗୀତା ଦାଶ, ମହାସଚିବ ଅମିୟ କୁମାର ଦାଶ, ମହିଳା ସେଲ୍ ସଂଯୋଜିକା ସୁଚିତ୍ରା ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ସଭାପତି ବ୍ଲକ ସଂଘର ନୂତନ କର୍ମକର୍ତ୍ତା ସଭାପତି ଗୁରୁଚରଣ ବିଶ୍ୱାଳ, ଉପସଭାପତି ପ୍ରମୋଦ କୁମାର ପ୍ରଧାନ, ଉପସଭାନେତ୍ରୀ ରମ୍ଭା ସ୍ୱାଇଁ, ସମ୍ପାଦକ ମହେଶ୍ୱର ପ୍ରଧାନ, ସହ ସମ୍ପାଦକ ଗୌତମ ମୋହନ ପ୍ରଧାନ, ରଜନୀକାନ୍ତ ଆଚାର୍ଯ୍ୟ, ତଅପୋଇ ସେଠୀ, କୋଷାଧ୍ୟକ୍ଷ ରଞ୍ଜନରଶ୍ମି ପ୍ରଧାନ, ସଂଯୋଜକ ଲୋକନାଥ ସାମଲଙ୍କୁ ଶପଥପାଠ କରାଇଥିଲେ।

# ଜେଲରଙ୍କ ମାଡ଼ରେ କଏଦୀ ଆହତ

**ରେଢ଼ାଖୋଲ,୧୧।୯(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢ଼ାଖୋଲ ଉପକାରାଗାରରେ ରବିବାର ଜେଲରଙ୍କ ମାଡ଼ରେ କାର୍ତ୍ତିକ ନାଏକ ନାମକ ଜଣେ ବିଚାରାଧୀନ କଏଦୀ ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା ପରେ ତାଙ୍କୁ ଜେଲକୁ ନିଆଯାଇଛି। ଜେଲରେ ନିମ୍ନମାନର ଖାଦ୍ୟ ଯୋଗାଣ ନେଇ କଏଦୀମାନେ ବିଭିନ୍ନ ସମୟରେ ଅଭିଯୋଗ କରିବା ସହ ଅନଶନ କରିବାକୁ ନେଇ ରବିବାର ଏଭଳି ଘଟଣା ଘଟିଥିବା ଜଣାପଡିଛି। ଏ ସମ୍ପର୍କରେ ଜେଲର ଉପେନ୍ଦ୍ର ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, କାହାକୁ ମାଡ଼ ମରାଯାଇ ନାହିଁ। ବିଭିନ୍ନ ସମୟରେ ବିଚାରାଧୀନ ଥିବା କାର୍ତ୍ତିକ ନାଏକ ଓ ଅନ୍ୟ ୩ଜଣ ଜେଲ ଭିତରେ ଖାଦ୍ୟ ଫିଙ୍ଗାଫୋପଡା କରିବା ସହିତ ଦୁର୍ବ୍ୟବହାର କରୁଥିଲେ। ସେମାନଙ୍କୁ ଅନ୍ୟ ଜେଲକୁ ସ୍ଥାନାନ୍ତର କରାଯିବାକୁ କୋର୍ଟଙ୍କ ଅନୁମତି ମଗାଯାଇଥିଲା। ତେବେ କୋର୍ଟଙ୍କ ଅନୁମତି ପରେ ରବିବାର ବଲାଙ୍ଗୀର ଜେଲକୁ ସ୍ଥାନାନ୍ତର କରାଯିବାକୁ କୁହାଯିବା ପରେ କଏଦୀମାନେ ପ୍ରତିବାଦ କରିବା ସହିତ ଗଣ୍ଡଗୋଳ କରିଥିଲେ। ଏଥିରେ କାର୍ତ୍ତିକ ଆହତ ହୋଇଥିବା ସେ କହିଛନ୍ତି।



ଆହତ କାର୍ତ୍ତିକ ନାଏକ।

# ସାହିତ୍ୟ ଏକାଡେମୀ ପକ୍ଷରୁ ଗ୍ରାମାଲୋକ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ନାକଟିଦେଉଳ,୧୧।୯(ଡ଼ି.ଏନ.ଏ.)**

କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଓ ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ରବିବାର ସାହିତ୍ୟ ଭିତ୍ତିକ କାର୍ଯ୍ୟକ୍ରମ ଗ୍ରାମାଲୋକ ଆୟୋଜିତ ହୋଇଯାଇଛି। ସାହିତ୍ୟ ଏକାଡ଼େମୀ ସଦସ୍ୟ ତଥା ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ପ୍ରାଧ୍ୟାପକ ଡ଼. ଶ୍ୟାମ ଭୋଇ ସଭାପତିତ୍ୱ କରି ପଲ୍ଲୀର ସାହିତ୍ୟିକଙ୍କୁ ଦିଲ୍ଲୀ ସହିତ ଯୋଡିବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧୀର କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମାତୃଭାଷା ଓ ମାତୃଭୂମିର ବିକାଶ ଦିଗରେ ସାହିତ୍ୟର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ପ୍ରଧାପକ ଡ଼. ଦୀପେନ କୁମାର ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ଶେଷଦେବ ବିଶ୍ୱାଳ, ବିନୋଦ ବିହାରୀ ପ୍ରଧାନ, ବିଜୟ କୁମାର ସାହୁ, କ୍ଷମାନିଧି ବେହେରା, ପ୍ରଦୀପ ବିଶ୍ୱାଳ, ଦେବାଶିଷ ଦାଶ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସରାପାଲି ପଞ୍ଚାୟତ ହିକପାଲି ଗ୍ରାମର ଲିଙ୍ଗରାଜ ସାହୁ ଓ ଭାବଗ୍ରାହୀ ଷଣ୍ଢ ଦାସକାଠିଆ ପରିବେଷଣ କରି ସମ୍ବର୍ଦ୍ଧିତ ହୋଇଥିଲେ। ଶେଷରେ ଅଧ୍ୟାପକ ଦେବେଶ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଅଜଣା ବନ୍ୟଜନ୍ତୁ ଆକ୍ରମଣରେ ୧୫ ଆହତ



ଆହତମାନଙ୍କୁ ଚିକିତ୍ସା କରାଯାଉଛି।

**ସୁନ୍ଦରଗଡ଼,୧୧।୯(ଡି.ଏନ୍.ଏ.)**

### ୩ ଗୁରୁତର

ସୁନ୍ଦରଗଡ଼ ବନଖଣ୍ଡ ଅନ୍ତର୍ଗତ ସଲଙ୍ଗାବୁଡ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ଅଜଣା ବନ୍ୟଜନ୍ତୁ ଆକ୍ରମଣରେ ୧୫ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏଥିମଧ୍ୟରୁ ୩ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଗୁରୁବାରୀ ପୃଷ୍ଟେଠଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଆହତଙ୍କ ମଧ୍ୟରେ ୩ଜଣ ବନ ବିଭାଗ କର୍ମଚାରୀ ମଧ୍ୟ ରହିଛନ୍ତି।

ଗ୍ରାମବାସୀଙ୍କ କହିବା ଅନୁସାରେ ଶନିବାର ରାତି ପ୍ରାୟ ୧୧ଟାବେଳେ ପ୍ରଥମେ ଗ୍ରାମର ଜଣେ ମହିଳା ଘରେ ଶୋଇଥିବାବେଳେ ହଠାତ ଏକ ଅଜଣା ଜନ୍ତୁ ଘରେ ପଶି ତାଙ୍କୁ କାମୁଡ଼ିଥିଲା। ମହିଳାଙ୍କ ଚିତ୍କାର ଶୁଣି ପରିବାର ଲୋକେ ଓ ଗ୍ରାମବାସୀ ପହଞ୍ଚିଥିଲେ। ଏହା ପରେ ଘଟଣାର ସାଢେ ୩ଘଣ୍ଟା ପରେ ପୁଣି ସେହି ବନ୍ୟଜନ୍ତୁ ଅନ୍ୟ ଲୋକଙ୍କ ଘରେ ପଶି ଅନ୍ୟମାନଙ୍କୁ କାମୁଡି ଥିଲା। ଖବରପାଇ ସୁନ୍ଦରଗଡ଼ ଡିଏଫ୍‌ଓ ପ୍ରଦୀପ ମିରାସେଙ୍କ ନିର୍ଦ୍ଦେଶ କ୍ରମେ ରବିବାର ଭୋର୍ ସହକାରୀ ବନ ସଂରକ୍ଷକ, ସୁନ୍ଦରଗଡ଼ ସଦର ରେଞ୍ଜ ଅଧିକାରୀ ଓ ବନ ବିଭାଗ କର୍ମଚାରୀମାନେ ସେଠାରେ ପହଞ୍ଚିଥିଲେ। ଅଜଣା ବନ୍ୟଜନ୍ତୁକୁ ଠାବ ପାଇଁ ବନ ବିଭାଗ ଅଭିଯାନ ଆରମ୍ଭ କରିଥିବାବେଳେ ଲୁଚି ରହିଥିବା ଏହି ଜନ୍ତୁ ଅତର୍କିତ ଆକ୍ରମଣ କରି ବନ ବିଭାଗ ଟିମ୍‌ର ୨ଜଣଙ୍କୁ ଆହତ କରିଥିଲା। ଏହି ଘଟଣା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ପ୍ରକାଶ ପାଇଛି। ଏହି ଜନ୍ତୁକୁ ଠାବ କରିବା ପାଇଁ ବନବିଭାଗ ଟିମ୍ ସେଠାରେ ରହି ତନାଘନା ଉଦ୍ୟମ ଚଳାଇଛି। ଏହି ଅଜଣା ଜନ୍ତୁ ବିଲୁଆ ହୋଇଥାଇପାରେ ଓ ଏହାକୁ ଠାବ ପାଇଁ ଉଦ୍ୟମ ଜାରି ରହିଛି ବୋଲି ଡିଏଫ୍‌ଓ ମିରାସେ ପ୍ରକାଶ କରିଛନ୍ତି। ସ୍ଥାନୀୟ ବିଧାୟିକା କୁସୁମ ଟେଟେ ଡାକ୍ତରଖାନାକୁ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

## ଟ୍ରାନ୍ସଫର୍ମରରେ ଚଢ଼ି ଯୁବକ ଗୁରୁତର

**ଦେବଗଡ଼,୧୧।୯(ଡି.ଏନ.ଏ.)**

ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗୁରୁତର ଆଘାତ ଲାଗିଛି। ଦେବଗଡ ଜିଲା ରିଆମାଳ ବ୍ଲକ ତାବଡା ପଞ୍ଚାୟତ କୁଦାଳପାଳ ଗ୍ରାମରେ ଏଭଳି ଘଟଣା ଘଟିଛି। ଅନ୍ୟପଟେ ଯୁବକଙ୍କ ମାନସିକ ସ୍ଥିତି ଠିକ ନ ଥିବାରୁ ଏଭଳି କାଣ୍ଡ ଘଟିଥିବା ଯୁବକଙ୍କ ପିତା ପ୍ରକାଶ କରିଛନ୍ତି। କୁଦାଳପାଳ ଗ୍ରାମର ଲକ୍ଷ୍ମଣ ବେହେରାଙ୍କ ପୁଅ ସରୋଜ (୨୬) ରାତି ପ୍ରାୟ ୧ଟା ବେଳେ ନିଦରୁ ଉଠି କ୍ଷୀପ୍ର ବେଗରେ ବାହାରକୁ ଦୌଡି ପଳାଇଥିଲେ। ପରିବାର ଲୋକ କିଛି ବୁଝିବା ପୂର୍ବରୁ ସରୋଜ ଆଖି ପିଛୁଳାକେ କୁଆଡେ ଉଭାନ ହୋଇଯାଇଥିଲେ। ସକାଳୁ ସରୋଜଙ୍କୁ ଗୁରୁତର ଅବସ୍ଥାରେ ଦଳକବାହାଲ ଗ୍ରାମ ନିକଟରେ ଠାବ କରାଯାଇଥିଲା। ବିଦ୍ୟୁତ୍ ଆଘାତରେ ତାଙ୍କ ଦୁଇ ହାତ ପୋଡି ଯାଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପରିବାର ଲୋକ ଘଟଣାସ୍ଥଳକୁ ଯାଇ ସରୋଜଙ୍କୁ ପଚାରିବାରୁ ରାତିରେ କେହି ଜଣେ ବ୍ୟକ୍ତି ଟାଙ୍ଗିଆ ଧରି ତାଙ୍କୁ ଗୋଡାଇବାରୁ ପ୍ରାଣ ବିକଳରେ ସେ ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ଚଢି ଏଭଳି ଗୁରୁତର ଆହତ ହୋଇଥିବା ପ୍ରକାଶ କରିଥିଲେ। ଗୁରୁତର ଭାବେ ସରୋଜଙ୍କୁ ଉଦ୍ଧାର କରି ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ଅବସ୍ଥା ଅଧିକ ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ପଠାଇ ଦିଆଯାଇଛି।

# ଫାର୍ମରୁ ଛେଳି ଚୋରି କରି ୪ ଗିରଫ




ଗିରଫ ଅଭିଯୁକ୍ତମାନେ ।

**ସମ୍ବଲପୁର,୧୧।୯(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଗୋବର୍ଦ୍ଧନ ବଡ଼ମାଲ ଗ୍ରାମରେ ଥିବା ଏକ ଫାର୍ମରୁ ଛେଳି ଚୋରି କରି ୪ ଗିରଫ ହୋଇଛନ୍ତି। ସେମାନେ ହେଲେ ବରଗଡ଼ ଜିଲା ଅତାବିରା ଥାନା ଅନ୍ଧାରିପଟା ଗ୍ରାମର ରାଜା ଗର୍ଡିଆ, ଦୁଲମପୁରର ସମ୍ବିତ ସ୍ୱାଇଁ, ଗୋଡ଼ଭଗାର ରବି ସୁନା ଓ ଛେଳି କିଣିଥିବା ଝାଡ଼ଖଣ୍ଡ ମୂଳ ବାସିନ୍ଦା ତଥା ଗୋଡ଼ଭଗା ନିବାସୀ ମହେନ୍ଦ୍ର ପ୍ରସାଦ ବରି। ଅଭିଯୁକ୍ତଙ୍କଠାରୁ ଚୋରି ହୋଇଥିବା ଏକ ଛେଳି ଓ ଏଥିରେ ବ୍ୟବହୃତ ସ୍କୁଟି (ଓଡି୧୫ୟୁ-୩୯୫୩) ଜବତ ହୋଇଛି। ଏ ନେଇ ଯୁଯୁମୁରା ଥାନାରେ ୧୩୪/୨୨ରେ ମାମଲା ରୁଜୁ କରାଯାଇଛି। ପୋଲିସ ସୂଚନା ମୁତାବକ ଅଗଷ୍ଟ ୭ ଓ ସେପ୍ଟେମ୍ବର ୯ରେ ଗ୍ରାମର ସିତିକଣ୍ଠ ବେହେରାଙ୍କ ଛେଳି ଫାର୍ମରୁ ୪ଟି ଛେଳି ଚୋରି ହୋଇଥିଲା। ଏହାକୁ ନେଇ ସିତିକଣ୍ଠ ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ ପରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

# ପେନ୍‌ସନ୍‌ପଡ଼ା ଏମ୍‌ସିସି ଓ ରେଢ଼ାଖୋଲ ବିଜୟୀ

**ସମ୍ବଲପୁର,୧୧।୯(ବ୍ୟୁରୋ)**

### ଜିଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

ଜିଲା କ୍ରୀଡ଼ା ସଂଘ ଆୟୋଜିତ ଜିଲାସ୍ତରୀୟ ଡା. ସନାତନ ବେହେରା ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ରବିବାର ମ୍ୟାଚରେ ପେନ୍‌ସନ୍‌ପଡ଼ା ଏମ୍‌ସିସି ଓ ରେଢ଼ାଖୋଲ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ପ୍ରଥମ ମ୍ୟାଚ ସିଂହପାଲି ଖେଳପଡ଼ିଆରେ ଖଣ୍ଡୁଆଳ ଏଫସି ବନାମ ପେନ୍‌ସନ୍‌ପଡ଼ା ମଧ୍ୟରେ ହୋଇଥିଲା। ଏଥିରେ ପେନ୍‌ସନ୍‌ପଡ଼ା ୩-୧ ଗୋଲରେ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ରେଢ଼ାଖୋଲ ବନାମ ମୋଦିପଡ଼ା ଏଫ୍‌ସି ମଧ୍ୟରେ ହୋଇଥିଲା। ରେଢ଼ାଖୋଲ ୨-୦ ଗୋଲରେ ବିଜୟୀ ହୋଇଥିଲା। ରାଜାରାମ ଓରାମ, ମନୋଜ ଭୋଇ, ମଥୁରା ଓରାମ, ଯୋଗେଶ ଓରାମ ଖେଳ ପରିଚାଳନା କରିଥିଲେ। ଅତିଥି ଭାବେ ଅବସରପ୍ରାପ୍ତ ସନ୍ତରଣ ପ୍ରଶିକ୍ଷକ ସୁରେନ୍ଦ୍ର ନାଏକ, ଶିକ୍ଷାବିତ୍ ପ୍ରେମରଞ୍ଜନ ପ୍ରଧାନ, ମହିଳା ଫୁଟ୍‌ବଲ କୋଚ ବଳରାମ ମଟାରୀ, ଜିଲା ଓକିଲ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ପ୍ରବୀଣ ସିଂଦେଓ, କ୍ରୀଡ଼ା ସଂଗଠକ ଇଦ୍ରିସ ମଲ୍ଲିକ, ଜିଲା କ୍ରୀଡ଼ା ସଂଘ କାଉନସିଲ ସଭ୍ୟ ରତିକାନ୍ତ ମହାନ୍ତି ଯୋଗ ଦେଇଥିଲେ। ଫୁଟବଲ ସମ୍ପାଦକ ଅବଦୁଲ ଗଫାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ରେଢ଼ାଖୋଲ ଖେଳାଳି ସୋନୁ ପାତ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଦିଆଯାଉଛି।

## ଫାଶି ଲଗାଇ ଯୁବକ ମୃତ

**ରାଉରକେଲା ଅଫିସ, ୧୧।୯:** ବେକରେ ଫାଶି ଲଗାଇ ସେକ୍ଟର-୩ ଥାନା ଅଞ୍ଚଳରେ ବାସ କରୁଥିବା ଜଣେ ଯୁବକର ମୃତ୍ୟୁ ହୋଇଛି। ମୃତ ଯୁବକ ଜଣଙ୍କ ହେଲେ ବିଜୟ କୁମାର ଜେନା(୧୯)। ସେକ୍ଟର-୩ ଥାନା ଅନ୍ତର୍ଗତ ଏଚ୍‌ଆଇଜି ବ୍ଲକ ଘରନଂ-ଏଚ୍-୯୨ରେ ବିଜୟ ବାସ କରନ୍ତି। ଶନିବାର ରାତିରେ ବିଜୟ ଖାଇସାରି ଶୋଇବାକୁ ଯାଇଥିଲେ । ପରେ ବିଳମ୍ବିତ ରାତିରେ ଘର ଆଜବେଷ୍ଟସ ଲୁହାପାଇପ୍‌ରେ ଏକ ରଶିବାନ୍ଧି ବେକରେ ଗୁଡାଇ ଝୁଲିଯାଇଥିଲା।

# ଚାଷୀ ସଙ୍ଗଠନର ପ୍ରସ୍ତାବିତ ରାସ୍ତାରୋକ ସ୍ଥଗିତ

**କୁଚିଣ୍ଡା,୧୧।୯(ଡି.ଏନ.ଏ.)**

ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ଉପଖଣ୍ଡରେ ୨୦୨୧ ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ମିଳିବା ନେଇ ବୀମା କମ୍ପାନୀ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ପ୍ରତିବାଦରେ ସୋମବାର ଜମନକିରା ଷଣ୍ଢପଥର ଠାରେ ୫୩ ନମ୍ବର ଜାତୀୟ ରାଜପଥ ଅବରୋଧ ପାଇଁ ଉପଖଣ୍ଡ ମିଳିତ ଚାଷୀ ସଂଗଠନ ପକ୍ଷରୁ ସରକାରଙ୍କୁ ନୋଟିସ ଦିଆଯାଇଥିଲା। ମାତ୍ର ଶୁକ୍ରବାର କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ପୂର୍ବତନ ବିଧାୟକ ରବି ନାରାୟଣ ନାଏକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସମବାୟ ମନ୍ତ୍ରୀ, ସରକାରଙ୍କ ଅଧିକ୍ଷ ସଚିବ ଅରବିନ୍ଦ ପାଢୀଙ୍କ ସହ ସାକ୍ଷାତ କରି ଆଲୋଚନା କରିଥିଲେ। ସଚିବ ପାଢୀ ଏହି ମର୍ମରେ ରାଜ୍ୟରେ ଏସ୍‌ଟିଏସ୍‌ସି କମିଟି ଗଠିତ ହୋଇ ନ ଥିବାରୁ ଫସଲବୀମା ମିଳିବାରେ ବିଳମ୍ବ ହେଉଥିବା କହି ଶୁକ୍ରବାର ଏହି କମିଟି ଗଠିତ ହୋଇଛି। ତେଣୁ ୪ଦିନ ସମୟ ଦିଅନ୍ତୁ ବୋଲି କହିଥିଲେ। ଏହି ଆଧାରରେ ଜମନକିରାରେ ଚାଷୀ ସଂଗଠନର ବୈଠକରେ ଆଲୋଚନା ହୋଇ ହେବାକୁ ଥିବା ରାସ୍ତାରୋକୋ ୧୮ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ରବିବାର ଏକ ଖବରଦାତା ସମ୍ମିଳନୀରେ ମିଳିତ ଚାଷୀ ସଂଗଠନର ଆବାହକ ବୀରେନ୍ଦ୍ର ଚୌଧୁରୀ ପ୍ରକାଶ କରିଛନ୍ତି। ଏହାସହ ୧୮ତାରିଖ ସୁଦ୍ଧା ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ନ ମିଳିଲେ ୧୯ତାରିଖରେ ପୂର୍ବ ନିଷ୍ପତ୍ତି ଅନୁଯାୟୀ ଆନ୍ଦୋଳନ କରିବାକୁ ଚୌଧୁରୀ କହିଛନ୍ତି।

# କାର୍ଯ୍ୟକ୍ଷମ ହେଉନି ଆଦିବାସୀ ଛାତ୍ରୀନିବାସ

**ଝାରସୁଗୁଡ଼ା ଅଫିସ,୧୧।୯**

### ଜିଲା ଛାତ୍ର ସାମ୍ମୁଖ୍ୟର ଆନ୍ଦୋଳନ ଚେତାବନୀ

ଝାରସୁଗୁଡା ଜିଲା କୋଲାବିରା ପଞ୍ଚାୟତ ସମିତି ଡିଗ୍ରୀ କଲେଜ ପରିସରରେ ଆଦିବାସୀ କଲ୍ୟାଣ ବିଭାଗ ତରଫରୁ ୮ ଲକ୍ଷ ଟଙ୍କା ବ୍ୟୟରେ ଛାତ୍ରୀନିବାସ ନିର୍ମାଣ ହୋଇଛି। ୨୦୦୧ ମେ ୩ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଝାରସୁଗୁଡା ବିଧାୟକ ହେମାନନ୍ଦ ବିଶ୍ୱାଳ ଏହାକୁ ଉଦ୍‌ଘାଟନ କରିଥିଲେ। ଇତିମଧ୍ୟରେ ୨୧ବର୍ଷ ବିତିଯାଇଥିବାବେଳେ ଏହା କାର୍ଯ୍ୟକ୍ଷମ ହେଇପାରିନାହିଁ। ରକ୍ଷଣାବେକ୍ଷଣ ଅଭାବରୁ ହଷ୍ଟେଲ ଗୃହର ଚଟାଣ, ଛାତ ଓ କାନ୍ଥ ଭାଙ୍ଗିରୁଜି ଗଲାଣି । ଏ ସମ୍ପର୍କରେ କଲେଜ କର୍ତ୍ତୃପକ୍ଷ ଓ ଅଞ୍ଚଳର ଶିକ୍ଷାପ୍ରେମୀ ଜିଲା ପ୍ରଶାସନ ଓ ଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସୁଫଳ ମିଳୁ ନ ଥିବା କଲେଜ ଅଧ୍ୟକ୍ଷ ସୁଶିଲ କୁମାର ନାୟକ କହିଛନ୍ତି। ଏ ଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଉ ନ ଥିବାରୁ ସ୍ଥାନୀୟ ଛାତ୍ରୀଛାତ୍ର, ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ଦିଗରେ ଜିଲାପାଳ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜିଲା ଛାତ୍ର ସାମ୍ମୁଖ୍ୟ ଦାବି କରିଛି । ଏହା ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଛାତ୍ର ସାମ୍ମୁଖ୍ୟ ଜିଲା ସଂଯୋଜକ ଜିତେନ୍ଦ୍ରୀୟ ଧୁରୁଆ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।



ପରିତ୍ୟକ୍ତ ହୋଇପଡିଥିବା ଆଦିବାସୀ ଛାତ୍ରୀନିବାସ।

ଯଦି ତୁମେ ନିଜର ଦୋଷତ୍ରୁଟିକୁ ନିଜେ ଦେଖିପାରୁ ନାହଁ– ତା'ହେଲେ ଏହାକୁ ନିଜ ଭିତରେ କୋଉଠି ନା କୋଉଠି ନିଷ୍ଠାର ଅଭାବ ଥିବାର ସଂକେତ ବୋଲି ଜାଣିବ।...ଭୟ କର ନାହିଁ। ଅକପଟ ସରଳତା ହିଁ ତୁମର ରକ୍ଷା କବଚ ଅଟେ। –ଶ୍ରୀମା



# କେତେ ପ୍ରସ୍ତୁତ

ପୂର୍ବ ଲଦାଖର ପାଟ୍ରୋଲିଂ ପଏଣ୍ଟ–୧୫ (ଗୋଗ୍ରା–ହଟ୍‌ସ୍ପ୍ରିଂସ ଅଞ୍ଚଳ)ରୁ ୧୨ ସେପ୍ଟେମ୍ବର ଅର୍ଥାତ୍ ଆଜି ସୁଦ୍ଧା ଚାଇନା ଓ ଭାରତ ସେମାନଙ୍କ ସେନା ପ୍ରତ୍ୟାହାର କରିନେବେ ବୋଲି କୁହାଯାଉଛି। ସେପ୍ଟେମ୍ବର ୮ରେ ଦୁଇ ଦେଶ ମଧ୍ୟରେ ହୋଇଥିବା ୧୬ତମ ସାମରିକ ଆଲୋଚନା ବେଳେ ଏଭଳି ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ଏହା କେତେ ବାସ୍ତବ ରୂପ ଗ୍ରହଣକରିବ ପରବର୍ତ୍ତୀ ସମୟରେ ଜଣାପଡ଼ିବ। କାରଣ ଚାଇନାର ବିସ୍ତାରବାଦୀ ଚିନ୍ତାଧାରା ଆଗରେ ଏଭଳି ଆଶ୍ୱାସନାମୂଳକ ପଦକ୍ଷେପ କିଛି ମାନେ ରଖି ନ ଥାଏ। ଅତୀତରେ ଦୁଇ ଦେଶ ମଧ୍ୟରେ ସେନା ପ୍ରତ୍ୟାହାର ଲାଗି ବହୁବାର ଆଲୋଚନା ହୋଇଛି, କିନ୍ତୁ ତାହାର ସୁଫଳ ମିଳିପାରି ନାହିଁ। ବରଂ ସ୍ଥିତି ଗମ୍ଭୀରରୁ ଗମ୍ଭୀରତର ହୋଇଛି। ସୂଚନାଯୋଗ୍ୟ, ଜୁନ୍ ୨୦୨୨ରେ ଲଦାଖର ଗଲୱାନରେ ଭାରତ ଓ ଚାଇନା ସେନା ମୁହାଁମୁହିଁ ହେବା ପରେ ୨୦ ଭାରତୀୟ ଯବାନଙ୍କ ମୃତ୍ୟୁ ଘଟିଥିଲା। ତେଣୁ ଚାଇନା କଥାରେ ଭାରତ ଭୋଳି ନ ଯାଇ ତା'ର ସାମରିକ ଶକ୍ତିକୁ ମଜଭୁତ କରିବା ଦରକାର।

ଏଭଳି ପରିପ୍ରେକ୍ଷୀରେ ନିକଟରେ ପ୍ରକାଶିତ ଏକ ରିପୋର୍ଟ ଭାରତୀୟଙ୍କୁ ବ୍ୟଥିତ କରିବା କଥା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବହୁଳ ପ୍ରଚାରିତ 'ମେକ୍ ଇନ୍ ଇଣ୍ଡିଆ' ନୀତିରେ ଭାରତ ଅସ୍ତ୍ରଶସ୍ତ୍ରରେ ପଛରେ ରହିଥିବା ବିଷୟ ପଦାକୁ ଆସିଛି। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ପ୍ରତିରକ୍ଷା ସାମଗ୍ରୀ ପରିମାଣ ବୃଦ୍ଧି କରିବା ଲାଗି 'ମେକ୍ ଇନ୍ ଇଣ୍ଡିଆ'ରେ ଅନେକ କଟକଣା ରହିଥିବାରୁ ଚାହିଦା ଅନୁଯାୟୀ ଉତ୍ପାଦନ ହୋଇପାରୁ ନାହିଁ। ପୁରୁଣା ଯୁଦ୍ଧାସ୍ତ୍ର ବଦଳାଇବା ଓ ଏଗୁଡ଼ିକର ମରାମତି ସକାଶେ ଭାରତର ସ୍ଥଳ, ବାୟୁ ଓ ନୌସେନା ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ଆମଦାନୀ କରିବା ଉପରେ ମଧ୍ୟ କଟକଣା କରାଯାଇଛି। ଏହି ନୀତି ଅନୁଯାୟୀ ୩୦ରୁ ୬୦ ପ୍ରତିଶତ ସ୍ୱଦେଶୀ ଉତ୍ପାଦ ବାଧ୍ୟତାମୂଳକ ହୋଇଛି। ଏକ ଉଦାହରଣ ଭାବେ ଦେଖିଲେ ଭାରତୀୟ ସେନାରେ ହେଲିକପ୍ଟର ସଙ୍କଟ ଦିନକୁ ଦିନ ଗମ୍ଭୀର ହେବାରେ ଲାଗିଛି। ତିନି ସେନା ୫୦ ବର୍ଷରୁ ଅଧିକ ସମୟ ହେଲା ଫ୍ରାନ୍ସ ନିର୍ମିତ ହେଲିକପ୍ଟର ଉପରେ ନିର୍ଭରଶୀଳ ରହିଆସିଛନ୍ତି। ଦେଖାଯାଉଛି କେତେକର ଉଡ଼ିବା ସମୟସୀମା ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ସେସବୁକୁ ଅବ୍ୟାହତି ଦିଆଯାଇ ନାହିଁ। ଅନେକ ସମୟରେ ଘଟୁଥିବା ଦୁର୍ଘଟଣା ଓ ସେଥିରେ ପାଇଲଟ୍‌ମାନଙ୍କ ମୃତ୍ୟୁ ପୁରୁଣା ହେଲିକପ୍ଟର ବ୍ୟବହାର ମୁଖ୍ୟତଃ ଦାୟୀ। ଏକ ଦେଶକୁ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ଲାଗି ପ୍ରୟାସ ହେବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ବିଷୟ। କିନ୍ତୁ ସେହି ଲକ୍ଷ୍ୟରେ ପହଞ୍ଚି ସ୍ୱୟଂସମ୍ପନ୍ନ ହେବା ପୂର୍ବରୁ ଆମଦାନୀ ବନ୍ଦ କରିଦେଲେ ତାହା ଦେଶର ସେନା ପାଇଁ ନିଶ୍ଚିତ ବିପଦ ଆଣିବ। ରିପୋର୍ଟରେ ଦର୍ଶାଯାଇଥିବା ତଥ୍ୟ ଅନୁଯାୟୀ ୨୦୩୦ ସୁଦ୍ଧା ବାୟୁସେନାରେ ୩୦ରୁ କମ୍ ଲଢ଼ୁଆ ବିମାନ ରହିଥିବ। ଯଦି ଏହି ଗୋଟିଏ ପ୍ରତିରକ୍ଷା ସାମଗ୍ରୀକୁ ଆଲୋଚନାର ବିନ୍ଦୁ ଭାବେ ଦେଖାଯାଏ ତାହା ହେଲେ ପଡ଼ୋଶୀ ଚାଇନା ଓ ପାକିସ୍ତାନକୁ ମୁକାବିଲା ଲାଗି ଭାରତ କେତେ ସକ୍ଷମ ହେବ କାହାରିକୁ ବୁଝାଇବା ଦରକାର ନାହିଁ। ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍(ହାଲ୍) ବର୍ଷକୁ ମାତ୍ର ୮ଟି ତେଜସ ଫାଇଟର କିମ୍ବା ଗୋଟିଏ ସ୍କ୍ୱାର୍ଡନ ଯୁଦ୍ଧଜାହାଜ ନିର୍ମାଣ କରିପାରୁଛି। ଏହାକୁ ମଧ୍ୟ ଏବେ ସରକାରୀ ଖର୍ଚ୍ଚ ବନ୍ଦ କରି ପଙ୍ଗୁ କରି ଦିଆଯାଉଛି। ଯଦିବା ଏହି ସଂସ୍ଥା ତା'ର କ୍ଷମତାକୁ ଆହୁରି ବୃଦ୍ଧି କରିପାରିବ, ତଥାପି ତାହା ଚାହିଦାକୁ କଦାପି ପୂରଣ କରିପାରିବ ବୋଲି ଆଶା କରାଯାଇପାରୁ ନାହିଁ। ପୁଣି ଯଦି ସେଭଳି ସମୟରେ ଭାରତ ଅନ୍ୟ କେଉଁ ଦେଶ ସହ ପ୍ରତିରକ୍ଷା ସାମଗ୍ରୀ କ୍ରୟ ସଂକ୍ରାନ୍ତ ସମ୍ପର୍କ ରଖି ନ ଥିବ, ସେତେବେଳେ ଆହୁରି ବିପଦପୂର୍ଣ୍ଣ ସ୍ଥିତିର ସମ୍ମୁଖୀନ ହେବ। ଏମିତି ଦେଖିଲେ ଭାରତର ବନ୍ଧୁ ରାଷ୍ଟ୍ର କୁହାଯାଉଥିବା ରୁଷିଆ ମଧ୍ୟ ସାହାଯ୍ୟ କରିବାକୁ ଆଗେଇ ଆସି ନ ପାରେ। କାରଣ ରୁଷିଆ–ୟୁକ୍ରେନ୍ ଯୁଦ୍ଧ ଯୋଗୁ ଯୋଗାଣ ଶୃଙ୍ଖଳରେ ବାଧା ଉପୁଜିସାରିଛି। ଏହା ବ୍ୟତୀତ ୟୁକ୍ରେନ୍ ଯୁଦ୍ଧରେ ରୁଷିଆକୁ ପରୋକ୍ଷରେ ମିଳୁଥିବା ଚାଇନାର ସମର୍ଥନ ସମଗ୍ର ପୃଥିବୀକୁ ଜଣା।

ଭାରତର ଘରୋଇ ଶିଳ୍ପର ଦାୟିତ୍ୱସମ୍ପନ୍ନତା ଏବଂ ଦକ୍ଷତା ସମ୍ପର୍କରେ ଅନେକ ସନ୍ଦେହ ରହୁଛି। ଉଦାହରଣ ସ୍ୱରୂପ ଫ୍ରାନ୍ସର ଡାସଲ୍ଟ, ଆମେରିକାର ନିର୍ଥ୍ରୋପ୍ ଗ୍ରୁମ୍ୟାନ୍ ଓ ଲକ୍ହିଡ୍ ମାର୍ଟିନ୍, ଚାଇନାର ଅଭିକ୍, ସିଇଟିସି ଏବଂ ବ୍ରିଟେନ୍‌ର ବିଏଇ ସିଷ୍ଟମ୍ସ ଭଳି ବୃହତ କମ୍ପାନୀ ଅନେକ ଦଶନ୍ଧି ଧରି ବିଭିନ୍ନ ପ୍ରକାରର ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରିଆସୁଛନ୍ତି। ସେଗୁଡ଼ିକର ପରୀକ୍ଷା କେବଳ ସାମରିକ ଅଭ୍ୟାସରେ ନୁହେଁ, ବିଶ୍ୱବ୍ୟାପୀ ଘଟୁଥିବା ଯୁଦ୍ଧଗୁଡ଼ିକରେ ହୋଇଆସୁଥିବାରୁ ବିଶ୍ୱସନୀୟତା ଉପରେ ସନ୍ଦେହ ରହୁନାହିଁ। କିନ୍ତୁ ଭାରତରେ ନୂତନ ଭାବେ ପ୍ରବେଶ କରୁଥିବା ଘରୋଇ କମ୍ପାନୀଗୁଡ଼ିକର ଇତିହାସକୁ ଦେଖିଲେ କୌଣସି କ୍ଷେତ୍ରରେ ବିଶ୍ୱସନୀୟତାର ପ୍ରମାଣ ମିଳୁନାହିଁ। ସେଥିପାଇଁ ଆଜିର ପୃଥିବୀରେ ଲାଗିରହିଥିବା ଦ୍ୱେଷ ଓ ବିଶେଷକରି ଭାରତକୁ ଘେରି ରହିଥିବା ଅପଡ଼ ପଡ଼ୋଶୀ ମେଣ୍ଟକୁ ଆଖିରେ ରଖି ଭାରତ ତା'ର ଭବିଷ୍ୟତର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ଦରକାର। ଚାଇନା ସହିତ ବୁଝାମଣା ହୋଇପାରିଛି ବୋଲି ଯାହା କୁହାଯାଉଛି, ତାହା କେବଳ ଆଭ୍ୟନ୍ତରୀଣ ବଜାରକୁ ସନ୍ତୁଷ୍ଟ କରିବା ପାଇଁ ଉଦ୍ଦିଷ୍ଟ ଥିବା ଭଳି ମନେ ହୁଏ। ସେଥିପାଇଁ ଆସନ୍ତା ଦିନଗୁଡ଼ିକରେ ଭାରତକୁ ଆହୁରି ଅଧିକ ସଜାଗ ରହିବାକୁ ପଡ଼ିବ। ମିଥ୍ୟା ପ୍ରଚାରରେ ବିଶ୍ୱାସ କରି ଅଧିକାଂଶ ନାଗରିକ ଭାବୁଛନ୍ତି ଯେ, ଉଭୟ ପାକିସ୍ତାନ ଓ ଚାଇନାକୁ ହରାଇବା ପାଇଁ ଭାରତ ସକ୍ଷମ। ଏହି ପ୍ରଚାରକୁ ବୃଦ୍ଧି କରାଇଲେ ଦେଶର ଯୁଦ୍ଧ ପ୍ରସ୍ତୁତିରେ ଆଞ୍ଚ ଆସିପାରେ।

ଆଜିର ଭାରତରେ କୌଣସି ବୃହତ କମ୍ପାନୀ ଯୁଦ୍ଧ ସାମଗ୍ରୀ ପ୍ରସ୍ତୁତ କରୁ ନ ଥିବାରୁ ସରକାରୀ ଅର୍ଥ ସେ ଦିଗରେ ବିପୁଳ ପରିମାଣରେ ଖର୍ଚ୍ଚ ହେଉ ନାହିଁ। ପୂର୍ବରୁ ଏକ ଶାନ୍ତିପ୍ରିୟ ଦେଶର ମୁଖା ପିନ୍ଧି ରହିଥିବା ଭାରତ ଏହି କ୍ଷେତ୍ରରେ ନିଜର ଭିତ୍ତିଭୂମି ସୃଷ୍ଟି କରିବାରେ ବିଫଳ ହୋଇଥିଲା। ଅହିଂସା ଥିଲା ଭାରତର ଅସ୍ତ୍ର। ଏବେ ସେହି ଆଭିମୁଖ୍ୟ ବଦଳାଇ ଭାରତୀୟମାନେ ରକ୍ତମୁଖା ହେବା ପାଇଁ ଆଗଭର ହେଉଛନ୍ତି। ରାଜନୈତିକ ନେତୃତ୍ୱ ମଧ୍ୟ ସେହି ଚିନ୍ତାଧାରାକୁ ପ୍ରୋତ୍ସାହିତ କରୁଛି। କିନ୍ତୁ ସେଥିପାଇଁ ଯେଉଁ ପ୍ରସ୍ତୁତିର ଆବଶ୍ୟକତା ରହିଛି ତାହା କରାଯାଉ ନାହିଁ। ଏତଦ୍‌ବ୍ୟତୀତ ଆଦାନୀ ଏବଂ ଟାଟା ଭଳି ବଡ଼ ଶିଳ୍ପୋଦ୍ୟୋଗୀମାନେ ଏହି କ୍ଷେତ୍ରକୁ ଆସିନାହାନ୍ତି ବୋଲି ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ ଶିଳ୍ପର ଅଗ୍ରଗତି ଘଟିପାରୁନାହିଁ।

## su|do|ku
Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 1 | 8 | | | | | 6 | | |
| 9 | | | 1 | | | 5 | | |
| | 2 | 3 | | 6 | | | | |
| | | | | | | | 7 | 5 |
| 6 | | | | | 9 | | 2 | |
| 4 | | | 2 | 7 | 1 | | | |
| 2 | 7 | | | | | | | 4 |
| | | | | | | | 5 | |
| | | 9 | | 4 | 3 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 1 | 8 | 5 | 6 | 2 | 4 | 3 |
| 8 | 2 | 3 | 4 | 9 | 7 | 5 | 1 | 6 |
| 5 | 6 | 4 | 2 | 1 | 3 | 7 | 9 | 8 |
| 6 | 7 | 2 | 9 | 4 | 5 | 3 | 8 | 1 |
| 4 | 1 | 9 | 3 | 7 | 8 | 6 | 5 | 2 |
| 3 | 5 | 8 | 1 | 6 | 2 | 4 | 7 | 9 |
| 9 | 8 | 6 | 7 | 3 | 4 | 1 | 2 | 5 |
| 1 | 3 | 7 | 5 | 2 | 9 | 8 | 6 | 4 |
| 2 | 4 | 5 | 6 | 8 | 1 | 9 | 3 | 7 |

ଗତକାଲିର ଉତ୍ତର

# ଦଣ୍ଡ ବ୍ୟବସ୍ଥାରେ ବିଡ଼ମ୍ବନା



ଡ. ଛାୟାକାନ୍ତ ଷଡ଼ଙ୍ଗୀ

୨୦୦୨ ମସିହାରେ ଗୋଧ୍ରା ନରସଂହାରରେ ଘଟିଥିବା ଏକ ନାରକୀୟ ଘଟଣା। ସାମ୍ପ୍ରଦାୟିକ ନିଆଁ ଗୁଜରାଟକୁ କବଳିତ କରିଥାଏ। ଏକୋଇଶ ବର୍ଷୀୟା ପାଞ୍ଚମାସର ଗର୍ଭବତୀ ମହିଳା ବିଲ୍‌କିସ ବାନୋ ତା'ର ମା' ଓ ସାଢ଼େ ତିନିବର୍ଷର ଛୋଟ ଝିଅ ଏବଂ କେତେଜଣ ଆତ୍ମୀୟଙ୍କ ସଙ୍ଗେ ଆତ୍ମରକ୍ଷା ପାଇଁ ଗାଁରୁ ପଳାୟନ କଲେ। ମାତ୍ର କିଛି ଜହ୍ଲାଦ ତାଙ୍କୁ ଓ ତାଙ୍କ ମା'ଙ୍କୁ ବଳାତ୍କାର କରିବା ସଙ୍ଗେ ସଙ୍ଗେ ତା'ର ସାଢ଼େ ତିନିବର୍ଷର ଝିଅକୁ ଟେକି କଚାଡ଼ି ମାରିଦେଲେ ଓ ସାତଜଣ ଆତ୍ମୀୟଙ୍କୁ ହତ୍ୟା କଲେ। ତିନି ଘଣ୍ଟା ପରେ ବାନୋଙ୍କ ଚେତା ଫେରିଲା ଓ ସେ ଥାନାରେ ଖବର ଦେଲେ। ମକଦ୍ଦମା ଚାଲିଲା ଓ ଅପରାଧୀମାନଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ହେଲା। ଏବେ ଗୁଜରାଟ ସରକାର ସେହି ଅପରାଧୀମାନଙ୍କର ବୟସ ଓ ବିଗତ ୧୪ ବର୍ଷର ଜେଲ ଜୀବନରେ ସେମାନଙ୍କର ସ୍ୱଭାବକୁ ଭିତ୍ତି କରି ସେମାନଙ୍କୁ ରାଜକ୍ଷମା ଦେଇଛନ୍ତି। ଏହି ପ୍ରସଙ୍ଗରେ ସରକାରୀ ଦଳର ଜଣେ ବିଧାୟକ କହିଛନ୍ତି, "ସରକାରଙ୍କ ନିଷ୍ପତ୍ତି ଯଥାର୍ଥ। କାରଣ ଅପରାଧୀମାନେ ଜାତିରେ ହେଉଛନ୍ତି ବ୍ରାହ୍ମଣ ଓ ସେହି ଦୃଷ୍ଟିରୁ ବର୍ଣ୍ଣଗତ ଭାବରେ ଉଚ୍ଚ ସଂସ୍କାରର।" ଏହି ଦୁର୍ଭାଗ୍ୟଜନକ ମନ୍ତବ୍ୟ ମନେପକାଇଦିଏ ପ୍ରାଚୀନ ଭାରତର ଦଣ୍ଡବିଧି। ପୃଥିବୀର ପ୍ରଥମ ଆଇନ ପ୍ରଣେତା ଥିଲେ ମନୁ। ତାଙ୍କ ଦଣ୍ଡବିଧାନ ଆଧୁନିକ ଆଇନ ବ୍ୟବସ୍ଥାଠାରୁ ଅଧିକ ମନୋବୈଜ୍ଞାନିକ ଓ ମୂଲ୍ୟବୋଧଭିତ୍ତିକ ଥିଲା। ସମାନ ଦୋଷ ପାଇଁ ଜଣେ ଶୂଦ୍ର ଯେଉଁ ଦଣ୍ଡ ପାଉଥିଲା, ଜଣେ ବୈଶ୍ୟ, କ୍ଷତ୍ରିୟ ବା ବ୍ରାହ୍ମଣ ସେ ତୁଳନାରେ ଅଧିକ ଦଣ୍ଡ ପାଉଥିଲା। ସେତେବେଳେ ଜ୍ଞାନ ଓ ବିଚାରବୋଧ ଦୃଷ୍ଟିରୁ ଅନ୍ୟ ତିନି ବର୍ଣ୍ଣର ଲୋକଙ୍କୁ ଶୂଦ୍ରଠାରୁ ଉନ୍ନତ ବୋଲି ଧରି ନିଆଯାଇଥିଲା। ମନୁ ସଂହିତାର ଅଷ୍ଟମ ଅଧ୍ୟାୟର ୨୦୦ ଓ ୨୦୧ ଶ୍ଳୋକ (ପ୍ରିୟବ୍ରତ ଦାସ ସଂକଳିତ)ରେ ଉଲ୍ଲେଖ ରହିଛି, ସମାନ ଅପରାଧ ପାଇଁ ଶୂଦ୍ରର ଦୁଇଗୁଣ ଦଣ୍ଡ ବୈଶ୍ୟକୁ, ବୈଶ୍ୟର ଦୁଇଗୁଣ ଦଣ୍ଡ କ୍ଷତ୍ରିୟକୁ ଓ କ୍ଷତ୍ରିୟର ଦୁଇଗୁଣ ଦଣ୍ଡ ବ୍ରାହ୍ମଣକୁ ଦିଆଯିବ। ମନୁଙ୍କ କହିବା ଉଦ୍ଦେଶ୍ୟ ଥିଲା ବ୍ରାହ୍ମଣ ନିଜକୁ ସମସ୍ତଙ୍କଠାରୁ ଜ୍ଞାନୀ ଓ ବିଚାରବନ୍ତ ବୋଲି ଦାବି କରିବା ସତ୍ତ୍ୱେ ଯଦି ଅପରାଧ କରେ, ସେ ସମସ୍ତଙ୍କଠାରୁ ବେଶି ଦଣ୍ଡ ପାଇବା କଥା। ଏହି ଦଣ୍ଡନୀତିର ଏକ ଉଦାହରଣ ଦେଖିବାକୁ ମିଳେ ମହାଭାରତରେ। ଦ୍ରୋଣଙ୍କ ତତ୍ତ୍ୱାବଧାନରେ କୌରବ ଓ ପାଣ୍ଡବମାନଙ୍କ ଶିକ୍ଷା ସମାପ୍ତ ହେଲା। ଯେତେବେଳେ ରାଜ୍ୟର ଯୁବରାଜ ଘୋଷଣା ସମୟ ଆସିଲା, ଦୁର୍ଯ୍ୟୋଧନଙ୍କ ଧାରଣା ହେଲା ଧୃତରାଷ୍ଟ୍ର ତାଙ୍କୁ ହିଁ ଯୁବରାଜ ଘୋଷଣା କରିବେ। ମାତ୍ର ଯୁଧିଷ୍ଠିର ଥିଲେ ସମସ୍ତଙ୍କଠାରୁ ବଡ଼। ପୁନଶ୍ଚ ବୁଦ୍ଧି ବିଦ୍ୟା ଓ ଜ୍ଞାନରେ ସେ ଦୁର୍ଯ୍ୟୋଧନଠାରୁ ଉଚ୍ଚରେ ଥିଲେ। ମନ୍ତ୍ରୀ ବିଦୁର ଉଭୟଙ୍କ ଶାସନ ଜ୍ଞାନର ପରୀକ୍ଷା ନେବା ପାଇଁ ପ୍ରସ୍ତାବ ଦେଲେ। ଠିକ୍ ସେହି ସମୟରେ କଟୁଆଳ ଚୌର୍ଯ୍ୟବୃତ୍ତି ଅପରାଧରେ ଜଣେ ବ୍ରାହ୍ମଣ ଓ ଜଣେ ଶୂଦ୍ରକୁ ରାଜ ଦରବାରରେ ଉପସ୍ଥିତ କରାଇଲେ। ସେମାନଙ୍କୁ ଦଣ୍ଡବିଧାନ କରିବା ପାଇଁ ଧୃତରାଷ୍ଟ୍ର ଦୁଇ ରାଜକୁମାରଙ୍କୁ ଆଦେଶ ଦେଲେ। ଦୁର୍ଯ୍ୟୋଧନ କହିଲେ, ବ୍ରାହ୍ମଣ ହେଉଛନ୍ତି ଜ୍ଞାନୀଶ୍ରେଷ୍ଠ ଓ ବର୍ଣ୍ଣଶ୍ରେଷ୍ଠ। ସାମାଜିକ ବ୍ୟବସ୍ଥାରେ ତାଙ୍କ ସ୍ଥାନ ଶୂଦ୍ରଠାରୁ ଉଚ୍ଚରେ ଥିବାରୁ ବ୍ରାହ୍ମଣକୁ ଦଣ୍ଡମୁକ୍ତ କରାଯାଉ। ମାତ୍ର ଯୁଧିଷ୍ଠିର କହିଲେ, ବ୍ରାହ୍ମଣ ଜ୍ଞାନୀଶ୍ରେଷ୍ଠ ଓ ସମାଜର ଦିଗ୍‌ଦର୍ଶକ। 'ମହାଜନୋ ଯେନ ଗତଃ ସପନ୍ଥା' ନ୍ୟାୟରେ ଅନ୍ୟ ବର୍ଗ ତାଙ୍କୁ ଅନୁସରଣ କରିବେ। ଏଣୁ ଜ୍ଞାନୀଶ୍ରେଷ୍ଠ ବ୍ରାହ୍ମଣମାନଙ୍କଠାରୁ ଅପରାଧ କେବେ ଆଶା କରାଯାଏ ନାହିଁ। ସେ ଚୌର୍ଯ୍ୟବୃତ୍ତି ଅବଲମ୍ବନ କରିଥିବାରୁ ତାଙ୍କୁ କଠୋରତମ ଦଣ୍ଡ ଦିଆଯାଉ। ଅପରପକ୍ଷରେ ଶୂଦ୍ର ଜଣକ ଅଶିକ୍ଷିତ ଓ ଅଜ୍ଞାନ। ଭଲ ମନ୍ଦ ବିଚାର କରିବାର ଶକ୍ତି ତା'ର କମ୍। ଏଣୁ ତାକୁ କମ୍ ଦଣ୍ଡ ଦିଆଯାଉ। ଯୁଧିଷ୍ଠିରଙ୍କ ପାଖରୁ ଏଭଳି ଦଣ୍ଡବିଧି ଶୁଣି ଧୃତରାଷ୍ଟ୍ର ଓ ବିଦୁର ଆନନ୍ଦିତ ହେଲେ ଓ ଯୁଧିଷ୍ଠିରଙ୍କୁ ଯୁବରାଜ ଘୋଷଣା କଲେ। ଯେଉଁ ବିଧାୟକ ମହାଶୟ ଅପରାଧୀମାନେ ବ୍ରାହ୍ମଣ ଥିବାରୁ ରାଜକ୍ଷମା ଯଥାର୍ଥ କହିଛନ୍ତି, ତାଙ୍କୁ ମନୁଙ୍କ ଦଣ୍ଡବିଧି ବିଷୟରେ ସ୍ମରଣ କରାଇ ଦିଆଯାଇପାରେ। ପୁନଶ୍ଚ କିଛି କର୍ମୀ ଅପରାଧୀମାନଙ୍କୁ ଫୁଲମାଳ ପିନ୍ଧାଇଥିବା ଆହୁରି ଚିନ୍ତାଜନକ। ଏକ ସଭ୍ୟ ସମାଜରେ ଏଭଳି ଧାରଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।



ଦଣ୍ଡ ବ୍ୟବସ୍ଥାରେ ଆଉ ଏକ ବିଡ଼ମ୍ବନା ହେଉଛି ନାବାଳକ, ସାବାଳକ ବିଚାର। ସାମ୍ପ୍ରତିକ ନ୍ୟାୟ ବ୍ୟବସ୍ଥାରେ ଜଣେ ଅପରାଧୀକୁ ୧୮ ବର୍ଷ ହେବା ପାଇଁ ଯଦି ଗୋଟିଏ ଦିନ ବାକିଥାଏ, ସେ କ୍ଷେତ୍ରରେ ସେ ନାବାଳକ ବିବେଚିତ ହୋଇ କମ୍ ଦଣ୍ଡ ପାଇବ। ହୁଏତ ଗୋଟିଏ ଦିନପରେ ସେ ବଡ଼ଦଣ୍ଡ ପାଇଥାଆନ୍ତା। ଦିଲ୍ଲୀ ପାରାମେଡିକାଲ ଛାତ୍ରୀ ଗଣବଳାତ୍କାର ଘଟଣା (୨୦୧୩) ସବୁଠାରୁ ବେଶି ଅମାନବୀୟ ବର୍ବରୋଚିତ ଅପରାଧ କରିଥିଲା ଜଣେ ନାବାଳକ। ମାତ୍ର ତାକୁ ଅଠର ବର୍ଷରୁ କମ୍ ବୟସ ହୋଇଥିବାରୁ ନାବାଳକ ଭାବରେ ବିଚାର କରାଯାଇ ମାତ୍ର ତିନିବର୍ଷ ଜେଲଦଣ୍ଡ ଦିଆଗଲା, କିନ୍ତୁ ଅନ୍ୟମାନଙ୍କୁ ଫାଶୀଦଣ୍ଡ ମିଳିଲା। ଏ କ୍ଷେତ୍ରରେ ଅପରାଧର ଗମ୍ଭୀରତାକୁ ବିଚାରକୁ ନିଆଗଲା ନାହିଁ। ଘଟଣାଟି ମନେପକାଇଦିଏ ଏକ ପୁରୁଣା କାହାଣୀ। ଜଣେ ରାଜା ତାଙ୍କ ରାଜ୍ୟରେ ଆଇନ ପ୍ରଣୟନ କରିଥିଲେ ଯେ, ତାଙ୍କ ରାଜ୍ୟରେ ଯିଏ ମାଙ୍କଡ଼ ମାରିବ ସେ କଠିନ ଦଣ୍ଡ ପାଇବ। ଦୈବାତ୍ ଦିନେ ରାଜାଙ୍କ ପୁଅ ବନ୍ଧୁକ ଧରି ଖେଳୁଥିଲା। ଭୁଲରେ ବନ୍ଧୁକରୁ ଗୋଟିଏ ଗୁଳି ଫୁଟିଗଲା ଓ ତାହା ବାଜିଲା ନିକଟସ୍ଥ ଗଛରେ ବସିଥିବା ଏକ ମାଙ୍କଡ଼ ଉପରେ। ମାଙ୍କଡ଼ଟି ସଙ୍ଗେ ସଙ୍ଗେ ମରିଗଲା। ରାଜ୍ୟସାରା ପ୍ରଚାର ହେଲା ରାଜାଙ୍କ ପୁଅ ମାଙ୍କଡ଼ ମାରିଛି। ପ୍ରଜାମାନଙ୍କ ବିଶ୍ୱାସଥିଲା ଯେ, ସେ ପୁଅ ହେଲେ ମଧ୍ୟ ରାଜା ତାକୁ ସମାନ ଦଣ୍ଡ ଦେବେ। ଦରବାର ବସିଲା। ଅପରାଧର ତର୍ଜମା ହେଲା। ରାଜା ଚିନ୍ତିତ ହୋଇ ପଡ଼ିଲେ, କାରଣ ସେ ନିଜେ ଆଇନ ତିଆରି କରିଛନ୍ତି। ରାଜାଙ୍କ ବିଶ୍ୱସ୍ତ ମନ୍ତ୍ରୀ ରାଜାଙ୍କୁ ଏହି ବିଷମ ପରିସ୍ଥିତିରୁ ମୁକୁଳେଇବା ପାଇଁ ଏକ ଉପାୟ ଚିନ୍ତା କଲେ। ଅନେକ ପାରିଷଦ ମନ୍ତବ୍ୟ ଦେଲେ ଆଇନ ଆଖିରେ ସମସ୍ତେ ସମାନ। ଏଣୁ ରାଜପୁତ୍ର ଦଣ୍ଡ ପାଇବା ଉଚିତ। ଶେଷରେ ମନ୍ତ୍ରୀ କହିଲେ, ମାଙ୍କଡ଼ଟା ମାଈ କି ଅଣ୍ଡିରା ତାକୁ ଦେଖାଯାଉ। କାରଣ ମାଙ୍କଡ଼ ମାରିବା ସିନା ଅପରାଧ, ମାଙ୍କଡ଼ୀ ମାରିବା ନୁହେଁ। ଏହି 'ଲିଙ୍ଗ' ବିଚାର ଭଳି ଏବେ 'ନାବାଳକ–ସାବାଳକ' ବିଚାର ଦଣ୍ଡବିଧିରେ ସ୍ଥାନ ପାଇଛି। ମାତ୍ର ଗୋଟିଏ ଦିନର ବ୍ୟବଧାନରେ ନାବାଳକ ହେବା ନାମରେ ଦଣ୍ଡର ପରିମାଣ କମିଯିବା ଆଉ ଏକ ବିଡ଼ମ୍ବନା ଓ ସେହି ଭିତ୍ତିରେ ଅନେକ ନାବାଳକ ଅମାନବୀୟ ଭୟଙ୍କର ଅପରାଧ କରି ମଧ୍ୟ ବଡ଼ଦଣ୍ଡ ପାଉନାହାନ୍ତି। ଅବଶ୍ୟ ଏଥିରେ ବିଚାର ବିଭାଗକୁ ଦୋଷ ଦେଇ ହେବ ନାହିଁ। ଆଇନ ତିଆରି କରନ୍ତି ପାର୍ଲାମେଣ୍ଟ ସଦସ୍ୟମାନେ ଓ ବିଚାରକମାନେ ସେହି ପରିସର ମଧ୍ୟରେ ଦଣ୍ଡାଦେଶ ଦିଅନ୍ତି। ସେ ଯାହା ହେଉ, ଏହିଭଳି ନ୍ୟାୟ ବ୍ୟବସ୍ଥାରେ ଅପରାଧୀମାନେ ଉପଯୁକ୍ତ ଦଣ୍ଡ ପାଉନଥିବାରୁ ସେମାନଙ୍କ ଭୟ ରହୁନାହିଁ ଓ ପରବର୍ତ୍ତୀ ସମୟରେ ଆହୁରି ଅପରାଧ କରୁଛନ୍ତି। ଏଣୁ ଏହି ଦଣ୍ଡ ବ୍ୟବସ୍ଥା ଆହୁରି ମନନ ଓ ମନ୍ଥନ ଆବଶ୍ୟକ କରୁଥିବା ମନେହୁଏ।

ପ୍ରାକ୍ତନ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼
ମୋ:୯୪୩୭୩୨୯୨୬୩

# ସ୍କନ୍ଧଂ ନ ବାଧତେ ରାଜନ୍



ହରେକୃଷ୍ଣ ଦାସ

ଭୋଜରାଜଙ୍କର ଅଶୁଦ୍ଧ ସଂସ୍କୃତ ଶୁଣି ତାଙ୍କ ସବାରି ବୋହୁଥିବା ଲୋକଟି ପ୍ରତିକ୍ରିୟା ପ୍ରକାଶ କରି କହିଥିଲା "ସ୍କନ୍ଧଂ ନ ବାଧତେ ରାଜନ ତବ 'ବାଧତି' ବାଧତେ"। ଅର୍ଥାତ୍, ସବାରି ବୋହିବା କାମରେ ଅନଭ୍ୟସ୍ତ ଥିବା ହେତୁ ଲୋକଟିର କାନ୍ଧରେ କଷ୍ଟ ହେଉଥିଲେ ବି ସେ ସୂଚାଇ ଦେଲା ଯେ ଏ କଷ୍ଟକୁ ବଳିପଡୁଛି ରାଜାଙ୍କର (ଅଜ୍ଞତା ଜନିତ) ଭୁଲ୍ ସଂସ୍କୃତ ପ୍ରୟୋଗ। ଏହାପରେ ରାଜାଙ୍କର ପ୍ରତିକ୍ରିୟା ବିଷୟରେ ସୂଚନା ନ ଥିଲେ ବି ଅନ୍ତତଃ ଏ କଥା ସ୍ଥିର ଯେ ନିଜର ଭୁଲ୍ ଜାଣିପାରିଥିଲେ ସେ ଲଜ୍ଜିତ ହୋଇଥିବେ ଏବଂ ତାକୁ ସୁଧାରିବାର ପ୍ରୟାସ କରିଥିବେ। ଏଥିରୁ ଆମମାନଙ୍କ ପାଇଁ ଅନ୍ତତଃ ଏତିକି ଶିକ୍ଷା ହେବା ଉଚିତ ବୋଲି ଆଶା କରାଯାଇପାରେ ଯେ ଆମେ କୌଣସି ଭୁଲ୍ କଲେ ବା ଆମଦ୍ୱାରା କିଛି ଅନିଚ୍ଛାକୃତ ଭୁଲ୍ ହୋଇଗଲେ, ସେ ବିଷୟରେ ଆମକୁ କେହି ସୂଚିତ କଲେ ଏହାକୁ ଆମ ଅହଂକାର ଉପରେ ପ୍ରହାର ବୋଲି ବିଚାର ନ କରି ଆମେ ତାକୁ ସ୍ୱୀକାର କରି ସଂଶୋଧନ କରିନେବା ଉଚିତ। ଏବଂ ଆମ ଭୁଲ୍‌କୁ ବିଭିନ୍ନ ବାହାନା ଦେଖେଇ ଠିକ୍ ବୋଲି ସାବ୍ୟସ୍ତ କରିବାକୁ ଚେଷ୍ଟା କରିବା ଅନୁଚିତ। କିନ୍ତୁ ସମସ୍ୟା ହେଲା କେଉଁଟା ଠିକ୍ କେଉଁଟା ଭୁଲ୍ ତା' ନିର୍ଦ୍ଧାରଣ କରିବା ପାଇଁ କୌଣସି ସ୍ଥିର ମାନଦଣ୍ଡ ନାହିଁ। ସାଧାରଣ ସାମାଜିକ ଗ୍ରହଣଶୀଳତା ଦୃଷ୍ଟିରୁ କୌଣସି ଘଟଣାକୁ ଠିକ୍ ବା ଭୁଲ୍ ବୋଲି ବିଚାର କଲେ ବି ଅନେକେ ଯୁକ୍ତି କରନ୍ତି ଯେ, ଏସବୁ ବିଚାର ଆପେକ୍ଷିକ ହୋଇଥିବାରୁ ସେମାନେ କିଛି ଭୁଲ୍ କରିଛନ୍ତି ବୋଲି କହିବା ହିଁ ଭୁଲ୍। ତା' ଛଡା, ନିଜ କାର୍ଯ୍ୟକୁ ଭୁଲ୍ ବୋଲି ଅନୁଭବ କରୁଥିଲେ ବି ସେମାନେ ଅନ୍ୟମାନଙ୍କ ଭୁଲ୍ ବିଷୟରେ ବିଷୋଦ୍‌ଗାର କରି ନିଜ କାର୍ଯ୍ୟକୁ ଠିକ୍ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରିଥାଆନ୍ତି।

ସେଦିନ ମାଛ କିଣିବା ବେଳେ ପାଖରେ ଛିଡ଼ା ହୋଇଥିବା ଭଦ୍ରଲୋକ ଜଣକ ଗୁଡ଼ାଏ ମାଛକୁ ହାତରେ ଏପଟ ସେପଟ କରି ପରୀକ୍ଷା କରିସାରି ସେ ଆଇଁଷ ହାତଟାକୁ ମାଛ ଦୋକାନୀର ଚାଳିଆରେ ବନ୍ଧା ହୋଇଥିବା ଆମ ଜାତୀୟ ପତାକାରେ ପୋଛି ପରିଷ୍କାର କରୁଥିବା ଦେଖି ମୁଁ ତାଙ୍କୁ ବାରଣ କଲି। ତ୍ରିରଙ୍ଗା ପତାକାକୁ ଏମିତି ଅସମ୍ମାନ ନ କରିବା ବିଷୟରେ ଏକ ଭାଷଣ ବି ଦେଲି। ଧୈର୍ଯ୍ୟର ସହ ମୋତେ ଶୁଣିସାରି ଭଦ୍ରଲୋକ ଜଣକ କହିଲେ, "ଆଜ୍ଞା, ଏଭଳି ଭାବରେ ତ୍ରିରଙ୍ଗା ଉଡ଼େଇବା ଦ୍ୱାରା କାହା ଭିତରେ କେଉଁଭଳି ଭାବରେ ଦେଶପ୍ରେମ ଜାଗ୍ରତ ହେଲା ମତେ ବୁଝାନ୍ତୁ ତ! ପତାକା ଉଡ଼େଇବା ବାହାନାରେ ସେ ଲୋକଟା ସେଠି କେମିତି ଟୁଇନ ୱାନ ବ୍ୟବସ୍ଥା କରିଛି ଦେଖନ୍ତୁ। ଗୋଟେ ବାଡିରେ ପତାକା ବାନ୍ଧି ତା' ବାଇକରେ ଖୋଷିଛି; ପୁଣି ତାକୁ କାଢ଼ି ସେଇଥିରେ ତା' ଗାଡିଟା ବି ପୋଛୁଚି। ଏ ମାଛ ଦୋକାନୀ ଏ ପତାକାରେ ଆଇଁଷ ହାତ ପୋଛି ପୋଛି ୟାକୁ କଳା ପକେଇ ସାରିଲାଣି। ସେଥିରେ ଆପଣଙ୍କର କିଛି ଅସୁବିଧା ହେଲାନି, ଅଥଚ ମୁଁ କ'ଣ ଟିକେ ହାତ ପୋଛିଦେଲି ଯେ ବେଦ ଅଶୁଦ୍ଧ ହୋଇଗଲା ଭଳିଆ ଆପଣ ମୋତେ ଭାଷଣ ଶୁଣଉଛନ୍ତି!"



ପତାକା ଉଡ଼େଇବାର ମହତ୍ତର ଭାବନାକୁ ଯେଉଁଭଳି ଭାବରେ ଅପମାନିତ କରାଯାଉଥିଲା ତା' ଖୁବ୍ କଷ୍ଟଦାୟକ। ଭଦ୍ରଲୋକ ଜଣକ ସେ ମାଛ ଦୋକାନୀ ବିଷୟରେ ମୋତେ କହୁଥିଲା ବେଳେ ଦୋକାନୀଟି ତାଙ୍କୁ ସେଇକ୍ଷଣି ମାରି ପକେଇଲା ଭଳିଆ ଯେମିତି ରାଗିକରି ଚାହିଁଥାଏ, ମୁଁ ତାକୁ କିଛି ଉପଦେଶ ଦେବାକୁ ସାହସ କଲିନି। ବାଇକବାଲା ବି ସତକୁ ସତ ପତାକାରେ ସିଟ୍ ପୋଛି ତାକୁ ଜାକିଜୁକି ଧରି ଚାଲିଗଲା। ଏ ଦୃଶ୍ୟ ଦେଖି ମୁଁ ଅପ୍ରସ୍ତୁତ ହୋଇଗଲି। ଭଦ୍ରଲୋକ ଜଣକ ଗାରଡ଼େଇ ହୋଇ ମୋତେ ଚାହିଁଲେ। ସେ ଅନ୍ୟମାନଙ୍କ ଗର୍ହିତ କାର୍ଯ୍ୟର ଉଦାହରଣ ଦେଇ ନିଜ ଭୁଲ୍‌କୁ ଠିକ୍ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରୁଛନ୍ତି ଜାଣି ବି ମୁଁ ତାଙ୍କ ସହ ଆଉ ଯୁକ୍ତି କରିବାକୁ ଉଚିତ ମଣିଲିନି। କାରଣ, ଅଧିକାଂଶ ଲୋକ ନିଜ ଭୁଲ୍ ସ୍ୱୀକାର କରିବା ତ ଦୂର କଥା, ସେ ବିଷୟରେ ତାଙ୍କୁ କେହି ସୂଚିତ କଲେ ବରଦାସ୍ତ କରିପାରନ୍ତିନି। ତାଙ୍କ ଅହଂକାର ଉପରେ ନିର୍ମମ ପ୍ରହାର ହେଲା ଭଳିଆ ଅନୁଭବ କରି ଭୟଙ୍କର ଭାବରେ ପ୍ରତିକ୍ରିୟାଶୀଳ ହୋଇପଡ଼ନ୍ତି। ନିଜ ଭୁଲ୍ କଦବା କେମିତି ହୃଦୟଙ୍ଗମ କଲେ ବି ଅନ୍ୟମାନଙ୍କ ନଜରରେ କାଳେ ଛୋଟ ପ୍ରମାଣିତ ହୋଇଯିବେ ସେଇ ଭୟରେ ବିଭିନ୍ନ ବାହାନାରେ ଅନ୍ୟର ଭୁଲ୍ ଦେଖେଇ ନିଜେ ଖସିଯିବାକୁ ଚେଷ୍ଟା କରନ୍ତି।

ସେଦିନ ଗୋଟେ ସାହିତ୍ୟ ସଭାରେ ମଞ୍ଚ ମଣ୍ଡନ କରିଥିବା ଅତିଥି ମହୋଦୟ ବିରକ୍ତି ଓ କ୍ଷୋଭର ସହ ଆୟୋଜକଙ୍କର ଏକ ଛୋଟ ଅଥଚ ଗୁରୁତର ଭୁଲ୍ ଭାବରେ ଏକ ବନାନଗତ ତ୍ରୁଟିକୁ ଦର୍ଶାଇଲେ। ନିମନ୍ତ୍ରଣ ପତ୍ରରେ ଛପା ଯାଇଥିବା 'ମୁଖ୍ୟଅତିଥି'ର ବନାନରେ 'ମୁ' ଅର୍ଥାତ୍ 'ମ'ରେ ହ୍ରସ୍ୱଉକାର ପରିବର୍ତ୍ତେ ଦୀର୍ଘଉକାର ଛପା ଯାଇଥିଲା, ଯାହାକୁ ସେ 'ମୁଖ୍ୟଅତିଥି' ନ କହି 'ମୂର୍ଖଅତିଥି' ଭାବରେ ବ୍ୟାଖ୍ୟା କଲେ। କହିବା ବାହୁଲ୍ୟ ଯେ ଆୟୋଜକମାନେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର କର୍ମକର୍ତ୍ତା ଥିଲେ, ଯିଏ ସବୁ ବନାନଗତ ତ୍ରୁଟି ସଂଶୋଧନ କରିବା ଦିଗରେ ଯତ୍ନଶୀଳ ହୋଇଥାନ୍ତେ ବୋଲି ଆଶା କରାଯାଉଥିଲା। ଅବଶ୍ୟ ସେମାନେ ସେଇ କ୍ଷଣି ଅତିଥିଙ୍କ ସାମ୍ନାରେ କ୍ଷମା ମାଗିନେଇଥିଲେ, କିନ୍ତୁ ପରବର୍ତ୍ତୀ ସମୟରେ ସେମାନଙ୍କ ପ୍ରତିକ୍ରିୟା ଆଶ୍ଚର୍ଯ୍ୟଜନକ ଥିଲା। ସଭା ଶେଷ ହେବା ମାତ୍ରେ ଆୟୋଜକ ବନ୍ଧୁ ଜଣେ ମୁହଁ ଫଣଫଣ କରି ଆସି କହିଲେ, 'ହୁଁ! ଏତେ ବଡ଼ ସଭାର ଆୟୋଜନ କରି ତାଙ୍କୁ ଅତିଥି କରି ଡାକିଲୁ, ସେଇଟା ଦେଖାଗଲାନି, ଅଥଚ ଗୋଟେ ବନାନ ଭୁଲ୍‌ରେ ତାଙ୍କର ସବୁ ଓଲଟପାଲଟ ହୋଇଗଲା!' ମୁଁ ବନ୍ଧୁଙ୍କୁ ବୁଝେଇବାକୁ ଯାଇ କହିଲି, 'ଠିକ୍ ଯେ, ହେଲେ ସେମାନଙ୍କ ଭୁଲ୍ ଦେଖେଇବା ଦ୍ୱାରା ଆମ ଭୁଲ୍ କ'ଣ ଠିକ୍ ସାବ୍ୟସ୍ତ ହୋଇଯିବ?' ବନ୍ଧୁ ଚୋଟ ମାରିଲା ଭଳି ଚଟ୍ କରି ବୁଲିପଡ଼ି କହିଲେ, 'ଆମର ଭୁଲ୍ ବାହାର କରିବା ପାଇଁ ନୈତିକତା କାହାର ଅଛି? ଆମ ଭୁଲ୍‌ଟା ଭୁଲ୍ ନୁହଁ।' 'ଅଧିକ ଯୁକ୍ତି କରି ନ ପାରି ମୁଁ କେବଳ କହିଲି' ସ୍କନ୍ଧଂ ନ ବାଧତେ ରାଜନ ତବ ବାଧତି ବାଧତେ।' ସେ କିଛି ବୁଝି ନ ପାରି ଖାଲି ହସିଦେଲେ ଏବଂ ସେ ନ ବୁଝି ବି ହସିଥିବା ଦେଖି ମୁଁ ହସିଦେଇ ଚାଲିଆସିଲି।

ଅଧ୍ୟାପକ, ଇଂଲିଶ ବିଭାଗ
ନିଆଳି କଲେଜ, ନିଆଳି, କଟକ
ମୋ: ୯୮୬୧୩୪୫୬୫୮

## ଏଇ ଭାରତରେ

ଜଳ ସଂରକ୍ଷଣ ଓ ଜଳାଶୟର ସୁରକ୍ଷା ଦିଗରେ ଦୁଇ ଦଶନ୍ଧି ହେଲା ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିଆସୁଛନ୍ତି କର୍ନାଟକର ଆଶା ଏସ୍.। ଏହି କାର୍ଯ୍ୟ ସେ 'ଅହୋରଣ' ଏନ୍‌ଜିଓ ମାଧ୍ୟମରେ କରୁଛନ୍ତି। ଫଳରେ ତାଙ୍କ ଗାଁର ବହୁ ପରିବାର ଜଳ ସଂରକ୍ଷଣ କରି ଚାଷ କରିବାକୁ ସକ୍ଷମ ହୋଇଛନ୍ତି। ଏଯାବତ୍ ସେ ଜଳ ସଂରକ୍ଷଣ ମାଧ୍ୟମରେ କୋଲାର ଜିଲାର ୧,୩୫୦ ପରିବାରକୁ ଚାଷରେ ସଶକ୍ତ କରିଛନ୍ତି । ଦୁଇଟି ହ୍ରଦର ପୁନରୁଦ୍ଧାର କରିଛନ୍ତି। ତାଙ୍କ ନିଜ ଗାଁ ମହିଳାମାନଙ୍କୁ ଏକାଠି କରି ସେ ଏହି ସଫଳତା ହାସଲ କରିଛନ୍ତି। ଏହା ବ୍ୟତୀତ ୩ଟି ସରକାରୀ ସ୍କୁଲକୁ ବର୍ଷାଜଳ ଅମଳ କରିବାରେ ସକ୍ଷମ କରାଇପାରିଛନ୍ତି। କେବଳ ଏତିକି ନୁହେଁ, ଆଶା ଓ ତାଙ୍କ ସାଥୀମାନେ ୧୭,୦୦୦ରୁ ଅଧିକ ଚାରା ରୋପଣ କରିଛନ୍ତି। ଆଶାଙ୍କ ଏଭଳି କାର୍ଯ୍ୟ ଯୋଗୁ ତାଙ୍କ ଗାଁ ଓ ଏହାର ଆଖପାଖ ଅଞ୍ଚଳରେ ଭୂତଳ ଜଳସ୍ତର ବୃଦ୍ଧି ପାଇଛି। ଧୀରେ ଧୀରେ ସେ ଏହି ଅଭିଯାନକୁ ବ୍ୟପକ କରି କୋଲାର ଜିଲାର ମରୁଡ଼ି ସ୍ଥିତିରେ ସୁଧାର ଆଣିବା ଲାଗି ଲକ୍ଷ୍ୟ ରଖିଛନ୍ତି ଓ ଜଳସଂରକ୍ଷଣ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବାରେ ଲାଗିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ସେପ୍ଟେମ୍ବର ୧୯୯୭

- ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ମାତୃକା ପ୍ରସାଦ କୋଇରାଲାଙ୍କ ୮୫ ବର୍ଷ ବୟସରେ ପରଲୋକ।
- ଶ୍ରୀଲଙ୍କାର ଉତ୍ତରବାଗୀ ଅଞ୍ଚଳରେ ସୈନ୍ୟବାହିନୀ ଓ ତାମିଲ ଗେରିଲାଙ୍କ ମଧ୍ୟରେ ସଂଘର୍ଷ ଘଟି ୧୨ ସେନା ଓ ୭ ତାମିଲ ବିଦ୍ରୋହୀ ନିହତ।
- ବାଲେଶ୍ୱରର ଚାନ୍ଦିପୁରସ୍ଥିତ ମଧ୍ୟମ କ୍ଷେପଣାସ୍ତ୍ର ଘାଟିରୁ ଟ୍ୟାଙ୍କ ବିଧ୍ୱଂସୀ କ୍ଷେପଣାସ୍ତ୍ର 'ନାଗ'ର ସଫଳ ପରୀକ୍ଷଣ।

## ଚିରନ୍ତନୀ

ସେହି ମୋର ହେଲା ପ୍ରିୟ
ସବୁଠାରୁ କମନୀୟ
ସେହି ମୋର ଅନାଗତ ରାଗିଣୀ
ଯାହା କେବେ ଏ ଜୀବନେ
ବାଜିନି।
–(ଶରତ–ସନ୍ଧ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ବନ୍ୟା ଆଣିଲା ଦୁଃଖ

ମହାଶୟ,

ଘୂର୍ଣ୍ଣିଚାପଜନିତ ବର୍ଷା ଓ ବନ୍ୟା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଥିବାବେଳେ ଏବେ ଖାଉଟିଙ୍କ ଉପରେ ବୋଝ ଲଦି ହୋଇଯାଇଛି। ବର୍ଷା ଓ ବନ୍ୟା ଖାଉଟିଙ୍କ ପାଇଁ ଦୁଃଖ ଆଣିଛି। ମହାମାରୀ କରୋନା ଯୋଗୁ ଲୋକଙ୍କ ଆର୍ଥିକ ମାନଦଣ୍ଡ କମିଥିବାବେଳେ ଟିକେ ଅଣ୍ଟା ସଳଖିଲା ବେଳକୁ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ପୁଣି ଦୁର୍ବିଷହ ହୋଇପଡୁଛି। ଫଳରେ ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାରର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମହାମାରୀ କରୋନା ପରେ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ଅହେତୁକ ଭାବେ ବଢ଼ିଛି। ଏପଟେ ବର୍ଷା ଓ ବନ୍ୟା ଯୋଗୁ ପନିପରିବା ଅଭାବରୁ ଦରଦାମ ବି ବଢ଼ିଯାଇଛି। ଏଣୁ ସାଧାରଣ ଖାଉଟିଙ୍କ ପାଇଁ ଏବେ ପନିପରିବା କିଣିବା କାଠିକର ପାଠ ହେଲାଣି। ଆଗକୁ ମଧ୍ୟ ପନିପରିବା ଅଭାବ ନିଶ୍ଚିତ ସୃଷ୍ଟି ହେବ। ରାଜ୍ୟ କଞ୍ଚା ପନିପରିବା ଉତ୍ପାଦନରେ ସ୍ୱୟଂ ସଂପୂର୍ଣ୍ଣ ହୋଇ ନ ଥିବାବେଳେ ମହାରାଷ୍ଟ୍ରର ନାସିକ, କର୍ନାଟକର ବେଙ୍ଗାଲୁରୁ, ଇନ୍ଦୋର, ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ରାଜ୍ୟଗୁଡ଼ିକ ଉପରେ ନିର୍ଭର କରୁଛି। କର୍ନାଟକ ଓ ମହାରାଷ୍ଟ୍ରରେ ମଧ୍ୟ ବର୍ଷା ଯୋଗୁ ସ୍ଥିତି ପ୍ରଭାବିତ ହୋଇଛି। ବାହାରୁ ଯେତିକି ପରିମାଣର ପନିପରିବା ଆସୁଥିଲା ଏବେ ସେଥିରୁ ୪୦ରୁ ୫୦ ପ୍ରତିଶତ କମ ପରିବା ଆସୁଛି। ଆଗକୁ ପୁଣି ଦର ବଢ଼ିବା ସମ୍ଭାବନା ରହିଛି। ଏଥିଯୋଗୁଁ ଏବେ ଖାଉଟିଙ୍କ ମୁଣ୍ଡରେ ଚଡ଼କ ପଡ଼ିବ।

–ଡ. ଅରୁନ୍ଧତୀ ଦେବୀ, ନିର୍ଦ୍ଦେଶିକା–ସମ୍ପାଦିକା, ଅନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସମର୍ଥାଧିକ ଉପଯୋଗ ଶରୀର ପାଇଁ କ୍ଷତିକାରକ



ଡା. ଆଶିଷ ବାନାର୍ଜୀ

"ବ୍ୟାୟାମର ମିଥ୍ୟାଯୋଗରେ ଆଦୌ ବ୍ୟାୟାମ ନ କରିବା, ଘରେ ବସି ସ୍ୱାଦିଷ୍ଟ ଆହାର ସେବନ କରିବା, ସର୍ବଦା ଶୀତତାପ ନିୟନ୍ତ୍ରିତ କକ୍ଷରେ ରହି ଆରାମଦାୟକ ଜୀବନଶୈଳୀ ଆପଣେଇବା ଦ୍ୱାରା ଅନେକ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ଏଥିଯୋଗୁ ହୃଦ୍‌ରୋଗ, ଶିରା, ଧମନୀ ଓ ଯକୃତ୍ (ଲିଭର)ରେ ଚର୍ବି ଜମାଟ ବାନ୍ଧିବା, ଶରୀରରେ କୋଲେଷ୍ଟରଲ ବୃଦ୍ଧି, ଉଚ୍ଚ ରକ୍ତଚାପ, ମଧୁମେହ ବା ଡାଇବେଟିସ୍, ପୃଥୁଳତା, ବାତବ୍ୟାଧି ଏବଂ ଧମନୀ କାନ୍ଥ ଶକ୍ତ ହୋଇ ବିଭିନ୍ନ ରୋଗ ଦେଖାଯାଏ।"




ସାର୍ ଆଇଜାକ୍ ନିଉଟନ୍‌ଙ୍କ ତୃତୀୟ ନିୟମ ଅନୁସାରେ 'ପ୍ରତ୍ୟେକ କ୍ରିୟାର ସମାନ ଏବଂ ବିପରୀତ ପ୍ରତିକ୍ରିୟା ରହିଛି।' ଯେପରି ଗୋଟିଏ ରବରକୁ ଆମେ ସ୍ୱଳ୍ପ ବଳ ପ୍ରୟୋଗ କରି ଟାଣିଲେ ତାହା ସ୍ଥିତିସ୍ଥାପକ ଶକ୍ତି ଯୋଗୁ କାର୍ଯ୍ୟରେ ଲାଗିଥାଏ, ହେଲେ ମାତ୍ରାଧିକ ବଳ ପ୍ରୟୋଗ ଦ୍ୱାରା ସେ ତାହାର ସ୍ଥିତିସ୍ଥାପକ ଶକ୍ତି ହରାଇବସେ। ଫଳରେ ନଷ୍ଟ ହୋଇଯାଏ। ଏହି ନିୟମ ଆମ ଶରୀର ପାଇଁ ପ୍ରଯୁଜ୍ୟ। ଯଥା ଦୈନନ୍ଦିନ ଅତ୍ୟଧିକ ବ୍ୟାୟାମ, ପରିଶ୍ରମ କରିବା, ବେଶି ସମୟ ଧରି ଅତି ବେଗରେ ଚାଲିବା, ଦୌଡ଼ିବା, ସାମର୍ଥ୍ୟଠାରୁ ଅଧିକ ଭାରୋତ୍ତୋଳନ ଦ୍ୱାରା ଶକ୍ତି ଅପଚୟ ହୋଇଥାଏ। ଏହାକୁ ବ୍ୟାୟାମର 'ଅତି ଉପଯୋଗ' କୁହାଯାଏ। ଏଥିପାଇଁ ଶରୀର ଦୁର୍ବଳ, କୃଶ, ଥକ୍କା ଲାଗିବା, ଶୁଷ୍କ, ଚର୍ମ କୁଞ୍ଚନ, ଶୋଷ ଲାଗିବା, ଶ୍ୱାସ, କାଶ, କଟିଶୂଳ, ରକ୍ତପିତ୍ତ, ଯକ୍ଷ୍ମା, ଶେଷରେ ହୃଦ୍‌ଘାତ ଓ ମସ୍ତିଷ୍କାଘାତ ବା ଷ୍ଟ୍ରୋକ୍ ହୋଇପାରେ।

ଯଦି ଆମେ ଦୈନିକ ବେଶି କ୍ୟାଲୋରୀର ଭୋଜନ କରିବା, ଅଳ୍ପ ପରିଶ୍ରମ କରିବା ଓ ଅଳ୍ପ ଚାଲିବା ଦ୍ୱାରା ଏହା ଚୟୋପୋଚୟନ ହୋଇ ଆମ ଶରୀରରେ କୁପ୍ରଭାବ ପକାଏ। ଏହାଦ୍ୱାରା ପାଚନ ଶକ୍ତି କମେ। ଶର୍କରା, ଚର୍ବି ସ୍ତର ଆସ୍ତେ ଆସ୍ତେ ବଢ଼େ। ଶରୀର ପ୍ରତି ଅଙ୍ଗକୁ ତଥା କୋଷକୁ ଖାଦ୍ୟ ଓ ଅମ୍ଳଜାନ ପହଞ୍ଚିପାରେ ନାହିଁ। ଫୁସ୍‌ଫୁସ୍ ବିବରଗୁଡ଼ିକର କାର୍ଯ୍ୟକାରିତା କମିଯିବାରୁ ଆସ୍ତେ ଆସ୍ତେ ବନ୍ଦ ହୋଇଯାଏ। ଶରୀର ଦୁର୍ବଳ ହୋଇପଡ଼େ।



ସେହିପରି ବ୍ୟାୟାମର ମିଥ୍ୟାଯୋଗରେ ଆଦୌ ବ୍ୟାୟାମ ନ କରିବା, ଘରେ ବସି ସ୍ୱାଦିଷ୍ଟ ଆହାର ଭୋଜନ କରିବା, ସର୍ବଦା ଶୀତତାପ ନିୟନ୍ତ୍ରିତ କକ୍ଷରେ ରହି ଆରାମଦାୟକ ଜୀବନଶୈଳୀ ଆପଣେଇବା ଦ୍ୱାରା ଅନେକ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ଏଥିଯୋଗୁ ହୃଦ୍‌ରୋଗ, ଶିରା, ଧମନୀ ଓ ଯକୃତ୍ (ଲିଭର)ରେ ଚର୍ବି ଜମାଟ ବାନ୍ଧିବା, ଶରୀରରେ କୋଲେଷ୍ଟରଲ ବୃଦ୍ଧି, ଉଚ୍ଚ ରକ୍ତଚାପ, ମଧୁମେହ ବା ଡାଇବେଟିସ୍, ପୃଥୁଳତା, ବାତବ୍ୟାଧି ଏବଂ ଧମନୀ କାନ୍ଥ ଶକ୍ତ ହୋଇ ବିଭିନ୍ନ ରୋଗ ଦେଖାଯାଏ।

ପୁରାଣ ଶାସ୍ତ୍ରରେ କୁହାଯାଇଛି ଯେ, ସନ୍ତାନପ୍ରାପ୍ତି ନିମନ୍ତେ ବୈବାହିକ ଜୀବନରେ ସ୍ତ୍ରୀ ସହବାସ କରିବା ଉଚିତ। ଅତ୍ୟଧିକ ସହବାସ ଦ୍ୱାରା ବୀର୍ଯ୍ୟପାତ ହୋଇ ଶରୀର ଦୁର୍ବଳ ହୋଇଯାଏ। କାରଣ ବୀର୍ଯ୍ୟ ହିଁ ବଳ ଓ ତେଜ ଅଟେ। ଏହାକୁ ଧାରଣରେ ଜୀବନ ଓ କ୍ଷୟରେ ମୃତ୍ୟୁର ଆଶଙ୍କା ରହିଛି। ସହବାସ ତିଥି, ବାର, ସମୟ ଇତ୍ୟାଦି ବିବେଚନା କରି କରିବା ଉଚିତ। ମାତ୍ର ବୈଜ୍ଞାନିକମାନେ ଗବେଷଣା କରି ଜାଣିପାରିଛନ୍ତି ଯେ, ଯେଉଁ ପୁରୁଷମାନେ ସହବାସ କମ୍ କରନ୍ତି ସେମାନଙ୍କଠାରେ ପ୍ରୋଷ୍ଟେଟ କ୍ୟାନ୍‌ସର ଅଧିକ ହେବାର ଆଶଙ୍କା ରହିଛି। ତେଣୁ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ନିଜର ସାମର୍ଥ୍ୟକୁ ବିବେଚନା କରି କରିବା ଉଚିତ।

ସବୁବେଳେ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ଏକାଥରେ ପୁଳାଏ ଖାଦ୍ୟ ନ ଖାଇ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଦ୍ୟ ଖାଇଲେ ଭଲ। ସେହିପରି ଷଡ଼ରସଯୁକ୍ତ ଖାଦ୍ୟ ଯଥା–ମଧୁର, ଅମ୍ଳ, ଲବଣ, କଟୁ, ତିକ୍ତ ଓ କଷାୟ– ଏଥିମଧ୍ୟରୁ କଷାୟ ପରେ ତିକ୍ତ, କଟୁ, ଲବଣ– ଏହିପରି ରସଗୁଡ଼ିକ ହଜମ ହେବାକୁ ବିଳମ୍ବ କରେ। ତେଣୁ ଲବଣ, ଅମ୍ଳ ଓ ମଧୁର ଖାଦ୍ୟ ବେଶି ଖାଇବା ଶରୀର ପାଇଁ ହାନିକାରକ।

ସୂର୍ଯ୍ୟଙ୍କର ସକାଳର କଅଁଳିଆ କିରଣ ଶରୀର ପକ୍ଷେ ହିତକର। ସକାଳ କିରଣରୁ ଭିଟାମିନ୍ 'ଡି' ମିଳିଥାଏ। ଏଣୁ ସମ୍ଭବତଃ ଜଣେ ଅତିକମ୍‌ରେ ଅଧ ଘଣ୍ଟାରୁ ଘଣ୍ଟେ ପ୍ରାତଃ ଭ୍ରମଣ କରିବା ଉଚିତ। ମଧ୍ୟାହ୍ନ କିରଣରେ ଅତି ବାଇଗଣି ରଶ୍ମି ଥିବାରୁ ଏହା ଚର୍ମ ପାଇଁ କ୍ଷତିକାରକ। ତେଣୁ ଏଥିରୁ ରକ୍ଷା ପାଇବା ପାଇଁ ସନ୍‌ସ୍କ୍ରିନ୍ ଲୋଶନ ଲଗାନ୍ତୁ ଏବଂ ଗ୍ଲୋଭ୍‌ସ ପିନ୍ଧନ୍ତୁ। ପ୍ରତିଦିନ କିଛି ସମୟ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସନ୍ତୁ। ଏଥିରେ ଥିବା ଭିଟାମିନ୍ ଶରୀରରେ ଅଭାବ ହେଲେ ଅସ୍ଥିସୁଶିରତା ବା ଅଷ୍ଟିଓପୋରୋସିସ୍ ଦେଖାଦେଇଥାଏ।

ପୃଥିବୀ ମାତା କୋଳରୁ ମିଳୁଥିବା ଆହାର, ଭେଷଜ ଆଦି ସମସ୍ତ ପ୍ରାକୃତିକ ଦ୍ରବ୍ୟ ମାତୃଦୁଗ୍ଧରୂପୀ ଅମୃତତୁଲ୍ୟ। ତେଣୁ ଏହାର ଠିକ୍ ଉପଯୋଗ ଦ୍ୱାରା ଆମ ଶରୀରର ପାଳନପୋଷଣ ହେବା, ତ୍ରିଦୋଷ ସାମ୍ୟାବସ୍ଥା ରହିବା ହେତୁ ରୋଗ ନ ହେବା, ବ୍ୟାଧି ପ୍ରତିରୋଧକ ଶକ୍ତି ବଢ଼ିବା ଦ୍ୱାରା ଜୀବାଣୁ, ଭୂତାଣୁ, ଶରୀର ମଧ୍ୟରେ ପ୍ରବେଶ କରିପାରି ନ ଥାଏ। ଏହାର ବିପରୀତ କୃତ୍ରିମ ଆହାର, ଔଷଧ ସେବନ କଲେ ଏହାର ପାର୍ଶ୍ୱ ପ୍ରତିକ୍ରିୟା ଶରୀରରେ ଉତ୍ପନ୍ନ ହୋଇ ବିଭିନ୍ନ ମାରାତ୍ମକ ରୋଗ ସୃଷ୍ଟି କରିବାର ଆଶଙ୍କା ରହିଛି।

ଜ୍ଞାନ, ବିବେକ ଏବଂ ବୁଦ୍ଧି ଓ ଚିନ୍ତନ ଶକ୍ତି ସାମର୍ଥ୍ୟ ହେତୁ ମନୁଷ୍ୟ ଅନ୍ୟ ଜୀବଠାରୁ ଭିନ୍ନ। ତେଣୁ କୁକାର୍ଯ୍ୟ କରିବା, ମିଥ୍ୟା, କପଟ, ହିଂସାରୁ ନିବୃତ୍ତ ରହି ସତ୍ ଚିନ୍ତା ଦ୍ୱାରା ମାନସିକ ଶାନ୍ତି ମିଳିଥାଏ।

ମାଟିପାତ୍ରକୁ ଅଗ୍ନି ଦ୍ୱାରା ପାକ କଲେ ତାହା ପାଣିରେ ମିଳାଏ ନାହିଁ। ସେହିପରି ଶରୀରକୁ ଯୋଗାଗ୍ନି ଦ୍ୱାରା ପାକ କଲେ ଏହା ଦୀର୍ଘାୟୁ ହୁଏ। ତେଣୁ ଦୈନନ୍ଦିନ ଯୋଗ, ଧ୍ୟାନ, ପ୍ରାଣାୟାମ କଲେ ଜୀବନ ସାର୍ଥକ ଓ ଦୀର୍ଘାୟୁ ହୋଇଥାଏ।

–ଆନନ୍ଦ ବଜାର, ବେତନଟୀ, ମୟୂରଭଞ୍ଜ
ମୋ: ୯୮୬୧୩୭୪୩୮୫

## କଫ ସମସ୍ୟାର ଘରୋଇ ଉପଚାର

ଆମେ କୌଣସି ରୋଗ ଦ୍ୱାରା ଆକ୍ରାନ୍ତ ହେଲେ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଇବା ଦରକାର। ହେଲେ କେତେକ ରୋଗର ଘରୋଇ ଉପଚାର ରହିଛି। ଏହାକୁ ଅନୁସରଣ କରିବା ସହ ବିଳମ୍ବ ନ କରି ଡାକ୍ତରଙ୍କ ନିକଟକୁ ଯାଇ ଚିକିତ୍ସିତ ହେବାକୁ ଭୁଲନ୍ତୁ ନାହିଁ। ଥଣ୍ଡାଜନିତ ସମସ୍ୟା ଥିଲେ ଛାତିରେ କଫ ହୋଇଯାଏ। ଫଳରେ କାଶ ହୁଏ। ବେଳେବେଳେ ଏଥିପାଇଁ ଶ୍ୱାସକ୍ରିୟାଜନିତ ସମସ୍ୟା ମଧ୍ୟ ଦେଖାଦେଇଥାଏ। ତେବେ କଫରୁ କେତେକାଂଶରେ ଉପଶମ ପାଇବା ଲାଗି କେତୋଟି ଘରୋଇ ଉପଚାରକୁ ଆପଣେଇ ପାରନ୍ତି। ଅଧା ଚାମଚ ହଳଦୀ ଗୁଣ୍ଡ, ଏକ ଚାମଚ ଗୋଲମରିଚ ଗୁଣ୍ଡ ଏବଂ ଏକ ଚାମଚ ମହୁ ମିଶାଇ ଦିଅନ୍ତୁ। ଏହାକୁ ଉଷୁମ କରି ପିଅନ୍ତୁ, ଯାହାଦ୍ୱାରା କଫ ସମସ୍ୟାରୁ କେତେକାଂଶରେ ଉପଶମ ମିଳିବ। ଅଦାକୁ ଛୋଟ ଛୋଟ ଆକାରରେ କାଟି ଦିଅନ୍ତୁ। ତା'ପରେ ତାହାକୁ ପାଣିରେ ମିଶାଇ ଛାଣିବା ପରେ ସେହି ଅଦାମିଶ୍ରିତ ପାଣିକୁ ପିଅନ୍ତୁ। ଏହାବ୍ୟତୀତ ଅଦା ରସରେ ମହୁ ଏବଂ ଲେମ୍ବୁ ମିଶାଇ ପିଇବା ଦ୍ୱାରା କଫ ସମସ୍ୟା କେତେକାଂଶରେ ଦୂର ହୋଇଥାଏ। ଦୁଇ ଚାମଚ ଲେମ୍ବୁ ରସରେ ଏକ ଚାମଚ ମହୁ ମିଶାଇ ତାହାକୁ ଉଷୁମ କରି ପିଇପାରନ୍ତି।



## କ୍ୟାଲସିୟମ




ଆମ ଶରୀର ପାଇଁ ଯେଉଁ କେତେକ ଭିଟାମିନ୍‌ର ପ୍ରମୁଖ ଆବଶ୍ୟକତା ରହିଛି ତନ୍ମଧ୍ୟରୁ କ୍ୟାଲସିୟମ ଅନ୍ୟତମ। ବିଶେଷଭାବରେ ଏହା ଅସ୍ଥିକୁ ମଜଭୁତ କରିଥାଏ। ତେଣୁ ଏପରି ଖାଦ୍ୟ ଆମେ ବେଶି ଖାଇବା ଦରକାର। ଜଣେ ବ୍ୟକ୍ତି ଦିନକୁ ଅତିକମ୍‌ରେ ୧୦୦୦–୧୨୦୦ ଗ୍ରାମ୍ କ୍ୟାଲସିୟମଯୁକ୍ତ ଖାଦ୍ୟ ଖାଇବା ଭଲ। ଆମ ଶରୀରରେ ଏହାର ପରିମାଣ ଠିକ୍ ରହିଲେ ତାହା କେବଳ ଅସ୍ଥି ନୁହେଁ ଦାନ୍ତକୁ ମଧ୍ୟ ଦୃଢ଼ ରଖିଥାଏ। ଶରୀର ଭିତରକୁ ଯେତେ କ୍ୟାଲସିୟମ ଯାଏ ସେଥିରୁ କିଛି ଝାଳ ଏବଂ ପରିସ୍ରା ବାଟେ ବାହାରିଯାଏ। ତେଣୁ ଏଭଳି ଖାଦ୍ୟକୁ ଆମେ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିବା ନିହାତି ଦରକାର। ବିଶେଷଭାବରେ ବୟସ୍କ ବ୍ୟକ୍ତିମାନେ ଏଥିପ୍ରତି ଅଧିକ ସଚେତନ ହେବା ଦରକାର। ସବୁଜ ପନିପରିବା, କ୍ଷୀରଜାତୀୟ ଖାଦ୍ୟ, ମାଛ, ପୋଇ, ଫଳମୂଳ, ବିନ୍, ବାଦାମ ଆଦିରେ କ୍ୟାଲସିୟମ ପ୍ରଚୁର ପରିମାଣରେ ଭରି ରହିଛି।

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance
45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Market Complex, B wing, Bangalore, Karnataka-400021
8901110759

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସ୍ୱାସ୍ଥ୍ୟ ସୂଚନା



- ଆଜିକାଲି ବ୍ଲଡପ୍ରେସର ବା ରକ୍ତଚାପ ଏକ ସାଧାରଣ ସମସ୍ୟା ପାଲଟିଗଲାଣି। ଯଦି ଆପଣଙ୍କର ଏଭଳି ସମସ୍ୟା ରହିଛି ତେବେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ନିୟମିତ ଖାଆନ୍ତୁ। ତା'ସହ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ବ୍ଲଡପ୍ରେସର ପରିମାଣ କେତେ ରହୁଛି ତାହା ମାପି ନିଅନ୍ତୁ। ଯଦି ଏହା ଅସନ୍ତୁଳିତ ରହିଲା ତେବେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।
- ସକାଳୁ ଯେତେ ସମ୍ଭବ ଅଧ ଘଣ୍ଟାଏ ଚାଲନ୍ତୁ। ଏହା ଶରୀର ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ।
- ଯଦି ଦୃଷ୍ଟିଶକ୍ତିଜନିତ ସମସ୍ୟା ପାଇଁ ଚଷମା ପିନ୍ଧୁଛନ୍ତି ତେବେ ନିୟମିତ ସମୟ ବ୍ୟବଧାନରେ ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ।
- ରାତ୍ରଭୋଜନ ଶେଷ ହେବା ପରେ ସାଙ୍ଗେ ସାଙ୍ଗେ ଶୁଅନ୍ତୁ ନାହିଁ। ଅତିକମ୍‌ରେ ୧୦ ମିନିଟ୍ ଚାଲବୁଲ କରନ୍ତୁ। ଏହାଦ୍ୱାରା ଖାଇଥିବା ଖାଦ୍ୟ ହଜମ ହୋଇଥାଏ। ରାତିରେ ଗରିଷ୍ଠଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ଆପଣଙ୍କ ପାଇଁ ସେତେ ଭଲ।
- ସକାଳ ବ୍ରେକ୍‌ଫାଷ୍ଟ ତାଲିକାରେ ତଟକା ଫଳମୂଳକୁ ପ୍ରସ୍ତୁତ ଜୁସ୍ ପିଅନ୍ତୁ।
- ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡ଼ିତ ତେବେ ବ୍ୟସ୍ତ ନ ହୋଇ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଚିକିତ୍ସିତ ହୁଅନ୍ତୁ।
- ଯଦି ଆପଣଙ୍କ ବୟସ ୫୦ ଟପିଗଲାଣି ତେବେ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।

## ସିଜୋଫ୍ରେନିଆ ଲକ୍ଷଣ ଜାଣିବାର ସହଜ ଉପାୟ

ସିଜୋଫ୍ରେନିଆ ହେଉଛି ଏକ ମସ୍ତିଷ୍କଜନିତ ରୋଗ। ଏହି ରୋଗରେ ଆକ୍ରାନ୍ତ ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କର ସ୍ମରଣ ଶକ୍ତିରେ ତାରତମ୍ୟ ପରିଲକ୍ଷିତ ହୋଇଥାଏ। ଯଦି ଜଣେ ବ୍ୟକ୍ତିଙ୍କର ମସ୍ତିଷ୍କରେ ହାଇଡ୍ରୋଜେନ୍ ସଲଫାଇଡ୍ ଅଧିକ କ୍ଷରଣ ହୁଏ, ତେବେ ସେ ସିଜୋଫ୍ରେନିଆ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଛି। ଲଣ୍ଡନ ୟୁନିଭର୍ସିଟିର ସ୍ନାୟୁଶଲ୍ୟ ବିଶେଷଜ୍ଞଙ୍କ ଦ୍ୱାରା ସିଜୋଫ୍ରେନିଆର ଲକ୍ଷଣ ଜାଣିବା ଲାଗି ଏକ ନୂଆ ଉପାୟ ଉଦ୍ଭାବିତ ହୋଇଛି। ଏହି ଗବେଷଣା ସମୟରେ ସେମାନେ ଏପରି ଏକ ଏନଜାଇମ୍‌କୁ ଚିହ୍ନଟ କରିଛନ୍ତି, ଯାହା ମସ୍ତିଷ୍କରେ ହାଇଡ୍ରୋଜେନ୍ ସଲଫାଇଡ୍‌ର ଅଧିକ କ୍ଷରଣ ପାଇଁ ଦାୟୀ। ତେବେ ଖାସ୍ କଥା ହେଲା, କେଶକୁ ଅନୁଧ୍ୟାନ କରି ସେମାନେ ଏଭଳି ଏନଜାଇମ୍‌କୁ ଖୋଜି ପାଇଥିଲେ। ଯଦି ହାଇଡ୍ରୋଜେନ୍ ସଲଫାଇଡ୍‌ର କ୍ଷରଣକୁ ରୋକାଯାଇପାରିବ ତେବେ ଏହି ରୋଗରେ ମୃତ୍ୟୁବରଣ କରୁଥିବା ରୋଗୀଙ୍କ ସଂଖ୍ୟା ହ୍ରାସ ପାଇବ ବୋଲି ସେମାନେ ଆଶା ପ୍ରକଟ କରିଛନ୍ତି।

BADRIPRASAD Group of Institutions
ADMISSION OPEN FOR 2022-23
Choose Your Career in
DIPLOMA ENGINEERING
MECHANICAL | CIVIL | ELECTRICAL
ELECTRONICS AND TELECOMMUNICATION
7008920803, 7008757504, 8327725282, 9238400140
At- Debalpali, Majhipali Chowk, PO - Sason, Dist-Sambalpur, Pin-768200
Web : www.bitsambalpur.org / Email : bitechsbp@gmail.com / bcctsbp@gmail.com

SMILE+ JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
• White Phenyle • Black Phenyle • Green Phenyle • Liquid detergent • Detergent Powder • Packaging Materials
Free Training on all products
Other Chemicals
• Hand Wash • Bleaching Powder • Alum • Dish Wash • Castic Soda • Acetic Acid • Toilet Cleaner • HCL Acid • Dolomite Powder • Glass Cleaner • Sulphuric Acid • French chalk powder • Sanitizer • Agarbati
Plot No.843, Palasuni, Bhubaneswar-751010
Mob.No.-9938069796, 9861049796

ଅଭିନନ୍ଦନ
ଧରିତ୍ରୀ ଉତ୍ତର ଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ ପାଠିକା ସମେତ ଜନସାଧାରଣମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା।
ଦାସୀ ସ୍ୱେଚ୍ଛାସେବୀ ସଂଗଠନ

TPWODL
TP WESTERN ODISHA DISTRIBUTION LIMITED
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017
NOTICE INVITING TENDER
Tender Notice No. TPWODL/NP/O/SU/ 091
TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :
Rate Contract for Supply of (1) 9MTR. X 300KG. PSC POLE
(2) 8MTR. X 200KG. PSC POLE
Interested bidders to submit Tender Participation Fee and Authorization Letter through email on or before 22nd September 2022, 15:00Hrs, after which link from e-Tender system shall be shared.
For detailed tender documents of the above-mentioned tender, please visit Tender section on website www.tpwesternodisha.com. Further details for participating in tender is given in the tender document.
All future correspondence regarding the tender, bid submission, date extension etc. will happen with participating bidders only through E-Tender system.
Sd /- Chief-Contracts and Stores

## ମନେ ପଡ଼ନ୍ତି

ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଜ୍ୟୋତ୍ସ୍ନାରାଣୀ ମହାପାତ୍ର
ହାଡ଼ଗଡ଼ିଆସାହି, ପୁରୀ
ଆବିର୍ଭାବ: ୨୨।୦୪।୧୯୬୨
ତିରୋଧାନ: ୨୯।୦୯।୨୦୦୭
ତୁମର ଅନାବିଳ ସ୍ନେହ, ତ୍ୟାଗ ଓ ଭଲ ପାଇବା ଆମେ କେବେ ଭୁଲି ପାରିବୁ ନାହିଁ। ଆଜିକୁ ପନ୍ଦର ବର୍ଷ ହେଲା ତୁମେ ଆମକୁ ଛାଡ଼ି ଚାଲିଗଲଣି। କିନ୍ତୁ ପ୍ରତି ମୁହୂର୍ତ୍ତରେ ଆମେ ତୁମକୁ ମନେ ପକାଉଛୁ। ତୁମର ଅମର ଆତ୍ମା ଶାନ୍ତିରେ ରହୁ, ଏହାହିଁ ପ୍ରାର୍ଥନା।
ଶୋକସନ୍ତପ୍ତ: ବନ୍ଧୁ, ପରିବାର ଓ ଆତ୍ମୀୟସ୍ୱଜନ।
ଧ–୧୪୯୧

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



୰ଶ୍ରୀ ଉଦୟନାଥ ଦାସ
(ଅବସରପ୍ରାପ୍ତ କିରାଣି, ଶ୍ରୀ ଶ୍ୟାମସୁନ୍ଦର ବିଦ୍ୟାପୀଠ, ସୁରଙ୍ଗୀଗଡ଼, ଗଞ୍ଜାମ
ଆବିର୍ଭାବ: ୧୫।୦୩।୧୯୩୯
ତିରୋଧାନ: ୦୪।୦୯।୨୦୨୦
ବାବା, ଚାହୁଁ ଚାହୁଁ ଦୁଇବର୍ଷ ବିତିଗଲା କେଉଁ ଅଫେରା ରାଇଜକୁ ଚାଲିଗଲ। ଆପଣଙ୍କ ନୀତି, ଆଦର୍ଶକୁ ଅନୁସରଣ କରି ଆଗକୁ ବଢ଼ିବାକୁ ଚେଷ୍ଟା କରୁଛୁ। ଆପଣ ଯେଉଁଠି ବି ଥାଆନ୍ତୁ ଭଲରେ ଥାଆନ୍ତୁ।
ଆପଣଙ୍କର: ସ୍ତ୍ରୀ, ଝିଅ, ଜ୍ୱାଇଁ, ପୁଅ, ବୋହୂ, ନାତି, ନାତୁଣୀ।
ଧ–୧୪୯୨

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଅଶୋକ ସାହୁ
୯୪ ବାପୁଜୀ ନଗର, ଭୁବନେଶ୍ୱର
ଆବିର୍ଭାବ: ୧୫।୦୪।୧୯୪୫
ତିରୋଧାନ: ୦୩।୧୦।୨୦୨୦
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ–୭୧୩୫୬

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ଶ୍ରୀମତୀ ଜାହ୍ନବୀ ଦେବୀ
ମୋନାର୍କ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ଆବିର୍ଭାବ: ୧୩।୦୯।୧୯୪୭
ତିରୋଧାନ: ୦୬।୦୯।୨୦୨୧
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ତୁମର ଟୁନି, ବାନି, ଚନ୍ଦନ, ବର୍ଣ୍ଣ, ଇତୁନ ଓ ଦୁଇ ବୋହୂ: ନିଲୁ, ଟିଙ୍କି ଏବଂ ଅଷ୍ଟ ନାତୁଣୀଗଣ।
ଧ–୧୪୮୯

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ସେପ୍ଟେମ୍ବର ୧୨/୨୦୨୨ Sambalpur, Monday, September 12/ 2022

# ଆଜିଠୁ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରିବେ

## ୧୫୦ ଦିନରେ ବେସରକାରୀ ଅଧ୍ୟାପକ, କର୍ମଚାରୀଙ୍କ ଧାରଣା

**ଭୁବନେଶ୍ୱର, ୧୧।୯(ବ୍ୟୁରୋ)**

୨୦୦୮ ପରବର୍ତ୍ତୀ ଅଣଅନୁଦାନପ୍ରାପ୍ତ ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ଅନୁଦାନ ପ୍ରଦାନ ଦାବିରେ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଧାରଣା ୧୫୦ ଦିନରେ ପହଞ୍ଚିଛି। ଗତ ୫ ତାରିଖ ଗୁରୁଦିବସକୁ ସଂଘ ପକ୍ଷରୁ କଳା ଦିବସ ଭାବେ ପାଳନ କରାଯାଇଥିଲା। ସରକାରଙ୍କ ସହ ବାରମ୍ବାର ଆଲୋଚନା ହୋଇଥିଲେ ମଧ୍ୟ ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ସୋମବାରଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ କଳାବ୍ୟାଜ୍ ପିନ୍ଧି ଅଧ୍ୟାପନା କରିବାକୁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସଂଘ ପକ୍ଷରୁ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ବିଶ୍ୱରଞ୍ଜନ ଦାସ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ୨୦୦୮ ପରେ ରାଜ୍ୟର ବିଭିନ୍ନ ଅଣଅନୁଦାନ ଏବଂ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ପ୍ରଦାନ ନେଇ ଗାନ୍ଧୀମାର୍ଗରେ ଅହୋରାତ୍ର ଧାରଣା ଜାରି ରହିଛି। ଗତ ୫ରେ ସଂଘର ଏକ ପ୍ରତିନିଧି ଦଳ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଏବଂ ସ୍ୱତନ୍ତ୍ର ସଚିବଙ୍କ ସହ ଦାବି ସଂକ୍ରାନ୍ତରେ ଆଲୋଚନା କରିଥିଲା। ୮ ଦିନ ମଧ୍ୟରେ ବିଭାଗୀୟ ଆଲୋଚନା ହେବ ବୋଲି ମଧ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ପୂର୍ବରୁ ସଂଘକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ତେଣୁ ବାଧହୋଇ ସଂଘ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କରିବ। ଏଥିସହ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ମଧ୍ୟ ଲୋଡ଼ାଯାଇଥିବା ଦାସ କହିଛନ୍ତି।

# ଅର୍ଲି ଗ୍ୟାଷ୍ଟ୍ରିକ କ୍ୟାନସର ସନ୍ଦର୍ଭ ପାଇଁ ଡାକ୍ତର ଆଶୁତୋଷ ସମ୍ମାନିତ

**ଭୁବନେଶ୍ୱର,୧୧।୯(ବ୍ୟୁରୋ)**



ହାଇଦ୍ରାବାଦସ୍ଥିତ ଏସିଆନ୍ ଇନଷ୍ଟିଚ୍ୟୁଟ୍ ଅଫ ଗ୍ୟାଷ୍ଟ୍ରୋ ଏଣ୍ଟେରୋଲୋଜିରେ ଗତ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଆନ୍ତର୍ଜାତିକ ଏଣ୍ଡୋସ୍କୋପି କନଫରେନ୍ସ ଅନୁଷ୍ଠିତ ହୋଇଥିଲା। ଏହି କନଫରେନ୍ସରେ ଓଡିଶାର ପ୍ରସିଦ୍ଧ ପେଟ ଓ ଲିଭର୍ ରୋଗ ବିଶେଷଜ୍ଞ ଡାକ୍ତର ଆଶୁତୋଷ ମହାପାତ୍ର ସମ୍ମାନିତ ହୋଇଛନ୍ତି। ତାଙ୍କ ଗବେଷଣାତ୍ମକ ସନ୍ଦର୍ଭ ଯୋଗୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏଣ୍ଡୋସାଇଟୋସ୍କୋପ୍ ମେଶିନ ଦ୍ୱାରା ସେ ପ୍ରାରମ୍ଭିକ ଅବସ୍ଥାରେ ଥିବା ଗ୍ୟାଷ୍ଟ୍ରୋ କ୍ୟାନସର ଚିହ୍ନଟ କରିପାରିଥିଲେ। ଏହି ମେଶିନ ଦେଶର ବହୁ ବିରଳ ସ୍ଥାନରେ ରହିଛି। ତାଙ୍କର ଶହୀଦନଗର ସ୍ଥିତ ସାଇ ଇନଷ୍ଟିଚ୍ୟୁଟ୍ ଅଫ ଗ୍ୟାଷ୍ଟ୍ରୋଲୋଜିରେ ଉକ୍ତ ମେଶିନସାହାଯ୍ୟରେ ପ୍ରାରମ୍ଭିକ ଗ୍ୟାଷ୍ଟ୍ରୋ କ୍ୟାନସର୍ ସେ ଚିହ୍ନଟ କରିଥିଲେ। ସୂଚନାଯୋଗ୍ୟ ଯେ, ଏହି କନ୍‌ଫରେନ୍ସରେ ଦେଶ ବିଦେଶରୁ ପ୍ରାୟ ୨୫୦୦ରୁ ଊର୍ଦ୍ଧ୍ୱ ଗ୍ୟାଷ୍ଟ୍ରୋ ଏଣ୍ଟେରୋଲୋଜିଷ୍ଟମାନେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୫୦ ଜଣଙ୍କୁ ପ୍ରଥମେ ସେମାନଙ୍କ ସନ୍ଦର୍ଭ ଯୋଗୁ ଚୟନ କରାଯାଇଥିଲା। ସେହି ୧୫୦ ସନ୍ଦର୍ଭ ମଧ୍ୟରେ ସେଠାରେ ପୁଣିଥରେ ଏକ ପ୍ରତିଯୋଗିତା ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସେମାନଙ୍କ ମଧ୍ୟରୁ ୭ଟି ସନ୍ଦର୍ଭ ମନୋନୀତ ହୋଇଥିଲା। ଶେଷରେ ସେହି ୭ଟି ସନ୍ଦର୍ଭ ମଧ୍ୟରୁ ୩ଟି ଶ୍ରେଷ୍ଠ ବିବେଚିତ ହୋଇଛି। ସେହି ଶ୍ରେଷ୍ଠ ୩ଟି ସନ୍ଦର୍ଭରୁ ଅର୍ଲି ଗ୍ୟାଷ୍ଟ୍ରିକ କ୍ୟାନସର(ପ୍ରାରମ୍ଭିକ ଅବସ୍ଥାରେ ଗ୍ୟାଷ୍ଟ୍ରୋ କ୍ୟାନସର ନିରୂପଣ) ଉପରେ ପର୍ଯ୍ୟବସିତ ଡା. ଆଶୁତୋଷଙ୍କ ସନ୍ଦର୍ଭ ତୃତୀୟ ସ୍ଥାନ ଅଧିକାର କରିଛି। ଆଶୁତୋଷଙ୍କୁ ସେଠାରେ ଉପସ୍ଥିତ ମୁଖ୍ୟ ଅତିଥିଙ୍କ ସମେତ ଅନ୍ୟମାନେ ସମ୍ବର୍ଦ୍ଧନା ଜଣାଇଛନ୍ତି। ପ୍ରକୃତରେ ଏଭଳି ଏକ ଆନ୍ତର୍ଜାତୀକ ମଞ୍ଚରେ ନିଜର ଉଚ୍ଚକୋଟୀର ଗବେଷଣା ଯୋଗୁ ସେ ସମ୍ମାନିତ ହେବା ଓଡ଼ିଶା ପାଇଁ ଗର୍ବ ଆଣିଦେଇଛି। ଏହି ସମ୍ମାନ ପାଇଁ ତାଙ୍କୁ ବର୍ତ୍ତମାନ ସବୁ ମହଲରୁ ପ୍ରଶଂସାର ସୁଅ ଛୁଟିବା ଆରମ୍ଭ ହୋଇଛି।

# ରାଉରକେଲାରୁ ୧୬.୧୧ ଲକ୍ଷର ନକଲି ନୋଟ୍ ଜବତ

**ଭୁବନେଶ୍ୱର, (ବ୍ୟୁରୋ)/ ରାଉରକେଲା ଅଫିସ, ୧୧।୯**



- ଜଣେ ଅଭିଯୁକ୍ତ ଗିରଫ, ଅନ୍ୟମାନଙ୍କୁ ଧରିବାକୁ ଖୋଳତାଡ଼
- ଲାପ୍‌ଟପ୍, କଲର ପ୍ରିଣ୍ଟର ଓ ବିଭିନ୍ନ ସାମଗ୍ରୀ ଜବତ
- ପୋଲିସ ଅବହେଳା ପାଇଁ ପଶ୍ଚିମ ଓଡ଼ିଶାରେ ବଢ଼ୁଛି କାରବାର

ସୁନ୍ଦରଗଡ଼ ଜିଲା ରାଉରକେଲା ସେକ୍ଟର-୧୫ ଥାନା ଅନ୍ତର୍ଗତ ସେକ୍ଟର-୧୭ ଅଞ୍ଚଳରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଶନିବାର ରାତିରେ ଚଢ଼ାଉ କରି ୧୬ ଲକ୍ଷ ୧୧ ହଜାର ଟଙ୍କାର ନକଲି ନୋଟ ଜବତ କରିଛି। ଏହି କାରବାରରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ଏଠାରେ ରହୁଥିବା ଦିଲ୍ଲୀ ବଦରପୁର ଥାନା ଅନ୍ତର୍ଗତ ମୋଲ୍ଲାରବନ୍ଧ ଅଞ୍ଚଳର ଶେଖ୍ ଅହମ୍ମଦ। ତାଙ୍କ ପାଖରୁ ୨ଶହ ଏବଂ ୫ଶହ ଟଙ୍କିଆ ନକଲି ନୋଟ୍ ସମେତ ଗୋଟିଏ ଲାପ୍‌ଟପ୍, ଗୋଟିଏ କଲର ପ୍ରିଣ୍ଟର, ଦୁଇଟି କଇଁଚି, ସ୍କେଲ୍ ଏବଂ ଟଙ୍କାରେ ବ୍ୟବହୃତ ହେଉଥିବା ବିଭିନ୍ନ ରଙ୍ଗର କାଳିକୁ ଜବତ କରାଯାଇଛି। ଅଭିଯୁକ୍ତ ଅହମ୍ମଦଙ୍କୁ ସେକ୍ଟର-୧୫ ଥାନାକୁ ହସ୍ତାନ୍ତର କରାଯିବା ପରେ ଅଧିକ ପଚରାଉଚରା କରାଯାଇଥିଲା। ଏଥିସହ ତାଙ୍କ ନାମରେ ଥାନାରେ ଏକ ମାମଲା (ନଂ.୭୫/୨୦୨୨) ରୁଜୁ କରାଯାଇ ରବିବାର କୋର୍ଟ ଚାଲାଣ କରାଯାଇଛି। ଏସ୍‌ଟିଏଫ୍ ଏସ୍‌ପି କିଶୋର କୁମାର ପାଣିଗ୍ରାହୀ କହିଛନ୍ତି, ଏହି ମାମଲାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଛି। ପରବର୍ତ୍ତୀ ସମୟରେ ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ସେକ୍ଟର-୧୫ ଥାନା ଅନ୍ତର୍ଗତ କ୍ୱାର୍ଟର ନଂ.ସି/୨୩୧ରେ ନକଲି ନୋଟ ତିଆରି ଚାଲିଥିବା ଏସ୍‌ଟିଏଫ୍ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଏନେଇ ଏସ୍‌ଟିଏଫ୍ ପକ୍ଷରୁ ତୁରନ୍ତ ସ୍ଥାନୀୟ ପୋଲିସକୁ ଅବଗତ କରାଯିବା ସହ ତୁରନ୍ତ ଚଢ଼ାଉ ଯୋଜନା ହୋଇଥିଲା। ପୂର୍ବପ୍ରସ୍ତୁତି ଅନୁଯାୟୀ ଶନିବାର ରାତିରେ ଏସ୍‌ଟିଏଫ୍ ଓ ସ୍ଥାନୀୟ ପୋଲିସର ଏକ ମିଳିତ ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲା। ସେଠାରେ ଅହମ୍ମଦଙ୍କୁ କାବୁ କରାଯିବା ପରେ ତାଙ୍କଠାରୁ ନକଲି ନୋଟ ମିଳିଥିଲା। ତେବେ ଏହି କାରବାରରେ ଅହମ୍ମଦଙ୍କ ସମେତ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଛି। ଅଭିଯୁକ୍ତ ଅହମ୍ମଦ ୬ ମାସ ପୂର୍ବରୁ ରାଜଗାଙ୍ଗପୁରସ୍ଥିତ ବରପାଲି ବସ୍ତିରେ ରହୁଥିବା ଜଣେ ବନ୍ଧୁଙ୍କ ସହ ଯୋଗାଯୋଗ କରି ରାଉରକେଲା ଆସିଥିଲେ। ତେଣୁ ସେହି ବନ୍ଧୁଙ୍କୁ ଯୋଗାଯୋଗ କରି ଅନ୍ୟମାନଙ୍କୁ ଧରିବାକୁ ପୋଲିସ ଚେଷ୍ଟା କରୁଛି।

ଅନ୍ୟପକ୍ଷରେ ପଶ୍ଚିମ ଓଡ଼ିଶାରେ ନକଲି ନୋଟ କାରବାର ବଢ଼ିଚାଲିଛି। ଗତ ଜୁଲାଇ ୭ରେ ବରଗଡ଼ ଜିଲାର ପୃଥକ ଅଞ୍ଚଳରେ ଏସ୍‌ଟିଏଫ୍ ଚଢ଼ାଉ କରି ୧୪ ଲକ୍ଷ ୨୯ ହଜାର ୫୦୦ ଟଙ୍କାର ନକଲି ନୋଟ୍ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେହିପରି ଏହାର କିଛିଦିନ ପରେ ଅର୍ଥାତ୍ ଜୁଲାଇ ୧୨ ରାତିରେ ସମ୍ବଲପୁର ଜିଲା ଯୁଜୁମରା ଥାନା ଅଞ୍ଚଳରେ ଏକ ଜନସେବା କେନ୍ଦ୍ରରେ ଚଢ଼ାଉ କରି ଏସ୍‌ଟିଏଫ୍ ୧୫ ଲକ୍ଷ ୧୨ ହଜାର ୫୦୦ ଟଙ୍କାର ନକଲି ନୋଟ୍ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଥିଲା। ତେବେ ୩ ମାସ ମଧ୍ୟରେ ପଶ୍ଚିମ ଓଡ଼ିଶାର ୩ ଜିଲାରୁ ବିପୁଳ ପରିମାଣରେ ନକଲି ନୋଟ୍ ଜବତ ହେବା ଚିନ୍ତାର ବିଷୟ ପାଲଟିଛି। ଜିଲା ପୋଲିସର ଯାଞ୍ଚ ପ୍ରକ୍ରିୟାରେ ଅବହେଳା ଯୋଗୁ ଏପରି ନକଲି ନୋଟ କାରବାର ବଢୁଥିବା କୁହାଯାଉଛି।






# ଜେଇଇ ଆଡ୍‌ଭାନ୍ସରେ ଆକାଶ ବାଇଜୁସ୍‌ର ସଫଳତା

## ଜେଇଇ ଆଡ୍‌ଭାନ୍ସଡ-୨୦୨୨ରେ ଅତିଶ କୁମାର ସାହୁ ଏଆଇଆର ୩୧୧ ହାସଲ



**ଭୁବନେଶ୍ୱର,୧୧।୯**

ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଆକାଶ ବାଇଜୁସ୍ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଜେଇଇ ଆଡ୍‌ଭାନ୍ସଡ ଫଳାଫଳରେ ବଡ଼ ସଫଳତା ହାସଲ କରିଛି। ଉକ୍ତ ଯୋଗ୍ୟତା ପାଇଁ ଆଶାୟୀ ଛାତ୍ରୀଛାତ୍ରମାନେ ଜେଇଇ ଆଡ୍‌ଭାନ୍ସଡ ପରୀକ୍ଷା ଦେଇଥିଲେ। ରବିବାର ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ପକ୍ଷରୁ ଜେଇଇ ଆଡ୍‌ଭାନ୍ସଡ-୨୦୨୨ର ଫଳାଫଳ ଘୋଷଣା କରାଯାଇଛି। ଉକ୍ତ ଫଳାଫଳ ଅନୁଯାୟୀ ଆକାଶ ବାଇଜୁସ୍‌ର ଭୁବନେଶ୍ୱରସ୍ଥିତ ଭୌମନଗର ଶାଖାର ଛାତ୍ର ଅତିଶ କୁମାର ସାହୁ ସର୍ବଭାରତୀୟ ସ୍ତର (ଏଆଇଆର)ରେ ୩୧୧ତମ ସ୍ଥାନ ହାସଲ କରି ଅନୁଷ୍ଠାନକୁ ଗର୍ବିତ କରାଇଛନ୍ତି। ଏପରିକି ଅତିଶଙ୍କ ଏହି ସଫଳତା ଉଭୟ ତାଙ୍କ ଅଭିଭାବକ ଏବଂ ଶିକ୍ଷା ଅନୁଷ୍ଠାନର ସମସ୍ତ କର୍ମଚାରୀଙ୍କୁ ଅତ୍ୟନ୍ତ ଉତ୍ସାହିତ କରିଛି। ଏ ସମ୍ପର୍କରେ ଆକାଶ ବାଇଜୁସ୍‌ର ଏମ୍‌ଡି ଆକାଶ ଚୌଧରୀ କହିଛନ୍ତି, ଆମେ ଅତିଶଙ୍କୁ ତାଙ୍କର ଅନନ୍ୟ ସଫଳତା ପାଇଁ ଅଭିନନ୍ଦନ ଜଣାଉଛୁ। ବିଶେଷକରି ମହାମାରୀ ପ୍ରଭାବିତ ଶିକ୍ଷାବର୍ଷଗୁଡ଼ିକରେ ଆକାଶ ବାଇଜୁସ୍ ଆଉ ପାଦେ ଆଗକୁ ଯାଇ ଛାତ୍ରୀଛାତ୍ରଙ୍କୁ ଜେଇଇରେ ଶ୍ରେଷ୍ଠ ପର୍ସେଣ୍ଟାଇଲ ହାସଲ ଦିଗରେ ସମର୍ଥ କରାଇଥିଲା। ଛାତ୍ରୀଛାତ୍ରଙ୍କ ପାଇଁ ଆମର ଡିଜିଟାଲ ଉପସ୍ଥିତି ଯେଭଳି ସବୁ ସମୟରେ ଉପଲବ୍ଧ ହୋଇପାରିବ।






# ଟିକେଏମ୍ ପକ୍ଷରୁ ଅର୍ବାନ କ୍ରୁଜର ହାଇରାଇଡରର ମୂଲ୍ୟ ଘୋଷଣା

**ନୂଆଦିଲ୍ଲୀ,୧୧।୯**

ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ୍) ପକ୍ଷରୁ ନ୍ୟୁ ଟୟୋଟା ଅର୍ବାନ କ୍ରୁଜର ହାଇରାଇଡରର ମୂଲ୍ୟ ଘୋଷଣା କରାଯାଇଛି। ଏପରିକି ପର୍ଯ୍ୟାୟକ୍ରମେ ଘୋଷିତ ହେବାକୁ ଥିବା ଟୟୋଟାର ଅତ୍ୟାଧୁନିକ ଅଫରର ଶ୍ରେଷ୍ଠ ୪ଟି ଗ୍ରେଡର ପ୍ରତିଯୋଗିତାମୂଳକ ମୂଲ୍ୟ ୧୫,୧୧,୦୦୦ରୁ ୧୮,୯୯,୦୦୦ଟଙ୍କା ମଧ୍ୟରେ ରହିଛି ବୋଲି ଜଣାପଡିଛି। ଜୁଲାଇ ପ୍ରାରମ୍ଭରେ ବ୍ରାଣ୍ଡ ନ୍ୟୁ ଏସ୍‌ୟୁଭିର ବଜାର ପ୍ରବେଶ କରାଯାଇ ଏହାର ବୁକିଂ ମଧ୍ୟ ଘୋଷଣା କରାଯାଇଥିଲା।

ଏ ସମ୍ପର୍କରେ ଟୟୋଟା କିର୍ଲୋସ୍କର ମୋଟରର ବିକ୍ରୟ ଏବଂ ଷ୍ଟ୍ରାଟେଜିକ ମାର୍କେଟିଂ ଆସୋସିଏଟ ଉପାଧ୍ୟକ୍ଷ ଅତୁଲ ସୁଦ କହିଛନ୍ତି, ଅର୍ବାନ କ୍ରୁଜର ହାଇରାଇଡର ପାଇଁ ଏଭଳି ପ୍ରତିକ୍ରିୟା ଗ୍ରହଣ କରି ଆମେ ପ୍ରକୃତରେ ବେଶ୍ ଆନନ୍ଦିତ ଏବଂ ଗୌରବାନ୍ୱିତ। ଗ୍ରାହକମାନେ ଆମ ଉପରେ ନିଜର ବିଶ୍ୱାସ ଏବଂ ଆସ୍ଥା ପ୍ରକଟ କରିଛନ୍ତି। ଆମେ ଅର୍ବାନ୍ କ୍ରୁଜର ହାଇରାଇଡର ମୂଲ୍ୟକୁ ପର୍ଯ୍ୟାୟକ୍ରମେ ଘୋଷଣା କରିବାକୁ ନିଷ୍ପତ୍ତି ଗ୍ରହଣ କରିଛୁ।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ସେପ୍ଟେମ୍ବର ୧୨/୨୦୨୨ (୧୬ ପୃଷ୍ଠା) Sambalpur, Monday, September 12/2022 Page 16 | ପୃଷ୍ଠା-୧




**ଦାବି ଆଗରେ ବର୍ଷା ଫିକା:** ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ଓ ୬ବର୍ଷର ଚୁକ୍ତିଭିତ୍ତିକ ସମୟକୁ ମୂଳ ଚାକିରିରେ ଯୋଗ କରିବା ଦାବି ନେଇ ଓଡ଼ିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘ ପକ୍ଷରୁ ରବିବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ଆନ୍ଦୋଳନରେ ସାମିଲ ହୋଇଥିବା ବିଭିନ୍ନ ବିଭାଗର ଠିକା କର୍ମଚାରୀମାନେ ପ୍ରବଳ ବର୍ଷାରେ ଛତା ଧରି ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ବଦଳିଗଲା ବନ୍ୟା କ୍ଷୟକ୍ଷତି ରିପୋର୍ଟ

ସମ୍ବଲପୁର, ୧୧।୯ (ବ୍ୟୁରୋ)

ଲଘୁଚାପଜନିତ ଲଗାଣ ବର୍ଷା ଓ ହୀରାକୁଦ ଡ୍ୟାମ୍‌ରୁ ବନ୍ୟାଜଳ ନିଷ୍କାସନ ଯୋଗୁ ସମ୍ବଲପୁର ଜିଲା ପ୍ରଭାବିତ ହୋଇଥିଲା। ତଳିଆ ଅଞ୍ଚଳରେ ପାଣି ପଶିବା ସହ ଘରଦ୍ୱାର ଭାଙ୍ଗିଥିଲା। ଧାନ ଓ ଅନ୍ୟାନ୍ୟ ଫସଲ ମଧ୍ୟ ନଷ୍ଟ ହୋଇଥିଲା। କ୍ଷତିପୂରଣ ଦେବା ପାଇଁ ରାଜ୍ୟ ସରକାର ଅଗଷ୍ଟ ୩୦ ତାରିଖ ସୁଦ୍ଧା ପ୍ରାଥମିକ ରିପୋର୍ଟ ପ୍ରଦାନ କରିବାକୁ ସମସ୍ତ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ରାଜସ୍ୱ ବିଭାଗ ଓ କୃଷି ବିଭାଗ ମିଳିତ ଭାବେ ପ୍ରଭାବିତ ଅଞ୍ଚଳ ବୁଲି କ୍ଷୟକ୍ଷତି ରିପୋର୍ଟ ସଂଗ୍ରହ କରିଥିଲେ। ପ୍ରାଥମିକ ରିପୋର୍ଟରେ ସମ୍ବଲପୁର ଜିଲା ମାନେଶ୍ୱର ତହସିଲର ଆଂଶିକ ଓ ସଦର ତହସିଲ ଅଧୀନ ଧନକଉଡ଼ା ବ୍ଲକର ଚିପିଲିମା ଓ ଗୋଶାଳା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଚାଷୀମାନଙ୍କ ଅଭିଯୋଗ କ୍ରମେ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ରିପୋର୍ଟରେ ପ୍ରାୟ ୩୬ ହେକ୍ଟର ଅର୍ଥାତ୍ ପ୍ରାୟ ୧୦୦ ଏକର ଜମି ପ୍ରଭାବିତ ହୋଇଥିବା କୁହାଯାଇଥିବା ବେଳେ ଚୂଡ଼ାନ୍ତ ରିପୋର୍ଟରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ଦର୍ଶାଯାଇଛି। ସରକାରଙ୍କଠାରେ କୃଷି ଓ ରାଜସ୍ୱ ବିଭାଗର ତଦନ୍ତକାରୀ ଟିମ୍ ସହିତ ବିଭାଗୀୟ ଅଧିକାରୀଙ୍କ ସ୍ୱାକ୍ଷର ଥିବା ରିପୋର୍ଟ ଦାଖଲ କରାଯାଇଥିଲା। ହେଲେ କାହା ଚାପରେ ଓ କାହିଁକି ଚୂଡ଼ାନ୍ତ ରିପୋର୍ଟ ଦେବା ସମୟରେ ପରିବର୍ତ୍ତନ କରାଗଲା ବୋଲି ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ଏହାକୁ ନେଇ କ୍ଷତିଗ୍ରସ୍ତ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଏ ସମ୍ପର୍କରେ ସଦର ତହସିଲଦାର ଲକ୍ଷ୍ମଣ ଅମାତ କହିଛନ୍ତି, ସମ୍ବଲପୁର ସହରରେ ବନ୍ୟାରେ ଚାଷଜମି କ୍ଷତି ହୋଇନାହିଁ। ହେଲେ ଲୋକମାନଙ୍କ ଘର ଭାଙ୍ଗିବା ସହ ରାସ୍ତାଘାଟ ନଷ୍ଟ ହୋଇଥିବା ନେଇ ରିପୋର୍ଟ ଦିଆଯାଇଛି। ସରକାରଙ୍କ ନିୟମ ଅନୁସାରେ ପ୍ରଭାବିତ ପରିବାରକୁ ଆର୍ଥିକ ସାହାଯ୍ୟ ଦିଆଯିବ ବୋଲି ସେ କହିଛନ୍ତି। ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ଆବାହକ ଅଶୋକ ପ୍ରଧାନ କହିଛନ୍ତି ଯେ, ମହାନଦୀ ପାଣି ଆସିବା ପରେ ଧନକଉଡ଼ା ବ୍ଲକର ବସନ୍ତପୁର, ଚିପିଲିମା, ଗୋଶାଳା, କରଡୋଲା ଆଦି ଗ୍ରାମରେ ଧାନ ଫସଲ ନଷ୍ଟ ହୋଇଥିଲା। ଏହାସହ ମାନେଶ୍ୱର ତହସିଲ ଅଧୀନ ମହାନଦୀ ତଟରେ ଥିବା ଚାଷଜମି ମଧ୍ୟ ନଷ୍ଟ ହୋଇଥିଲା। କୃଷି ବିଭାଗ ଓ ରାଜସ୍ୱ ବିଭାଗ ତଦନ୍ତ କରି ରିପୋର୍ଟ ପ୍ରସ୍ତୁତ କରିଥିଲେ। ହେଲେ ଚୂଡ଼ାନ୍ତ ରିପୋର୍ଟରେ ଧାନ ଫସଲ ନଷ୍ଟ ହୋଇ ନ ଥିବା ଚାଷୀ ଜାଣିବାକୁ ପାଉଛନ୍ତି, ଯାହା ପରିତାପର ବିଷୟ। କେଉଁ ଆଧାରରେ ପ୍ରାଥମିକ ରିପୋର୍ଟ ପରିବର୍ତ୍ତନ କରାଯାଇଛି। ଅନ୍ୟପକ୍ଷେ ପ୍ରଭାବିତ ଚାଷୀମାନଙ୍କୁ କ୍ଷତିପୂରଣ ଦେବାର ସ୍ୱତନ୍ତ୍ର ଅନୁଦାନ ମଧ୍ୟ ରହିଛି। ହେଲେ ଚାଷୀଙ୍କ ପ୍ରତି ସମବେଦନା ନ ଥିବା ଏଥିରୁ ସ୍ପଷ୍ଟ ହେଉଛି ବୋଲି ପ୍ରଧାନ କହିଥିଲେ।

# ମଦ, ବିଷାକ୍ତ ଖାଦ୍ୟ ନେଉଛି ଜୀବନ

## ହଳଦୀକୁଣ୍ଡରେ ଅଜଣା ରୋଗରେ ମୃତ୍ୟୁ ଘଟଣା

ମାଥିଲି, ୧୧।୯ (ଡି.ଏନ.ଏ)

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ହଳଦୀକୁଣ୍ଡ ଗ୍ରାମରେ ଦେଖାଦେଇଥିବା ଅଜଣା ରୋଗର କାରଣ ଏବେ ସ୍ପଷ୍ଟ ହୋଇଛି। ମଦ ଓ ବିଷାକ୍ତ ଖାଦ୍ୟ ଖାଇ ଲୋକେ ପ୍ରାଣ ହରାଉଥିବା ମାଥିଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଏନେଇ ରବିବାର ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଓ ଜନ ପ୍ରତିନିଧିମାନେ ହଳଦୀକୁଣ୍ଡକୁ ଯାଇ ଲୋକଙ୍କୁ ସଚେତନ କରିଛନ୍ତି। ୯ ଜଣ ଆକ୍ରାନ୍ତଙ୍କୁ ବୁଝାଶୁଝା କରି ମାଥିଲି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଲୋକଙ୍କ ମୃତ୍ୟୁ ଅଜଣା ରୋଗ ନୁହେଁ, ମଦ ଓ ବିଷାକ୍ତ ଖାଦ୍ୟ ଖାଇବା ଦ୍ୱାରା ହୋଇଥିବା ସଂଗୃହୀତ ରିପୋର୍ଟରୁ ଜଣାପଡ଼ିଛି ବୋଲି ମାଲକାନଗିରି ସିଡିଏମ୍‌ଓ ପ୍ରଫୁଲ୍ଲ କୁମାର ନନ୍ଦ କହିଛନ୍ତି। ଗତ କିଛିଦିନ ତଳେ ଗ୍ରାମରେ ଏକ ମୃତ ଗୃହପାଳିତ ପ୍ରାଣୀର ମାଂସ ଗ୍ରାମବାସୀ ଖାଇଥିଲେ। ଏଥିସହ ମାତ୍ରାଧିକ ମଦ୍ୟପାନ କରିଥିଲେ। ଫଳରେ ସେମାନଙ୍କ ଶରୀର ଧୀରେ ଧୀରେ ବିଷାକ୍ତ ହୋଇପଡ଼ିଥିଲା। କ୍ରମେ ଗୋଡ ହାତ ଫୁଲିବା ସହ ଜ୍ୱରରେ ମୃତ୍ୟୁ ଘଟିଥିଲା। ଜ୍ୱରରେ ପଡ଼ିବା ସତ୍ତ୍ୱେ ସେମାନେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ନ ଥିଲେ। କ୍ୱାକ୍ ଚିକିତ୍ସା ଏବଂ ଗୁଣିଗାରେଡ଼ି ଫଳରେ ଗତ ୮ ଦିନ ମଧ୍ୟରେ ୧୨ ଜଣଙ୍କ ମୃତ୍ୟୁ ହୋଇଥିଲା ବୋଲି ସିଡିଏମ୍‌ଓ ନନ୍ଦ କହିଛନ୍ତି। ହେଲେ ସରକାରୀ ସ୍ତରରେ ମୃତ୍ୟୁସଂଖ୍ୟା ୭ ଜଣ କୁହାଯାଉଥିବାବେଳେ ଗ୍ରାମବାସୀ ୧୨ ଜଣ ବୋଲି କହୁଛନ୍ତି। ସୂଚନାଯୋଗ୍ୟ, ରବିବାର ଗ୍ରାମବାସୀ ଜଣେ ମୃତକଙ୍କ ପରିବାର ଲୋକଙ୍କ ସହିତ ମିଶି ଭୂତକୁ ଉଠାଇବାର ଅଛି ବୋଲି କହି ମିଳିତ ଭାବେ ମଦ ପିଉଥିବା ଦେଖିବାକୁ ମିଳିଛି।

# କେନ୍ଦ୍ରୀୟ ସିଟ୍ ଆବଣ୍ଟନ ପ୍ରକ୍ରିୟା ପରିଚାଳନା କରିବ ରାଉରକେଲା ଏନ୍‌ଆଇଟି

## ଏନ୍‌ଆଇଟି, ଆଇଆଇଆଇଟିରେ ଯୁଜି ନାମଲେଖା

ନୂଆଦିଲ୍ଲୀ, ୧୧।୯ (ପି.ଟି.): ଚଳିତ ବର୍ଷ ଦେଶର ବିଭିନ୍ନ ଏନ୍‌ଆଇଟି, ଆଇଆଇଇଏସ୍‌ଟି, ଆଇଆଇଆଇଟି ଏବଂ ସ୍କୁଲ୍ ଅଫ୍ ପ୍ଲାନିଂ ଆଣ୍ଡ ଆର୍କିଟେକ୍ଚରରେ ବିଭିନ୍ନ ଅଣ୍ଡରଗ୍ରାଜୁଏଟ୍ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ରାଉରକେଲାର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଏନ୍‌ଆଇଟି) କେନ୍ଦ୍ରୀୟ ସିଟ୍ ଆବଣ୍ଟନ ପ୍ରକ୍ରିୟାର ପରିଚାଳନା କରିବ। ଉକ୍ତ ଶିକ୍ଷାନୁଷ୍ଠାନ ମଧ ମିଳିତ ସିଟ୍ ଆବଣ୍ଟନ କର୍ତ୍ତୃପକ୍ଷ (ଜେଓଏସ୍‌ଏଏ)ର କୋ-ହୋଷ୍ଟ ଭାବେ ୬ ପର୍ଯ୍ୟାୟ ସିଟ୍ ଆବଣ୍ଟନକୁ ପରିଚାଳନା କରିବ ବୋଲି ଜଣେ ପଦାଧିକାରୀ କହିଛନ୍ତି। ଆସନ୍ତା ୧୨ ତାରିଖରୁ ଜେଓଏସ୍‌ଏଏ ସିଟ୍ ଆବଣ୍ଟନ ପାଇଁ ପଞ୍ଜୀକରଣ ଆରମ୍ଭ ହେବ। ଜେଓଏସ୍‌ଏଏ ରାଉଣ୍ଡ ପରେ ସିଏସ୍‌ଏବି ସ୍ୱତନ୍ତ୍ର ପର୍ଯ୍ୟାୟ ଅକ୍ଟୋବର ୨୪ରେ ଅନୁଷ୍ଠିତ ହେବ। ନଭେମ୍ବର ୬ ସୁଦ୍ଧା ସମ୍ପୂର୍ଣ୍ଣ କାଉନସେଲିଂ ପ୍ରକ୍ରିୟା ଶେଷ ହେବ। ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ଚଳିତ ବର୍ଷ କାଉନସେଲିଂ ପ୍ରକ୍ରିୟାରେ କେତେକ ପରିବର୍ତ୍ତନ କରାଯାଇଥିବା ସ୍ଥାନୀୟ ଆୟୋଜନ କମିଟି ଅଧକ୍ଷ ମୁକେଶ କେ. ଗୁପ୍ତା କହିଛନ୍ତି। ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକଙ୍କୁ ସ୍ଥାନୀୟ ଭାଷାରେ କାଉନସେଲିଂ ପ୍ରକ୍ରିୟାରେ ସହାୟତା ଲାଗି ସିଏସ୍‌ଏବି ହିନ୍ଦୀ, ଇଂଲିଶ, ଓଡ଼ିଆ, ବଙ୍ଗଳା, ମରାଠୀ, ତାମିଲ, ତେଲୁଗୁ, କନ୍ନଡ ଏବଂ ମାଲୟାଲମ ଭାଷାର ଟେଲିଫୋନ୍ ଲାଇନ ସ୍ଥାପନ କରିଛି।

# ସୁବର୍ଣ୍ଣରେଖା ନଦୀକୂଳ ଅସୁରକ୍ଷିତ

ଜଳେଶ୍ୱର, ୧୧।୯ (ଡି.ଏନ.ଏ.)

ବିଭିନ୍ନ ସ୍ଥାନରେ ସୁବର୍ଣ୍ଣରେଖା ନଦୀକୂଳ ଅସୁରକ୍ଷିତ ହୋଇପଡିଥିବାରୁ ୬ବର୍ଷ ପୂର୍ବେ ବୈଷୟିକ ପରାମର୍ଶଦାତା କମିଟି (ଟିଏସି) ଓ ୪ବର୍ଷ ପୂର୍ବେ ଉଚ୍ଚ କ୍ଷମତାସମ୍ପନ୍ନ କମିଟି (ଏଚ୍‌ପିସି)୧୫ ପ୍ରକଳ୍ପକୁ ଅନୁମୋଦନ କରିଥିଲା। ଅର୍ଥ ଅଭାବରୁ ଅଦ୍ୟାବଧି ୧୪ଟିର ଟେଣ୍ଡର ହୋଇପାରିନାହିଁ।

ସୁବର୍ଣ୍ଣରେଖାରେ ବନ୍ୟା ଆସିଲେ ପ୍ରଶାସନର ନିଦ ହଜିଯାଏ। ବାଲେଶ୍ୱର ଜିଲାର ଜଳେଶ୍ୱର, ଭୋଗରାଇ, ବାଲିଆପାଳ, ବସ୍ତା ଓ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକର ବିଭିନ୍ନ ଅଞ୍ଚଳ ଜଳାର୍ଣ୍ଣବ ହୁଏ ଓ ବ୍ୟାପକ କ୍ଷତି ଘଟେ। ତେଣୁ ସୁବର୍ଣ୍ଣରେଖା କୂଳେ କୂଳେ କେତେକ ସ୍ଥାନରେ ଅତ୍ୟାବଶ୍ୟକ ୧୫ ପ୍ରକଳ୍ପକୁ ୬ବର୍ଷ ପୂର୍ବେ ଟିଏସି ଓ ୪ବର୍ଷ ପୂର୍ବେ ଏଚ୍‌ପିସି ଅନୁମୋଦନ କରିଥିଲା। କିନ୍ତୁ ଅର୍ଥାଭାବରୁ ଅଦ୍ୟାବଧି ୧୪ପ୍ରକଳ୍ପକୁ ପ୍ରଶାସନିକ ଅନୁମୋଦନ ମିଳିନାହିଁ। ୧୫ ପ୍ରକଳ୍ପ ଲାଗି ୯୯ କୋଟି ୮୪ଲକ୍ଷ ୪୨ହଜାର ଟଙ୍କା ଆବଶ୍ୟକତା ଥିବା ବେଳେ କେବଳ ଜଳେଶ୍ୱର ସହରକୁ ରକ୍ଷା ଲାଗି ବିଧାୟକ ତଥା ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କ ପ୍ରଚେଷ୍ଟାରେ ଜଳେଶ୍ୱର ରିଂବନ୍ଧର କାର୍ଯ୍ୟ ଟେଣ୍ଡର ହେବାକୁ ଯାଇଛି। ମାତ୍ର ୪ କି.ମି. ରିଂବନ୍ଧ ଲାଗି ୮କୋଟି ୬୧ଲକ୍ଷ ଟଙ୍କା ବିଭାଗୀୟ ଅନୁମୋଦନ ହୋଇଥିବା ଜଣାଯାଇଛି। ସୁବର୍ଣ୍ଣରେଖା ନଦୀର



ଗୁରୁଦାସପୁରଠାରେ ସୁବର୍ଣ୍ଣରେଖା ନଦୀ ବନ୍ଧରେ ହୋଇଥିବା ଜିଓ ପ୍ୟାକିଂ।

ବାମପଟେ ଥିବା ଗୋବରଘଟାଠାରେ ୬କୋଟି ୭୨ଲକ୍ଷ ୭୦ହଜାର, ଝଡେଶ୍ୱରପୁରଠାରେ ୧୦କୋଟି ୬୪ଲକ୍ଷ ୯୨ହଜାର, କୋଟସାହିଠାରେ ୪ କୋଟି ୭୪ ଲକ୍ଷ, ରାଜପୁରଠାରେ ୩ କୋଟି ୭୦ ଲକ୍ଷ, ବଳରାମପୁର ବଡିଘରଠାରେ ୪ଟି ସ୍ପର ନିର୍ମାଣ ଲାଗି ୪କୋଟି ୧୦ଲକ୍ଷ ୫୦ହଜାର, ଏକତାଳିଠାରେ ୧କୋଟି ୪୦ଲକ୍ଷ, ନରଣପୁର ଓ ଶ୍ରୀକଣ୍ଠପୁରଠାରେ ୭ କୋଟି ୬୨ଲକ୍ଷ ୬୫ହଜାର, ମହମ୍ମଦନଗରପାଟଣାଠାରେ ୮କୋଟି ଟଙ୍କା, ପାଳସାହିଠାରେ ୩କୋଟି ୭୫ଲକ୍ଷ ୫୦ହଜାର, ଜମାଲପୁର ଓ ସାନରାଉତପଡାଠାରେ ୬ କୋଟି ୬୬ଲକ୍ଷ ୫୦ହଜାର, କୁମ୍ଭୀରଗଡି ଭୂଷଣ୍ଡେସର ମନ୍ଦିର ନିକଟରେ ୩କୋଟି ୯୬ଲକ୍ଷ ୫୦ହଜାର, କିର୍ତ୍ତନୀୟା ଜେଟିଠାରେ ୧୬କୋଟି ୯୧ଲକ୍ଷ ୭୪ହଜାର ଓ ଉଲୁଡା-ଖଳାବାଡିଆ ଟିଆର୍‌ଇ ୩କୋଟି ୧୬ଲକ୍ଷ ୭୮ହଜାର ଟଙ୍କାର ଅନୁମୋଦନ ଯଥାକ୍ରମେ ଟିଏସି ଓ ଏଚ୍‌ପିସିଠାରୁ ମିଳିସାରିଛି। କେବଳ ଜଳେଶ୍ୱର ରିଂବନ୍ଧ ଲାଗି ଗୋବରଘଟା-ଲକ୍ଷ୍ମଣନାଥ ଟିଆର୍‌ଇ ଓ ଶେଖବାର୍ଡ-ଶେଖବଜାର-ଶେଖସରାଇ ଟିଆର୍‌ଇର ୧୨କି.ମି. ମଧ୍ୟରୁ ୪.୫ କି.ମି. ଲାଗି ଅର୍ଥ ମଞ୍ଜୁର ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ଚଳିତବର୍ଷ ବନ୍ୟାପରେ ଜଳ ସମ୍ପଦ ବିଭାଗର କେତେକ ଉଚ୍ଚପଦସ୍ଥ କର୍ମକର୍ତ୍ତା ଏପରିକି ଇଞ୍ଜିନିୟର ଇନ୍ ଚିଫ ଚନ୍ଦ୍ରଶେଖର ପାଢୀ ଜଳେଶ୍ୱର ଆସି ସୁବର୍ଣ୍ଣରେଖା ନଦୀର ଦୁର୍ବଳ ନଦୀବନ୍ଧ ବୁଲି ଦେଖିଥିଲେ। ତେଣୁ ସେସବୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ନ ହେଲେ ବହୁ ତଟବର୍ତ୍ତୀ ଗାଁ ନଦୀଗର୍ଭରେ ନିଶ୍ଚିହ୍ନ ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ବହୁ ନିର୍ବାଚିତ ପ୍ରତିନିଧି, ତଥ୍ୟାଭିଜ୍ଞ ଓ ସାମାଜିକ ସଙ୍ଗଠନମାନେ ଦାବି କରିଛନ୍ତି।

# ବୃଦ୍ଧାଙ୍କୁ ହତ୍ୟାକରି ସୁନା ଅଳଙ୍କାର, ଟଙ୍କା ଲୁଟ୍

ଦିଗପହଣ୍ଡି, ୧୧।୯ (ଡି.ଏନ.ଏ.)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି କଲେଜ ଛକ ନିକଟ ଗଡ଼ସାହିରେ ଶନିବାର ରାତିରେ ଦୁର୍ବୃତ୍ତମାନେ ଜଣେ ବୃଦ୍ଧାଙ୍କୁ ହତ୍ୟା କରି ସୁନା ଅଳଙ୍କାର, ଟଙ୍କା ଲୁଟି ନେଇଛନ୍ତି। ମୃତ ବୃଦ୍ଧା ଜଣକ ହେଲେ ରାମେୟା ପାତ୍ରଙ୍କ ସ୍ତ୍ରୀ ଆଦି। ରାମେୟା ରାତିରେ ଖାଇସାରି ଗୁହାଳ ଘରେ ଶୋଇଥିଲେ। ଘର ଭିତରେ ତାଙ୍କ ସ୍ତ୍ରୀ ଆଦି ଶୋଇଥିଲେ। ଦୁର୍ବୃତ୍ତମାନେ ଘର ବାରିପଟ କବାଟ ଭାଙ୍ଗି ଭିତରେ ପଶି ଟ୍ରଙ୍କ ପେଡିରେ ଥିବା ପ୍ରାୟ ୫୦ ହଜାର ଟଙ୍କା ଲୁଟି ନେବା ସହ ଶୋଇଥିବା ବୃଦ୍ଧାଙ୍କ ମୁଣ୍ଡକୁ ଛେଚି ହତ୍ୟା କରିଥିଲେ। ପରେ ସେ ପିନ୍ଧିଥିବା ସୁନା ଖାସୁମାଳି, କାନଫୁଲ, ନାକଫୁଲକୁ ଧାରୁଆ ଅସ୍ତ୍ରରେ କାଟି ନେଇଯାଇଥିଲେ। ଭୋର୍‌ରେ ରାମେୟା ଘର ଭିତରକୁ ଗଲା ବେଳେ ସ୍ତ୍ରୀଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ଦେଖି ପଡୋଶୀଙ୍କୁ ଡାକ ପକାଇଥିଲେ। ଖବରପାଇ ଅପର୍ତ୍ତି ନଗର ସାହିରେ ରହୁଥିବା ପୁଅ ସାହେବ ପାତ୍ର ଘରେ ପହଞ୍ଚି ପୋଲିସକୁ ଜଣାଇଥିଲେ। ଚିକିଟି ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା, ଦିଗପହଣ୍ଡି ଆଇଆଇସି ଦୀପ୍ତି ରଞ୍ଜନ ବେହେରା, କେ.ନୂଆଗାଁ ଆଇଆଇସି ମୃତ୍ୟୁଞ୍ଜୟ ସ୍ୱାଇଁ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯାଇଥିଲା। ରାମେୟାଙ୍କ ଏତଲା କ୍ରମେ ନଂ. ୩୨୪/ ୨୨ ମାମଲା ରୁଜୁ ହୋଇଛି।

# ଦ୍ୱାରକା ପୀଠ ଶଙ୍କରାଚାର୍ଯ୍ୟଙ୍କ ଦେହାନ୍ତ

**ବାରମୁଲ୍ଲା, ୧୧।୯:** ଦ୍ୱାରକା ପୀଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀଙ୍କର ରବିବାର ପରଲୋକ ହୋଇଯାଇଛି। ତାଙ୍କୁ ୯୯ ବର୍ଷ ବୟସ ହୋଇଥିଲା। ମଧପ୍ରଦେଶର ନରସିଂହପୁରଜିଲାରେ ଥିବା ଆଶ୍ରମରେ ସେ ଅପରାହ୍ନ ୩ଟା ୩୦ରେ ଆଖି ବୁଜିଥିବା ତାଙ୍କ ସହଯୋଗୀ ଦ୍ୱାରକା ପୀଠର ସ୍ୱାମୀ ଦାନନ୍ଦ ମହାରାଜ ସୂଚନା ଦେଇଛନ୍ତି। ଦ୍ୱାରକା, ଶାରଦା ଏବଂ ଜ୍ୟୋତିଶପୀଠର ଶଙ୍କରାଚାର୍ଯ୍ୟ



ସ୍ୱାମୀ ସ୍ୱରୂପାନନ୍ଦ ପ୍ରାୟ ବର୍ଷେ ହେଲା ଅସୁସ୍ଥ ଥିଲେ ବୋଲି ସେ କହିଛନ୍ତି। ମଧପ୍ରଦେଶର ସେଓନି ଜିଲା ଅନ୍ତର୍ଗତ ଦିଘୋରି ଗ୍ରାମରେ ୧୯୨୪ରେ ଶଙ୍କରାଚାର୍ଯ୍ୟଙ୍କ ଜନ୍ମ ହୋଇଥିଲା। ତାଙ୍କର ପିଲାଦିନର ନାମ ଥିଲା ପୋଥିରାମ ଉପାଧାୟ। ସେ ୯ ବର୍ଷ ବୟସରେ ଘର ଛାଡ଼ି ଈଶ୍ୱର ସନ୍ଧାନରେ ବାହାରିଥିଲେ। ସ୍ୱାଧୀନତା ଆନ୍ଦୋଳନ ବେଳେ ତାଙ୍କୁ ଜେଲ୍ ଯିବାକୁ ପଡ଼ିଥିଲା। ୧୯୮୧ରେ ସେ ଦ୍ୱାରକା ପୀଠ ଶଙ୍କରାଚାର୍ଯ୍ୟ ହୋଇଥିଲେ।

# ଦୁବାଇରେ ଚନ୍ଦ୍ର ରିସର୍ଟ

ଦୁବାଇ, ୧୧।୯

- ୪୮ ମାସରେ ନିର୍ମାଣ ହେବ
- ଖର୍ଚ୍ଚ ହେବ ୫ ବିଲିୟନ ଡଲାର

ବିଳାସପୂର୍ଣ୍ଣ ଅଟ୍ଟାଳିକା, ଅତ୍ୟାଧୁନିକ ଭିତ୍ତିଭୂମି ନିର୍ମାଣର ଘର କୁହାଯାଉଥିବା ଦୁବାଇ ଏବେ ପର୍ଯ୍ୟଟକଙ୍କୁଆହୁରିଆକର୍ଷିତ କରିବାକୁଚନ୍ଦ୍ର ଆକୃତିର ରିସର୍ଟ କରିବାକୁ ଯାଉଛି। ପର୍ଯ୍ୟଟକଙ୍କ ରହିବା ନିମନ୍ତେ ଏହି ଅଲ୍‌ଟ୍ରା-ଲକ୍‌ଜ୍ୟୁରିୟସ୍ ହୋଟେଲକୁ କାନାଡାର ଆର୍କିଟେକ୍ଚରାଲ କମ୍ପାନୀ ମୁନ୍ ୱାର୍ଲ୍ଡ ରିସର୍ଟସ୍(ଏମ୍‌ଡବ୍ଲ୍ୟୁଆର୍) ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଛି। ଅବିକଳ ଚନ୍ଦ୍ର ପୃଷ୍ଠ ଭଳି ଦେଖାଯିବାକୁ ଥିବା ଏହି ରିସର୍ଟ ୪୮ ମାସରେ ନିର୍ମାଣ ହେବ।

ଏହି ଅତୀବ-ବିଳାସପୂର୍ଣ୍ଣ ହୋଟେଲର ଉଚ୍ଚତା ୭୩୫ ଫୁଟ୍ ରହିବ। ନିର୍ମାଣରେ ୫ ବିଲିୟନ ଡଲାର ଖର୍ଚ୍ଚ ହେବ। 'ମୁନ୍ ଦୁବାଇ' ଦେଶର ଅର୍ଥନୀତିକୁ ଆହୁରି ଇନ୍ଧନ ଦେବ ବୋଲି ଆର୍କିଟେକ୍ଚରାଲ ଫାର୍ମ ପକ୍ଷରୁ କୁହାଯାଇଛି। ମଧ୍ୟପ୍ରାଚ୍ୟ ଓ ଉତ୍ତର ଆଫ୍ରିକା (ଏମ୍‌ଇଏନ୍‌ଏ) କ୍ଷେତ୍ରରେ ମୁନ୍ ଦୁବାଇ ପ୍ରୋଜେକ୍ଟ ସର୍ବାଧିକ ସଫଳ ଟୁରିଜମ୍ ପ୍ରକଳ୍ପ ସାବ୍ୟସ୍ତ ହେବ ଏବଂ ସହଜରେ ବାର୍ଷିକ ୧୦ ନିୟୁତ ପର୍ଯ୍ୟଟକ ସେଠାକୁ ଯିବେ ବୋଲି ମୁନ୍ ୱାର୍ଲ୍ଡ ରିସର୍ଟର ପ୍ରତିଷ୍ଠାତା ସାଣ୍ଡ୍ରା ଜି ମାଥ୍ୟୁସ୍ କହିଛନ୍ତି। ରିସର୍ଟରେ ଲୋକେ ସ୍ପା, ବ୍ୟାୟାମ, ନାଇଟ୍ କ୍ଲବ୍, ଇଭେଣ୍ଟ ସେଣ୍ଟରର ସୁବିଧା ପାଇବେ। ଏଥିସହ ଏହା ଏକ ବୈଶ୍ୱିକ ବୈଠକ ସ୍ଥଳୀ ବା ଗ୍ଲୋବାଲ ମିଟିଂ ପ୍ଲେସ୍ ହୋଇପାରିବ। ହୋଟେଲରେ ବିଭିନ୍ନ ସ୍ପେସ୍ ଏଜେନ୍ସି ଏବଂ ସେମାନଙ୍କ ମହାକାଶଚାରୀଙ୍କ ନିମନ୍ତେ ତାଲିମ ମଞ୍ଚ ମଧ ମିଳିବ। ରିସର୍ଟରେ ପ୍ରାଇଭେଟ୍ ଘର 'ସ୍କାଏ ଭିଲ୍ଲାସ୍' ରଖିବାକୁ ଯୋଜନା ରହିଛି। ଏଥିରୁ ବାର୍ଷିକ ରାଜସ୍ୱ ପ୍ରାୟ ୧.୮ ବିଲିୟନ ଡଲାର ଆସିବ ବୋଲି ଆକଳନ କରାଯାଇଛି। ଏବେ କମ୍ପାନୀ ଲାଇସେନ୍ସ କରିବା ଏବଂ ଦକ୍ଷ କ୍ଲାଏଣ୍ଟଙ୍କୁ ଆକର୍ଷିତ କରିବା ପାଇଁ ରୋଡ୍ ଶୋ' ଆୟୋଜନ ଯୋଜନା ରଖିଛି। ଉତ୍ତର ଆମେରିକା, ୟୁରୋପ, ମଧ୍ୟପ୍ରାଚ୍ୟ ଏବଂ ଉତ୍ତର ଆଫ୍ରିକା ଓ ଏସିଆରେ ୪ଟି ମୁନ୍ ରିସର୍ଟ ନିମନ୍ତେ ଲାଇସେନ୍ସ ପାଇଁ ମଧ ଏମ୍‌ଡବ୍ଲ୍ୟୁଆର୍ ଯୋଜନା କରୁଛି।



# DISTRICT OFFICE, JHARSUGUDA

## LAND ACQUISITION OFFICER AND COMPETENT AUTHORITY, NH- 49 PROJECT, JHARSUGUDA

## PUBLIC NOTICE

In exercise of the powers vested under Section 3D (1) and (2) of National Highways Act 1956 (Act N0. 48 of 1956) the Central Government vide their Gazette Notification No. **S.O. 3277(E), Dated 20th July, 2022** have acquired the lands indicated in the Schedule here under for building (Widening/four laning etc.) maintenance, management and operation of National Highway No. 49 on the Stretch of land from Km 0 to Km 30.97 for Jharsuguda Bypass (Office of the LAO & CALA (NH), Jharsuguda) in the state of Odisha.

Under the provisions of Section 3G(1), (2), (3) & (4) of the National Highways Act. 1956 (Act N0 48 of 1956) it is hereby informed to the land owners and other interested persons whose lands are acquired for building (Widening/ four laning etc.) maintenance, management and operation of National Highway No.49 on the Stretch of land Km 0 to Km 30.97 for Jharsuguda Bypass (Office of the LAO & CALA (NH), Jharsuguda) in the state of Odisha to appear and to submit their claims along with the copies of the relevant documents VIZ, (1) Sale/Partition/Other Deeds of Title. (2) Mutations and Tax Paid Receipts. (3) RTC's, (4) Conversion Certificate etc. in person or through Agents or through Advocates to the Land Acquisition Officer and Competent Authority, NH-49 Project, District Office, Jharsuguda and to State their respective interest on such lands.

**Sd/- Land Acquisition Officer and Competent Authority**
**NH-49 Project, Jharsuguda**

**MINISTRY OF ROAD TRANSPORT AND HIGHWAYS**

**NOTIFICATION**

**New Delhi, the 20th July, 2022**

| 1453 | 991 | Private | Ata Sadharana | 0.0331849 | Bichitra Sahu, Dhuba Sahu, Parshuram Sahu, Champa Sahu S/o: Kuber Sahu, Ujagar Sahu, Kumar Sahu, Radheshyam Sahu, Sushant Sahu, Sabitri Sahu, Saila Sahu, Sukanti Sahu, Suraj Sahu, Rama Sahu S/o: Heera Sahu Ja: Kulita, Bhaskar Sahu S/o: Ganda Sahu Ja: Kulita Res: Nijgaon |
| 1454 | 993 | Private | Mala Sadharana | 0.0428976 | Kumar Sahu, S/o: Hiraram Sahu, Caste: Kulita, Res: Khunapali |
| 1455 | 994 | Private | Mala Sadharana | 0.0428976 | Shyam Sundar Sahu, S/o: Baidyanath Sahu, Caste: Kulata, Res: Nijagaon |
| 1456 | 995 | Private | Berna Sadharana | 0.0930797 | Shyam Sundar Sahu, S/o: Baidyanath Sahu, Caste: Kulata, Res: Nijagaon |
| 1457 | 996 | Private | Berna Sadharana | 0.0267098 | Kumar Sahu, S/o: Hiraram Sahu, Caste: Kulita, Res: Khunapali |
| **Village: Patrapali** | | | | | |
| 1458 | 156 | Private | Ata Sadharana | 0.0169972 | Nirbashi Neti, W/o: Daitari Neti, Nilambar Neti, Jyoshna Neti, S/D/o: Daitari Neti, caste: Gonda, Res: Nijagaon |
| 1459 | 157/3496 | Private | Gharabari | 0.0376366 | Munu Neti, S/o: Basanta Neti, Caste: Ganda, Res: Nijagaon, (Netidihi) |
| 1460 | 159/3207 | Private | Ata Sadharana | 0.0202347 | Gobardhan Patel, S/o: Munshi Patel, Caste: Agharia, Res: Bhataloida 159/3207 |
| 1461 | 159/3207 | Private | Ata Sadharana | 0.1011736 | Hiralal Lokchandani, S/o: Gagandas Lokchandani, Caste: Sindhi, Res: Mangalbazar Road, Jharsuguda 159/3264 |
| 1462 | 159/3207 | Private | Ata Sadharana | 0.0032376 | Nabin Bhainsa, S/o: Debarchana Bhainsa, Caste: Gouda, Res: Banjari, Ps: Jharsuguda 159/3482 |
| 1463 | 62/3528 | Private | Gharabari | 0.0323756 | Naresh Padhan, S/o: Nrupalal Padhan, Caste: Kulata, Res: Patrapali |
| 1464 | 64 | Private | Patita | 0.0040469 | Jagdananda Sahu, Suruj Sahu, Bedamati Sahu S/D/o: Hari Shankar Sahu, Taba Sahu W/o: Hari Shankar Sahu, Laxman Sahu S/o: Ratna Sahu, Phula Sahu, Sulochana Sahu D/o: Karuna Sahu, Kunti Sahu W/o: Karuna Sahu, Ranajit Sahu : Lambodar Sahu, Manik Sahu W/o: Lambodar Sahu, Dhoba Sahu S/o: Chamru Sahu, Bhagabati Sahu W/o: Kasta Sahu, Aditya Sahu, Radhika Pradhan, Bite Pradhan, S/o: Sankri Sahu, Bimala Bishwal, Jayanti Bishwal, Basanti Bishwal, Rabindra Bishwal, Damyanti Bishwal, S/o: Langraj Bishwal, Gupteshwari Sahu, W/o: Krushna Chandra Pradhan, Trilochan Sahu, Akbar Sahu, Ravi Sahu, Sahadev Sahu, S/o: Chakra Sahu, Dhubei Sahu S/o: Manbodh Sahu, Caste: Kulta, Res: Nijagaon |
| **Village: Rengalpali** | | | | | |
| 1465 | 462 | Private | Mala Sadharana | 0.0242817 | Lakshminarayan Mishra, Rupamani Mishra , S/o- Satrughna Mishra, Panchanan Mishra, Chakanan Mishra, Champabati Nanda, Tarulata Sharma S/D/o - Daulat Mishra |
| 1466 | 463 | Private | Mala Sadharana | 0.0323756 | Mitu Bhainsa, Biranchi Bhainsa, Srikara Bhainsa, Brusabha Bhainsa, Niranjan Bhainsa, S/o: Milu Bhainsa, Bhagwati Bhainsa, W/o: Milu Bhainsa, Caste: Gauda Res: Nijagaon |
| 1467 | 464 | Private | Mala Sadharana | 0.0716309 | Magikhia Pana S/o: Puran Pana Caste: Pana Res: Jammal |
| 1468 | 465 | Private | Mala Sadharana | 0.0983408 | Jaibihari Bhainsa, Pabitra Bhainsa, Abhi Bhainsa, S/o: Kumod Bhainsa, Fulmati Bhainsa, W/o: Kumud Bhainsa, Caste: Gaud Res: Nijagaon |
| 1469 | 466 | Private | Mala Sadharana | 0.0202347 | Laxminarayan Mishra, Rupamani Mishra, S/o: Shatrughan Mishra, Panchanan Mishra, Chakananda Mishra, Champabati Nanda, Tarulata Sharma S/o: Daulat Mishra Caste: Brahman Res: Raghunathpalli |
| 1470 | 466/1889 | Private | Mala Sadharana | 0.0040469 | Chakanan Mishra S/o: Daulat Ram Mishra Caste: Brahman Res: Raghunathpalli |
| | | | **TOTAL** | **111.8799687** | |
| | | | | | **[F. No. RO/BBSR/11017/By-passes/100/2018/3D]**<br>**Rajesh Gupta, Director** |

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ସେପ୍ଟେମ୍ବର ୧୨/୨୦୨୨ Sambalpur, Monday, September 12/ 2022

# ସ୍ୱିଟେକ୍‌ଙ୍କୁ ମହିଳା ସିଙ୍ଗଲ୍ସ ଟାଇଟଲ

**ନ୍ୟୁୟର୍କ,୧୧।୯(ପିଟି)**

ଇଗା ସ୍ୱିଟେକ୍ ଜିତିଲେ ୟୁଏସ୍ ଓପନ ମହିଳା ସିଙ୍ଗଲ୍ସ ଟାଇଟଲ୍। ଟ୍ୟୁନିସିଆର ଓନ୍ସ ଜାବେରଙ୍କୁ ପରାସ୍ତ କରି ନିଜ କ୍ୟାରିୟରର ତୃତୀୟ ଗ୍ରାଣ୍ଡସ୍ଲାମ ହାସଲ କରିଛନ୍ତି। ପୂର୍ବରୁ ଦୁଇଥର ରୋଲାଣ୍ଡ ଗ୍ୟାରସ୍(ଫ୍ରେଞ୍ଚ ଓପନ) ଜିତି ସାରିଥିବା ସ୍ୱିଟେକ୍ ଶନିବାର ରାତିରେ ପ୍ରଥମ ଥର ପାଇଁ ୟୁଏସ୍ ଓପନ ବିଜୟୀ ହେବାରେ ସମର୍ଥ ହୋଇଛନ୍ତି। ଏହା ପୂର୍ବରୁ ୟୁଏସ୍ ଓପନର ୪ର୍ଥ ରାଉଣ୍ଡ ଅତିକ୍ରମ କରିନଥିବା ସ୍ୱିଟେକ୍ ପ୍ରଥମ ଥର ପାଇଁ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଇତିହାସ

**ୟୁଏସ୍ ଓପନ୍**

ରଚିଛନ୍ତି। ଫାଇନାଲ ମୁକାବିଲାରେ ବିଶ୍ୱ ମାନ୍ୟତାରେ ୧ ନମ୍ବର ସ୍ଥାନରେ ଥିବା ପୋଲାଣ୍ଡର ଏହି ୨୧ ବର୍ଷୀୟା ଖେଳାଳି ଜଣଙ୍କ ବିଶ୍ୱ ମାନ୍ୟତାରେ ୫ମ ସ୍ଥାନରେ ଥିବା ଜାବେରଙ୍କୁ ୬-୨, ୭-୬(୫)ରେ ପରାସ୍ତ କରିଛନ୍ତି। ଜୁଲାଇ ମାସରେ ସ୍ୱିଟେକଙ୍କ ୩୭ ମ୍ୟାଚ ଅପରାଜେୟ ଧାରା ଶେଷ ହୋଇଥିଲା। ଏପରିକି ଏହା ପରେ ତାଙ୍କର ବିଜୟ ପରାଜୟ ରେକର୍ଡ ୪-୪ରେ ରହିଥିଲା। ଏହି ଟୁର୍ନାମେଣ୍ଟ ପୂର୍ବରୁ ସ୍ୱିଟେକ୍ ଫର୍ମରେ ନଥିବା ପରି ପ୍ରତୀୟମାନ ହେଉଥିଲା। ସେହିପରି ୟୁଏସ୍ ଓପନରେ ପୂର୍ବରୁ ସେ ନିୟମିତ ବିଫଳ ହେଉଥିଲେ। ତେବେ ସମସ୍ତ ଅନୁମାନକୁ ପଛରେ ପକାଇ ଚାମ୍ପିୟନ୍ ହେବାରେ ସ୍ୱିଟେକ୍ ସମର୍ଥ ହୋଇଛନ୍ତି। ଆର୍ଥର ଆଶେ ଷ୍ଟାଡିୟମରେ ଖେଳା ଯାଇଥିବା ଏହି ମ୍ୟାଚରେ ପ୍ରଥମ ସେଟକୁ ସ୍ୱିଟେକ୍ ଅନାୟାସରେ ଜିତି ନେଇଥିଲେ। ତେବେ ଦ୍ୱିତୀୟ ସେଟଟି କଡା ସଂଘର୍ଷପୂର୍ଣ୍ଣ ରହିଥିଲା। ୬-୫ରେ ପଛୁଆ ରହିଥିବା ବେଳେ ଏକ ବ୍ରେକ୍ ନେବା ସହିତ ଦମଦାର ପ୍ରତ୍ୟାବର୍ତ୍ତନ କରିଥିଲେ ସ୍ୱିଟେକ୍। ଦ୍ୱିତୀୟ ସେଟଟି ଟାଇବ୍ରେକରକୁ ଯାଇଥିବା ବେଳେ ସ୍ୱିଟେକ୍ ଏହାକୁ ଜିତି ୨.୬ ମିଲିୟନ୍ ଡଲାରର ପୁରସ୍କାର ରାଶି ଓ ଟ୍ରଫି ହାତେଇ ନେଇଥିଲେ। ଏହି ମ୍ୟାଚରେ ପରାଜିତ ହୋଇଥିଲେ ହେଁ ସ୍ୱିଟେକଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି ଜାବେର୍। ସ୍ୱିଟେକଙ୍କ ଖେଳ ବେଶ ବଢ଼ିଆ ରହିଥିଲା ଏବଂ ସେ ବିଜୟ ପାଇଁ ଯୋଗ୍ୟ। ମୁଁ ବିଜୟୀ ହେବା ପାଇଁ ଚେଷ୍ଟା କରିଥିଲେ ହେଁ ଏହା ସମ୍ଭବ ହୋଇନଥିଲା ବୋଲି କହିଛନ୍ତି କ୍ରମାଗତ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିବା ଜାବେର୍। ପରାଜିତ ହୋଇଥିଲେ ହେଁ ଜାବେର ସୋମବାର ପ୍ରକାଶିତ ର୍‍ୟାଙ୍କିଙ୍ଗରେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହେବା ସ୍ପଷ୍ଟ ହୋଇଛି। ୨୧ ବର୍ଷୀୟା ସ୍ୱିଟେକ୍ ଫ୍ରେଞ୍ଚ ଓପନ ସହିତ ୟୁଏସ୍ ଓପନ ଜିତି ୨୦୧୬ର ଆଞ୍ଜେଲିକ୍ କେର୍ବରଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ଦ୍ୱିତୀୟ ମହିଳା ଭାବେ ଗୋଟିଏ ବର୍ଷରେ ଦୁଇଟି ମେଜର ଟାଇଟଲ କରାୟତ କରିଛନ୍ତି।

ସେହିପରି ମିକ୍ସଡ ଡବଲ୍ସ ଫାଇନାଲରେ ବିଜୟୀ ହୋଇଛନ୍ତି ଜନ୍ ସାଣ୍ଡର୍ସ ଓ ଜନ୍ ପିୟର୍ସ। ଶନିବାର ଖେଳା ଯାଇଥିବା ଫାଇନାଲରେ ଫ୍ରାନ୍ସର କ୍ରିଷ୍ଟେନ୍ ଫ୍ଲିପକେନ୍ସ ଓ ଏଡୱାର୍ଡ ରୋଜର ଭାସେଲିନଙ୍କୁ ୪-୬, ୬-୪ ଓ ୧୦-୭ରେ ପରାସ୍ତ କରିଛନ୍ତି।



ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଚାମ୍ପିୟନ ପୋଲାଣ୍ଡର ଇଗା ସ୍ୱିଟେକ୍ ଟ୍ରଫି ସହ।



କ୍ୟାରିୟରର ଅନ୍ତିମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ଖେଳି ସାରିବାପରେ ପଡ଼ିଆ ଛାଡୁଛନ୍ତି ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ ଆରୋନ ଫିଞ୍ଚ୍।

# ଅଷ୍ଟ୍ରେଲିଆର କ୍ଲିନ୍ ସୁଇପ୍

**କେର୍ନସ୍,୧୧।୯**

ନ୍ୟୁଜିଲାଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜକୁ କ୍ଲିନ୍ ସୁଇପ୍ କରିଛି ଅଷ୍ଟ୍ରେଲିଆ। ଅଧିନାୟକ ଆରୋନ୍ ଫିଞ୍ଚଙ୍କ କ୍ୟାରିୟରର ଅନ୍ତିମ ଦିନିକିଆ ମ୍ୟାଚକୁ ୨୫ ରନରେ ଜିତି ନେବା ସହିତ ଅଷ୍ଟ୍ରେଲିଆ ଚାପେଲ୍-ହାଡଲି ସିରିଜ୍ ଉପରେ କବଜା କରିଛି। ନ୍ୟୁଜିଲାଣ୍ଡ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଅଷ୍ଟ୍ରେଲିଆ ୫ ଉଇକେଟରେ ୨୬୭ ରନ କରିଥିବା ବେଳେ ୪୯.୫ ଓଭରରେ ନ୍ୟୁଜିଲାଣ୍ଡ ୨୪୨ ରନରେ ଅଲଆଉଟ ହୋଇଥିଲା।

ନିଜର ଅନ୍ତିମ ଦିନିକିଆରେ ଜୋସ ଇଙ୍ଗ୍ଲିସଙ୍କ ସହିତ ଓପନ କରିବାକୁ ଓହ୍ଲାଇଥିଲେ ଫିଞ୍ଚ। ଅଧିନାୟକ ଫିଞ୍ଚ ୫ ରନ କରି ସାଉଦିଙ୍କ ଶିକାର ହୋଇଥିଲେ। ତେବେ ପୂର୍ବତନ ଅଧିନାୟକ ଷ୍ଟିଭ ସ୍ମିଥ୍ ଓ ମାର୍ନସ ଲାବୁଶେନ ମ୍ୟାଚ ସମ୍ଭାଳି ନେଇଥିଲେ। ୧୩୧ ବଲ ଖେଳି ୧୦୫ ରନ କରିଥିବା ସ୍ମିଥ ଦିନିକିଆ କ୍ୟାରିୟରର ଦ୍ୱାଦଶ ଶତକ ହାସଲ କରିଥିଲେ। ମାର୍ନସ ଲାବୁଶେନ୍ ୫୨ ରନ କରିଥିବା ବେଳେ ତୃତୀୟ ଉଇକେଟରେ ଯୋଡିଥିଲେ ୧୧୮ ରନ୍। ଏହାପରେ ଆଲେକ୍ସ କେରୀ (୪୨)ଙ୍କ ସହିତ ୬୯ ରନ ଯୋଡିଥିଲେ। ଶେଷଆଡକୁ ମ୍ୟାକ୍ସୱେଲ (୧୪) ଓ କାମେରୁନ ଗ୍ରୀନଙ୍କ ଦ୍ରୁତ ୨୫ ରନ ବଳରେ ଦଳ ଏକ ସମ୍ମାନଜନକ ସ୍କୋର କରିଥିଲା। ଟ୍ରେଣ୍ଟ ବୋଲ୍ଟ ସର୍ବାଧିକ ଦୁଇଟି ଉଇକେଟ ନେଇଥିବା ବେଳେ ଟିମ୍ ସାଉଦି, ଲୋକି ଫର୍ଗୁସନ୍ ଓ ମିଚେଲ ସାଣ୍ଟନର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୨୬୮ ରନ ପିଛା କରୁଥିବା ନ୍ୟୁଜିଲାଣ୍ଡ ପକ୍ଷରୁ ଜଣେ ବି ବ୍ୟାଟ୍ସମ୍ୟାନ ଅର୍ଦ୍ଧଶତକ ହାସଲ କରିପାରି ନଥିଲେ। ଗ୍ଲେନ୍ ଫିଲିପ୍ସ ସର୍ବାଧିକ ୪୭ ରନ କରିଥିବା ବେଳେ ଫିନ୍ ଆଲେନ୍(୩୫), କେନ୍ ୱିଲିୟମସନ୍(୨୭), ଜେମସ୍ ନିଶାମ(୩୬)ଓ ମିଚେଲ ସାଣ୍ଟନର (୩୦) ରନ ସ୍କୋର କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ଷ୍ଟିଭ୍ ସ୍ମିଥଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଓ ପ୍ଲେୟର ଅଫ୍ ଦ ସିରିଜ ଘୋଷଣା କରାଯାଇଥିଲା।

# ଦୁଲୀପ୍ ଟ୍ରଫି: ସେମିରେ ଉତ୍ତରାଞ୍ଚଳ, ପଶ୍ଚିମାଞ୍ଚଳ

**ଚେନ୍ନାଇ/ ପୁଡୁଚେରୀ, ୧୧।୯ (ପିଟି)**

ଦୁଲୀପ୍ ଟ୍ରଫିର ସେମି ଫାଇନାଲରେ ଉତ୍ତରାଞ୍ଚଳ ଓ ପଶ୍ଚିମାଞ୍ଚଳ ଜୋନ୍। ଚେନ୍ନାଇରେ ପଶ୍ଚିମାଞ୍ଚଳ ଓ ଉତ୍ତର ପୂର୍ବାଞ୍ଚଳ ମଧ୍ୟରେ ମ୍ୟାଚ ଖେଳାଯାଇଥିବା ବେଳେ ପୁଡୁଚେରୀରେ ଉତ୍ତରାଞ୍ଚଳ ଓ ପୂର୍ବାଞ୍ଚଳ ମ୍ୟାଚ ଖେଳା ଯାଇଥିଲା। ଅଜିଙ୍କ୍ୟ ରାହାଣେଙ୍କ ପଶ୍ଚିମାଞ୍ଚଳ ଓ ମନଦୀପ୍ ସିଂଙ୍କ ଉତ୍ତରାଞ୍ଚଳ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ସେମିରେ ପ୍ରବେଶ କରିଛନ୍ତି। ପ୍ରଥମ ଦିନଟି ବର୍ଷା ବାଧାପ୍ରାପ୍ତ ହୋଇଥିବା ବେଳେ ପ୍ରଥମ ଇନିଂସରେ ପଶ୍ଚିମାଞ୍ଚଳ ସଂଗ୍ରହ କରିଥିଲା ୨ ଉଇକେଟରେ ୫୯୦ ରନ୍ । ଅଜିଙ୍କ୍ୟ ରାହାନେ (୨୦୭*) ଓ ଯଶସ୍ୱୀ ଜୟସ୍ୱାଲ (୨୨୮) ରନ କରିଥିବା ବେଳେ ପୃଥ୍ୱୀ ଶ' ୧୧୩ ରନ କରିଥିଲେ। ଜବାବରେ ଅଙ୍କୁର ମଲିକଙ୍କ୮୧ ରନ ସହିତ ଉତ୍ତର ପୂର୍ବାଞ୍ଚଳ ଜୋନ ମାତ୍ର ୨୩୫ ରନରେ ଅଲଆଉଟ ହୋଇଥିଲା। ଫଲୋଅନ୍ ଦେବା ବଦଳରେ ନିଜର ସମସ୍ତ ବ୍ୟାଟ୍ସମ୍ୟାନଙ୍କୁ ସୁଯୋଗ ଦେବାକୁ ନିଷ୍ପତ୍ତି ନେଇଥିଲେ ରାହାନେ। ଦ୍ୱିତୀୟ ଇନିଂସରେ ଅତୀତ ସେଠ ଅପରାଜିତ ୧୦୨ ରନ କରିଥିବା ବେଳେ ସାମ୍ସ ମୁଲାନୀ ୯୭ ରନ କରିଥିଲେ। ପଶ୍ଚିମାଞ୍ଚଳ ୫ ଉଇକେଟ ବିନିମୟରେ ୨୬୮ ରନ କରିଥିବା ବେଳେ ମ୍ୟାଚକୁ ଅମୀମାଂସିତ ଘୋଷଣା କରାଯାଇଥିଲା। ମୁଲାନୀ ଓ ସେଠଙ୍କ ମଧ୍ୟରେ ୧୬୯ ରନର ଭାଗୀଦାରି ହୋଇଥିଲା।

ସେହିପରି ପୁଡୁଚେରୀରେ ଖେଳା ଯାଇଥିବା ଉତ୍ତରାଞ୍ଚଳ ଓ ପୂର୍ବାଞ୍ଚଳ ମ୍ୟାଚରେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ସେମିରେ ପ୍ରବେଶ କରିଛି ମନଦୀପ ସିଂଙ୍କ ଦଳ। ପ୍ରଥମ ଇନିଂସରେ ବିରାଟ ସିଂଙ୍କ ୧୧୭ ରନ ବଳରେ ପୂର୍ବାଞ୍ଚଳ ୩୯୭ ରନ କରିଥିଲା। ୧୯ ବର୍ଷରୁ କମ୍ ବିଶ୍ୱକପ ବିଜୟୀ ଦଳର ଅଧିନାୟକ ୟଶ ଧୂଲଙ୍କ ୧୯୩ ରନ୍ ବଳରେ ପ୍ରଥମ ଇନିଂସରେ ୫୪୫ ରନ୍ କରିଥିଲା ଉତ୍ତରାଞ୍ଚଳ। ଅନ୍ୟ ମାନଙ୍କ ମଧ୍ୟରେ ଧ୍ରୁବ ସୋରେ ୮୧,ମନଦୀପ୍ ସିଂ ୬୩ ଓ ହିଂମାଶୁ ରାଣା ୬୨ ରନ କରିଥିଲେ। ପୂର୍ବାଞ୍ଚଳ ପକ୍ଷରୁ ଶାହବାଜ ଅହମଦ ୮୬ ରନରେ ୫ଟି ସଫଳତା ହାସଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାହବାଜ ନଦୀମ୍ ଦୁଇଟି ଉଇକେଟ ନେଇଥିଲେ।୧୪୮ ରନରେ ପଛୁଆ ରହିବା ପରେ ପୂର୍ବାଞ୍ଚଳ ୪ର୍ଥ ଦିନର ଖେଳ ଶେଷ ହେବା ବେଳକୁ ୩ ଉଇକେଟ ହରାଇ ୧୦୨ ରନ୍ କରିଥିଲା। ଉଇକେଟ କିପର ଅଭିଷେକ ପୋରେଲ୍ ଅପରାଜିତ ୫୦ ରନ୍ କରିଥିବା ବେଳେ ମ୍ୟାଚ ଡ୍ର ଘୋଷଣା କରାଯାଇଥିଲା। ନବଦୀପ ସାଇନି, ଜଗଜିତ ସିଂ ଓ ପୁଲକିତ ନାରଙ୍ଗ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଉତ୍ତର-ପୂର୍ବାଞ୍ଚଳ ଦଳର ଖେଳାଳିଙ୍କ ସହ ପଶ୍ଚିମାଞ୍ଚଳ ଅଧିନାୟକ ଅଜିଙ୍କ୍ୟ ରାହାନେ।

# ଡେଭିସ୍ କପ୍ ଦଳରୁ ଓହରିଲେ ବୋପାନ୍ନା

**ନୂଆଦିଲ୍ଲୀ, ୧୧।୯ (ପି.ଟି.):** ଆଣ୍ଠୁରେ ଆଘାତପ୍ରାପ୍ତ ଯୋଗୁ ଭେଟେରାନ ଡବଲ୍ସ ଖେଳାଳି ରୋହନ ବୋପାନ୍ନା ଆଗାମୀ ନରୱେ ବିପକ୍ଷ ଡେଭିସ୍ କପ୍ ମ୍ୟାଚରୁ ଓହରିଯାଇଛନ୍ତି। ଭାରତ ଏକ ଆୱେ ମ୍ୟାଚ ସେପ୍ଟେମ୍ବର ୧୬ ଓ ୧୭ରେ ଖେଳିବ। ଭାରତୀୟ ଦଳର ଅନ୍ୟ ସଦସ୍ୟମାନେ ହେଲେ ସୁମିତ ନାଗାଲ, ରାମକୁମାର ରମାନାଥନ, ପ୍ରଜନେଶ ଗୁଣେଶ୍ୱରନ, ୟୁକି ଭାମ୍ବ୍ରି ଓ ମୁକୁନ୍ଦ ଶଶିକୁମାର। ବୋପାନ୍ନା କହିଛନ୍ତି, ଆଣ୍ଠୁରେ ଯନ୍ତ୍ରଣା ଅନୁଭବ କରୁଥିବାରୁ ତାଙ୍କୁ ବିଶ୍ରାମ ନେବା ଲାଗି ପରାମର୍ଶ ଦିଆଯାଇଛି। ଏହି କାରଣରୁ ସେ ନରୱେ ବିପକ୍ଷ ଡେଭିସ୍ କପ୍ ମ୍ୟାଚରୁ ଓହରିଯିବା ଲାଗି ବାଧ୍ୟ ହୋଇଛନ୍ତି। ଡବଲ୍ସ ମ୍ୟାଚ ପାଇଁ ବୋପାନ୍ନାଙ୍କ ସ୍ଥାନରେ ସାକେତ ମାଇନେନିଙ୍କୁ ନିଆଯାଇ ପାରେ। କାରଣ ଏହି ଖେଳାଳି ଚ୍ୟାଲେଞ୍ଜର ଲେଭଲରେ ୟୁକି ଭାମ୍ବ୍ରିଙ୍କ ସହ ପାର୍ଟନରଶିପ୍‌ରେ ଭଲ ଖେଳିଛନ୍ତି।

# ଆଲିସନ ରିସ୍କ ଅମୃତରାଜ ଫେଭରାଇଟ୍

**ଚେନ୍ନାଇ, ୧୧।୯ (ପି.ଟି.)**

ସୋମବାରଠାରୁ ଖେଳାଯିବାକୁ ଥିବା ଡବ୍ଲ୍ୟୁଟିଏ ୨୫୦ ଚେନ୍ନାଇ ଓପନ ଟେନିସ ପ୍ରତିଯୋଗିତାରେ ବିଶ୍ୱର ୨୯ ନମ୍ବର ମାନ୍ୟତାପ୍ରାପ୍ତ ଆଲିସନ ରିସ୍କ ଅମୃତରାଜଙ୍କୁ ସିଙ୍ଗଲ୍ସରେ ଫେଭରାଇଟ୍ ବିବେଚନା କରାଯାଉଛି। ଅଲିସନ ୟୁଏସ୍ ଓପନ ପ୍ରି-କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଥିଲେ। ସେ କାରୋଲିନ୍ ଗାର୍ସିଆଙ୍କଠାରୁ ହାରିଯାଇଥିଲେ। ପ୍ରତିଯୋଗିତାରେ

**ଡବ୍ଲ୍ୟୁଟିଏ ଚେନ୍ନାଇ ଓପନ**

ଟପ୍ ୧୦୦ର ହାତ ଗଣତି ଖେଳାଳି ରହିଛନ୍ତି। ଆମେରିକାର ଏହି ଖେଳାଳି ସିଜନ ଶେଷରେ ଟପ୍ ୨୦ରେ ପ୍ରବେଶ ପାଇଁ ଲକ୍ଷ୍ୟ ରଖିଛନ୍ତି। ଟୁର୍ନାମେଣ୍ଟର ଅନ୍ୟତମ ଜଣାଶୁଣା ଖେଳାଳି ପୂର୍ବତନ ଗ୍ରାଣ୍ଡସ୍ଲାମ ଫାଇନାଲିଷ୍ଟ କାନାଡାର ୨୮ ବର୍ଷୀୟା ୟୁଜିନ୍ ବୋଚାର୍ଡ ମଧ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ରହିବେ। ୟୁଏସ୍ ଓପନ ସେମିଫାଇନାଲରେ ଏଲିସ୍ ମର୍ଟେନ୍ସ (୩୩ ନମ୍ବର)ଙ୍କଠାରୁ ପରାଜିତ ହୋଇଥିବା ବିଶ୍ୱର ୧୭ ନମ୍ବର ଫ୍ରେଞ୍ଚ ମହିଳା ଖେଳାଳି ଗାର୍ସିଆ ଇଞ୍ଜୁରି କାରଣରୁ ପ୍ରତିଯୋଗିତାରୁ ଓହରିଯାଇଛନ୍ତି। ଅମୃତ ରାଜ ରୁଷିଆର ଆନାସ୍ତାସିଆ ଗାସାନୋଭାଙ୍କ ବିପକ୍ଷରେ ତାଙ୍କର ଅଭିଯାନ ଆରମ୍ଭ କରିବେ। ଏଥିରେ ବିଜୟ ଲାଭ କଲେ ସେ ଦ୍ୱିତୀୟ ରାଉଣ୍ଡରେ ଆରିଏନ୍ ହାର୍ଟୋନ ଓ କେଟି ସ୍ୱାନଙ୍କ ମଧ୍ୟରେ ଖେଳାଯିବାକୁଥିବା ମ୍ୟାଚର ବିଜେତା ସହ ମୁକାବିଲା କରିବେ। ନମ୍ବର ୱାନ ସିଡ୍ ଖେଳାଳିଙ୍କର ମୁଖ୍ୟ ଚ୍ୟାଲେଞ୍ଜ ଦ୍ୱିତୀୟ ସିଡ୍ ଭାର୍‌ଭରା ଗ୍ରାଚେଭା (ରୁଷିଆ), ତୃତୀୟ ସିଡ୍ ମାଗ୍‌ଡା ଲିନେଟ (ପୋଲାଣ୍ଡ) ଏବଂ ୪ର୍ଥ ସିଡ୍ ଜର୍ମାନୀର ତାତ୍‌ଜାନା ମାରିଆ ହୋଇ ପାରନ୍ତି। ତାତ୍‌ଜାନା ୱିମ୍ବେଲଡନ ଚାମ୍ପିୟନଶିପ୍ ସେମି ଫାଇନାଲରେ ପ୍ରବେଶ କରିଥିଲେ।



ଆଲିସନ ରିସ୍କ ଅମୃତରାଜ



ଲାସ୍‌ଭେଗାସ: ୟୁଏଫ୍‌ସି ୨୭୯ ମିକ୍ସଡ ମାର୍ଶଲ ଆର୍ଟ୍ସ ଇଭେଣ୍ଟ ୧୪୦ ପାଉଣ୍ଡ କ୍ୟାଚ ଆଉଟ ବାଉଟ୍ ବେଳେ ମାସି ଚିଆସନଙ୍କୁ ହିଟ୍ କରୁଛନ୍ତି ଇରିନେ ଅଲ୍‌ଡାନା।

# ଭାରତର ଶୋଚନୀୟ ପରାଜୟ

**ଚେଷ୍ଟର-ଲି-ଷ୍ଟ୍ରିଟ୍, ୧୧।୯ (ପି.ଟି.)**

ସ୍ଥାନୀୟ ରିଭରସାଇଡ୍ ଗ୍ରାଉଣ୍ଡରେ ଶନିବାର ରାତିରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଟି୨୦ ମହିଳା କ୍ରିକେଟ ମ୍ୟାଚରେ ଭାରତ ୯ ଉଇକେଟରେ ଶୋଚନୀୟ ପରାଜୟ ବରଣ କରିଛି। ଇଂଲଣ୍ଡ ଅଧିନାୟିକା ଆମି ଜୋନ୍ସ ଟସ୍

**ମହିଳା ଟି୨୦**

ଜିତି ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ଘରୋଇ ଦଳର ଲେଗ୍ ସ୍ପିନର ସାରା ଗ୍ଲେନ (୪/୨୩) ଙ୍କ ଚମତ୍କାର ବୋଲିଂ ଯୋଗୁ ଭାରତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୩୨ ରନ କରିପାରିଥିଲା। ଶେଫାଳୀ ବର୍ମା (୧୪), ହେମଲତା (୧୦), ଅଧିନାୟିକା ହରମନପ୍ରୀତ କୌର (୨୦) ଓ କିରନ ନାଭଗିରେ (୭) ଗ୍ଲେନଙ୍କ ବୋଲିଂର ଶିକାର ହୋଇଥିଲେ। ଭାରତର ଟପ୍ ସ୍କୋରର ଅଲରାଉଣ୍ଡର ଦୀପ୍ତି ଶର୍ମା ୨୯ ରନ (୨୪ ବଲ୍)କରି ଅପରାଜିତ ରହିଥିଲେ। ଓପନର ସ୍ମୃତି ମନ୍ଧାନା ୨୩ ରନ କରିଥିଲେ। ଇଂଲଣ୍ଡ ମାତ୍ର ୧୩ ଓଭରରେ ୩ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ସୋଫିଆ ଡଙ୍କ୍‌ଲି (୪୪ ବଲ୍‌ରୁ ୬୧ରନ*) ଓ ଆଲିସ କାପ୍‌ସି (୨୦ ବଲ୍‌ରୁ ୩୨*) ଦ୍ୱିତୀୟ ଉଇକେଟରେ ଅପରାଜିତ ୭୪ ରନ ଯୋଗ କରି ସେମାନଙ୍କ ଦଳକୁ ସହଜ ବିଜୟ ଆଣିଦେଇଥିଲେ। ଡାନିଲ ୟାଟ୍ ୨୪ ରନ କରି ସ୍ନେହ ରାଣାଙ୍କ ବଲ୍‌ରେ ରିଚା ଘୋଷଙ୍କ ଦ୍ୱାର ଷ୍ଟମ୍ପ ହୋଇଯାଇଥିଲେ।



ଉଇକେଟ ନେବା ପରେ ଉଲ୍ଲସିତ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ସାରା ଗ୍ଲେନ।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ଟ୍ରେନ୍ ଧକ୍କାରେ ଜଣେ ମୃତ

ଲୋଇସିଂହା,(ଡି.ଏନ.ଏ.): ରବିବାର ବଲାଙ୍ଗୀର ଜିଲା ଲୋଇସିଂହା ବସ୍ତି ରାସ୍ତା ବନ୍ଦ ଲେବଲ କ୍ରସିଂଠାରେ ଟ୍ରେନ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଲୋଇସିଂହା ରାମଜୀପଡାର ମଧୁ ସିଠ(୫୫) । ସେ ଜଣେ ମୁକ ଓ ବଧିର ବ୍ୟକ୍ତି। ଲୋଇସିଂହା ସଦର ପଞ୍ଚାୟତ ରାମଜୀପଡାର ମଧୁ ସକାଳେ ବସଷ୍ଟାଣ୍ଡ ପଟକୁ ଆସି ଛତୁ କିଣି ସାଇକେଲରେ ଘରକୁ ଫେରୁଥିଲେ । ଅଣ୍ଡରଗ୍ରାଉଣ୍ଡ ପୋଲ ରାସ୍ତା ଦେଇ ନ ଯାଇ ବନ୍ଦ ଲେବଲ କ୍ରସିଂ ପାରି ହେଉଥିଲେ । ଏହି ସମୟରେ ବଲାଙ୍ଗୀର ପଟରୁ ସମ୍ବଲପୁର ପଟକୁ ଯାଉଥିବା ପୁରୀ-ଗାନ୍ଧୀ ଧାମ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା ।

## ସଂକ୍ଷେପରେ

### ନର୍ଲାରେ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ରାଲି

ନର୍ଲା,୧୧।୯(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲାରେ ରବିବାର ଓଡ଼ିଶା ଡ୍ରାଇଭର ମହାସଂଘ ଆହ୍ୱାନକ୍ରମେ ନର୍ଲା ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ ଏକ ବିଶାଳ ରାଲି ଆୟୋଜିତ ହୋଇଯାଇଛି। ରେଖପୁର୍ ଛକରୁ ନର୍ଲା ବ୍ଲକ ୨୬ଟି ପଞ୍ଚାୟତର ହଜାର ହଜାର ଡ୍ରାଇଭରମାନେ ଏକତ୍ରିତ ହୋଇ ଶାନ୍ତିଶୃଙ୍ଖଳା ଭାବେ ରାଲିରେ ବାହାରି ହାଇସ୍କୁଲ ପଡିଆ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସରକାର ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ୧୧ ଦଫା ଦାବି ଶୀଘ୍ର ପୂରଣ କରିବା ପାଇଁ ଏହି ରାଲି କରାଯାଇଛି ବୋଲି କୋଷାଧ୍ୟକ୍ଷ ଧନେଶର ସାହୁ ସୂଚନା ଦେଇଛନ୍ତି। ଯଥାଶୀଘ୍ର ରାଜ୍ୟ ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଡ୍ରାଇଭର ସଂଘ ପକ୍ଷରୁ ଦାବି କରାଯାଇଛି।

### ଖଡ଼ିଆଲ ସ୍ୱୟଂ ଶାସିତ କଲେଜ ପରୀକ୍ଷା ଫଳ ପ୍ରକାଶ

ଖଡ଼ିଆଲ,୧୧।୯(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଲ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ପାସ ହାର ୮୭% ପ୍ରତିଶତ ରହିଥିବା ବେଳେ ସମସ୍ତ ବିଭାଗରେ ଟପ୍ପର ଛାତ୍ରୀଙ୍କ କବଜାରେ ରହିଛି। ଖଡ଼ିଆଲ କଲେଜରେ ୮୭ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୭୪ଜଣ ପାସ ହୋଇଛନ୍ତି। ୪ଟି ବିଭାଗରେ ଛାତ୍ରୀ ଟପ୍ପର ହୋଇଛନ୍ତି। ରସାୟନ ବିଜ୍ଞାନରେ ରିତୁ ପଟେଲ ୮୩.୬୫%ରେ ପାସ ହୋଇଛନ୍ତି। ସେହିପରି ହିନ୍ଦୀରେ ସାହିନୀ ପରବୀନ ୭୯.୧୫%, ଓଡ଼ିଆରେ ଦ୍ରୋପଦୀ ଜଗତ ୭୯.୦୯%, ରାଜନୀତି ବିଜ୍ଞାନରେ ନେହା ବାଗ ୭୪.୦୪% ମାର୍କ ରଖି ଟପ୍ପର ହୋଇଛନ୍ତି। ପରୀକ୍ଷା ଫଳ ପ୍ରକାଶ ବେଳେ ଖଡ଼ିଆଲ କଲେଜ ଅଧ୍ୟକ୍ଷ ଡା. ତରୁଣ କୁମାର ପ୍ରଧାନ, ଡା.ପଦ୍ମଲୋଚନ ବର୍ମା, ସରୋଜ ପଣ୍ଡା, ରାଜଲକ୍ଷ୍ମୀ ରଥ, ପ୍ରଣତି ପଣ୍ଡା, ଡିଇଓ ସୂର୍ଯ୍ୟକାନ୍ତ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ।

### ପିସି ନ ଦେବାରୁ ବିଲ୍ ଅଟକିଥିବା ଠିକାଦାରଙ୍କ ଅଭିଯୋଗ

କର୍ଲାମୁଣ୍ଡା,୧୧।୯(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଧକ୍ଷ୍ୟା ପିସି ନ ଦେବାରୁ ବିଲ କରୁ ନ ଥିବା ଅଭିଯୋଗର ଭିଡିଓ ସାମାଜିକ ଗଣମାଧମରେ ଘୁରି ବୁଲୁଛି। ଏ ଘଟଣା ଅଞ୍ଚଳରେ ସପକ୍ଷବାଦୀ ଓ ବିପକ୍ଷବାଦୀ ମଧରେ ଅଭିଯୋଗ ନେଇ ଆରୋପ ପ୍ରତ୍ୟାରୋପ ଜୋର ଧରିଛି। ସୂଚନା ଯେ, ଏହି ବ୍ଲକ ଟକାରୁମାଲ ଗ୍ରାମର ଠିକାଦାର ଯୁବରାଜ ସାହୁ ପଞ୍ଚାୟତ ସମିତି ଦ୍ୱାରା ହୋଇଥିବା ଟେଣ୍ଡର ପାଇ ୧୦ ଲକ୍ଷ ୫୭ ହଜାର ୧୭୮ ଟଙ୍କାର ଏଗ୍ରିମେଣ୍ଟ କରି ସହକାରୀ ଯନ୍ତ୍ରୀଙ୍କ ବାସ ଭବନ କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ଛାତସ୍ତର ପର୍ଯ୍ୟନ୍ତ କାମ ସରିବା ପରେ ଗୋଟିଏ ବିଲ ପ୍ରସ୍ତୁତ ହୋଇ ଗତ ୨୫ ତାରିଖରେ ବିଲ ବ୍ଲକ ଅଧକ୍ଷ୍ୟାଙ୍କ ନିକଟକୁ ଯାଇଥିଲା। ବ୍ଲକ ଅଧକ୍ଷ୍ୟା ଫାଇଲରେ ଦସଖସ୍ତ କରିବାକୁ ୧୫ % ପିସି ଦାବି କରି ଫାଇଲକୁ ପକାଇ ରଖିଥିବା ଯୁବରାଜ ଲିଖିତ ଅଭିଯୋଗ ସହିତ ଏକ ଭିଡ଼ିଓ ପ୍ରସ୍ତୁତ କରି ସାମାଜିକ ଗଣମାଧମରେ ପୋଷ୍ଟ କରି ଅଭିଯୋଗ କରିଛନ୍ତି। ଏ ନେଇ ବ୍ଲକ ଅଧକ୍ଷ୍ୟା କୁନି ସାହୁଙ୍କୁ ପଚାରାଯିବାରୁ ଅଭିଯୋଗ ସମ୍ପୂର୍ଣ୍ଣମିଥ୍ୟା, ମୋତେ ବଦନାମ କରିବାକୁ ଏଭଳି କରାଯାଉଛି ବୋଲି କହିଛନ୍ତି।

# ‘ଆନ୍ଦୋଳନ ଫିଟାଇବ ପ୍ରକଳ୍ପ ତ୍ୱରାନ୍ୱିତ ବାଟ’

**ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ସଂଘର୍ଷ ସମିତିର ପ୍ରତିବାଦ ସଭା**

■ ଯୋଗ ଦେଲେ ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ ଏବଂ ତରଭା ଅଞ୍ଚଳ ପ୍ରତିନିଧି

ବଲାଙ୍ଗୀର ଅଫିସ, ୧୧।୯


ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

ଖୋର୍ଦ୍ଧା–ବଲାଙ୍ଗୀର ରେଳପଥ ସଂଘର୍ଷ ସମିତି ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନଠାରେ ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ ଜିଲା ଏବଂ ତରଭାର ବୁଦ୍ଧିଜୀବୀ ଓ ପ୍ରତିନିଧିଙ୍କ ମିଳିତ ପ୍ରତିବାଦ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ସମିତି ଆବାହକ ଗୋପାଲଜୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବୌଦ୍ଧ ଜିଲାର ଆଇନଜୀବୀ ବିଶେଶ୍ୱର ପୃଷ୍ଟି, ଯୁଗଳ କିଶୋର ସାମଲ, ସୋନପୁର ଜିଲା ପ୍ରତିନିଧି ଆଇନଜୀବୀ ଶ୍ୟାମା ଓଁ ପ୍ରସାଦ ମିଶ୍ର, ଯୁବନେତା ବଳଦେବ ବେଦବାକ୍, ତରଭା ପ୍ରତିନିଧି ରାଜେନ୍ଦ୍ର ବିଜୟ ସାହୁ, ସମିତିର ବଲାଙ୍ଗୀର ଜିଲା ସଂଯୋଜକ ଆଡଭୋକେଟ ଭବାନୀ ଶଙ୍କର ଶତପଥୀ ମଞ୍ଚାସୀନ ଥିଲେ। ଖୋର୍ଦ୍ଧା–ବଲାଙ୍ଗୀର ରେଳପଥ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ହେଲେ ତୃଣମୂଳ ସ୍ତରରେ ଦୁର୍ବାର ଆନ୍ଦୋଳନ ଜରୁରୀ ବୋଲି ଆଲୋଚନା କରାଯାଇ ଏନେଇ ସାମୁହିକ ପ୍ରସ୍ତାବ ଗୃହୀତ ହୋଇଥିଲା। ପ୍ରଥମେ ସମିତି ସଂଯୋଜକ ଶତପଥୀ ପ୍ରତିବାଦ ସଭାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ ଆନ୍ଦୋଳନ ହିଁ ପ୍ରକଳ୍ପ ଶେଷର ଏକମାତ୍ର ବାଟ ବୋଲି କହିଥିଲେ। ଧାର୍ଯ୍ୟ ସମୟରେ ପ୍ରକଳ୍ପ କାର୍ଯ୍ୟ ସରୁ ନ ଥିବାରୁ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସଭାରେ ଆଗାମୀ ଅକ୍ଟୋବର ୧୪ ତାରିଖ ଦିନ ବଲାଙ୍ଗୀର, ସୋନପୁର ଏବଂ ବୌଦ୍ଧ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସମିତି ପକ୍ଷରୁ ପ୍ରତିବାଦ ସଭା କରାଯିବା ସହ ଧାରଣା ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ରାଜ୍ୟ ସରକାରଙ୍କ ପ୍ରତିନିଧି ଏବଂ ସଂଘର୍ଷ ସମିତି ପ୍ରତିନିଧିଙ୍କ ଉପସ୍ଥିତିରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ରେଳପ୍ରକଳ୍ପର ସମୀକ୍ଷା ବୈଠକ ତୁରନ୍ତ କରିବାକୁ ଦାବି କରାଯାଇଥିଲା। ବଲାଙ୍ଗୀର, ସୁବର୍ଣ୍ଣପୁର ଏବଂ ବୌଦ୍ଧ ଜିଲାର ସମସ୍ତ ମନ୍ତ୍ରୀ ଏବଂ ବିଧାୟକଙ୍କୁ ସମିତି ପକ୍ଷରୁ ସାକ୍ଷାତ କରାଯାଇ ପ୍ରକଳ୍ପର ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିବାକୁ ନିଷ୍ପତ୍ତି ହୋଇଥିଲା। ପୂର୍ବତଟ ରେଳପଥର ଜେନେରାଲ ମ୍ୟାନେଜରଙ୍କୁ ସଂଘର୍ଷ ସମିତି ପକ୍ଷରୁ ସାକ୍ଷାତ କରାଯାଇ ପ୍ରକଳ୍ପ ବିଳମ୍ବ ହେବାର କାରଣ ଏବଂ ନିରାକରଣ ତଥା ବଜେଟ ଅନୁଦାନର ଖର୍ଚ୍ଚ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବାକୁ ନିଷ୍ପତ୍ତି ହୋଇଥିଲା। ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ମନ୍ତ୍ରୀ, ରାଜସ୍ୱ ବିଭାଗ ମନ୍ତ୍ରୀ, ଗୃହମନ୍ତ୍ରୀଙ୍କୁ ଭେଟିବା ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରି ଆଲୋଚନା କରିବାକୁ ସ୍ଥିର ହୋଇଥିଲା। ଏହି ସଭାରେ ବୌଦ୍ଧ ଜିଲାର ସୂର୍ଯ୍ୟ ନାରାୟଣ ମହାପାତ୍ର, ପ୍ରଦୋଷ କୁମାର ମିଶ୍ର, ସୋନପୁର ଜିଲାର ଶ୍ରଦ୍ଧାଞ୍ଜଳି ମିଶ୍ର, ଧରଣୀ ମିଶ୍ର, ପ୍ରିୟବ୍ରତ ସାହୁ, ଜଗନ୍ନାଥ ତ୍ରିପାଠୀ, ଅଶୋକ ଜେନା, ତରଭାର ହରିବନ୍ଧୁ ପାଣିଗ୍ରାହୀ, ଦେବେନ୍ଦ୍ର ବିଜୟ ସାହୁ, ବଲାଙ୍ଗୀରର ରଞ୍ଜିତା ପାଣିଗ୍ରାହୀ, ସାମାଜିକ କର୍ମୀ ବିକ୍ରମାନନ୍ଦ ବହିଦାର, ନାଗରିକ କମିଟି ସଭାପତି ଇଂ ବେଲାର ସିଂ ଭୋଇ, ଜିଲା ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠୀ ରେଳପ୍ରକଳ୍ପ ଆନ୍ଦୋଳନ ଉପରେ ଗୁରୁତ୍ୱପୂର୍ଣ୍ଣ ମତାମତ ଦେଇଥିଲେ। ସଭାରେ ବୀରେନ୍ଦ୍ର କୁମାର ଝାଙ୍କର ସଂଯୋଜନା କରିଥିଲେ। ମୁନା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ସଭାରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଆଡଭୋକେଟ ରତନ ମହାରଣା, ଆରତୀ ଗୁରୁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପୂର୍ବତନ ସୈନିକ ସଂଘ ସମ୍ପାଦକ ପ୍ରତାପ ଚନ୍ଦ୍ର ରଥ, ବିନୋଦ କାଲସାଏ, ରିଲୁ ରଥ, ଅନୁରାଗୀ ନାହାକ, ରବି ଖମାରୀ, ବୁଲୁ ଦାନୀ, ସାନନ୍ଦ ମିଶ୍ର, ଚିତ୍ତରଞ୍ଜନ ମିଶ୍ର, ଅକ୍ଷୟ କୁମାର ବାଗ, ମାଙ୍ଗେଲାଲ ଅଗ୍ରୱାଲ, ଜୟନାରାୟଣ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଗାଁ ମଝି ରାସ୍ତାରୁ ଯୁବକଙ୍କ ମୃତଦେହ ଜବତ

ବଲାଙ୍ଗୀର ଅଫିସ,୧୧।୯

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଖୁଜେନପାଲି ଗାଁ ମଝି ରାସ୍ତାରୁ ରବିବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି । ମୃତ ଯୁବକ ଜଣକ ସେହି ଗାଁର ସୁରେଶ ଭୁଏ (୪୫) ବୋଲି ଚିହ୍ନଟ କରାଯାଇଛି। ତେବେ ତାଙ୍କ ପରିବାରବର୍ଗ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନବିନ୍ କରିଥିଲେ। ମୃତଦେହ ଉପରେ ବାଉଁଶ ଜାଲି, ବାଉଁଶ ଓ ପଥର ରଖାଯାଇଥିବା ଦେଖାଯାଇଥିଲା। ଏହି ଘଟଣା ପରେ ଖୁଜେନପାଲି ଗାଁରେ ଭୟର ବାତାବରଣ ଖେଳିଯାଇଛି। ସଦର ଏସଡିପିଓ ତୋଫାନ ବାଗ ଓ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କେଉଁ ପରିସ୍ଥିତିରେ ସୁରେଶଙ୍କ ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ତେବେ ତାଙ୍କୁ ଆକ୍ରମଣ କରାଯାଇଥିବା ଅନୁମାନ କରାଯାଉଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଥିବା ଏସଡିପିଓ ବାଗ କହିଛନ୍ତି। ତଦନ୍ତ ଆରମ୍ଭ ହୋଇଛି, ଖୁବ୍ ଶୀଘ୍ର ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ସେ କହିଛନ୍ତି।

# ଭୈରବ ଦେବଙ୍କ ନବଦିନାତ୍ମକ ପୂଜା ଆରମ୍ଭ

ଲାଞ୍ଜିଗଡ,୧୧।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଆରାଧ୍ୟ ଦେବତା ଭୈରବ ଦେବ ବିଶ୍ୱାସର ପ୍ରତୀକ। ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ଆଡମ୍ବର ସହ ପାଳନ ହେବ ପ୍ରସିଦ୍ଧ ଝାମୁଯାତ୍ରା। ଗତ ୨ ବର୍ଷ କରୋନା କଟକଣା ଯୋଗୁ ଯାତ୍ରା କେବଳ ନୀତିକାନ୍ତିରେ ଭୈରବ ଦେବଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏବର୍ଷ କଟକଣା ହଟିଥିବାରୁ ଭୈରବ ଦେବଙ୍କ ବାର୍ଷିକ ପର୍ବ ପାଇଁ ପ୍ରସ୍ତୁତି ଚାଲିବା ସହ ଅରାଧଦେବଙ୍କ ନବଦିନାତ୍ମକ ପୂଜା ମଧ୍ୟ ଆରମ୍ଭ ହୋଇଛି। ନୂଆଁଖାଇ ସରିବା ପରେ ତାପରଦିନ ଭୈରବଦେବଙ୍କ ମୁଖ୍ୟ ମନ୍ଦିରରୁ ତାଙ୍କ ପାଟଖଣ୍ଡାକୁ ମନ୍ଦିର ମୁଖ୍ୟ ପୂଜକ ଓ ସେବାୟତମାନେ ଗାଁ ମଧ୍ୟରେ ଥିବା ବାଲିଘରକୁ ଆଣିଥାନ୍ତି। ବାଲିଘର ସାମ୍ନାରେ ଭୈରବଦେବଙ୍କ ପ୍ରତୀକ ବନ୍ଦାପନା କରିବା ସହିତ ଘଣ୍ଟଶଙ୍ଖ ବଜାଇ ତାଙ୍କ ଆସ୍ଥାନରେ ରଖି ୯ଦିନ ପର୍ଯ୍ୟନ୍ତ ପୂଜାର୍ଚ୍ଚନା କରିଥାନ୍ତି। ୯ଟି ଟାଙ୍ଗୁଡିରେ ନଦୀରୁ ବାଲିଆଣି ସେହି ଟାଙ୍ଗୁଡିରେ ୯ ପ୍ରକାର ଶସ୍ୟ ପକାଇ ଗଜା କରିଥାନ୍ତି।


ଭୈରବ ଦେବଙ୍କ ପୂଜାର୍ଚ୍ଚନା କରାଯାଉଛି।

**୧୪ରେ ପ୍ରସିଦ୍ଧ ଝାମୁଯାତ୍ରା**

ଏହି ଟାଙ୍ଗୁଡ଼ିକୁ ଦେବତାଙ୍କ ଆସ୍ଥାନ ପାଖରେ ରଖି ପୂଜାର୍ଚ୍ଚନା କରିଥାନ୍ତି। ଏହି ୯ ଦିନ ମଧ୍ୟରେ ଜୈନିକ ବ୍ୟକ୍ତିଙ୍କ ଦେହରେ କାଳିସୀ ଲାଗି କଞ୍ଚା ମାଠିଆରେ ବସି ଦର୍ଶନ ଦେଇଥାନ୍ତି। ବର୍ତ୍ତମାନ ଏହି ପ୍ରସିଦ୍ଧ ଝାମୁଯାତ୍ରା ପାଇଁ ସାରା ଲାଞ୍ଜିଗଡ ସହର ଉତ୍ସବ ମୁଖର ହୋଇପଡିଛି। ଆଗାମୀ ୧୪ ତାରିଖରେ ହେବ ଲାଞ୍ଜିଗଡ଼ ଆରାଧ ଦେବତା ଭୈରବଦେବଙ୍କ ପ୍ରସିଦ୍ଧ ଝାମୁଯାତ୍ରା। ଏଥିପାଇଁ ସମସ୍ତଙ୍କ ଘରକୁ ବନ୍ଧୁବାନ୍ଧବଙ୍କ ସୁଅ ଛୁଟୁଛି। ଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଥିବାବେଳେ ଶ୍ରୀ ଶ୍ରୀ ଶ୍ରୀ ହରି ହର ସାଂସ୍କୃତିକ ସେବା ସମିତି ତଥା ଲାଞ୍ଜିଗଡ଼ ସମସ୍ତ ଅନୁଷ୍ଠାନ ଏଥିରେ ସହଯୋଗ କରିଛନ୍ତି।

## ମହିଳା ନିର୍ଯାତନାକୁ ନେଇ ଗର୍ଜିଲା ଭାଜପା ମହିଳା ମୋର୍ଚ୍ଚା

କୁନାଗଡ,୧୧।୯(ଡି.ଏନ.ଏ.)

ଏନ୍‌ସିଆରବି ରିପୋର୍ଟ ୨୦୨୧ ଅନୁଯାୟୀ ମହିଳା ନିର୍ଯାତନାରେ ଓଡିଶା ୧ ନମ୍ବର ସ୍ଥାନ ରହିଥିବାରୁ ରାଜ୍ୟ ସରକାରଙ୍କ ବିରୋଧରେ ଭାଜପା ଜିଲା ମହିଳା ମୋର୍ଚ୍ଚା ପକ୍ଷରୁ ରବିବାର କଳାହାଣ୍ଡି ଜିଲା ଜୁନାଗଡରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମା’ ଲଙ୍କେଶ୍ୱରୀ ମନ୍ଦିରରୁ ଦଳୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରା କରାଯାଇଥିଲା। ଗାଁକୁ କାମ, ମାଁଙ୍କୁ ସମ୍ମାନ କହି ରାଜ୍ୟ ସରକାର କହୁଥିବାବେଳେ ଏହା କ’ଣ ତାହାର ବାସ୍ତବିକ ଚିତ୍ର ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ବିଜେଡି ଶାସନରେ ମହିଳାମାନେ ବିପଦରେ ରହିଛନ୍ତି, ଯାହାର ଉଦାହରଣ ଏନ୍‌ସିଆରବି ରିପୋର୍ଟରୁ ଜଳଜଳ ହୋଇ ଦେଖାଯାଉଛି। ମହିଳାମାନଙ୍କୁ ଯଦି ରାଜ୍ୟ ସରକାର ସୁରକ୍ଷା ପ୍ରଦାନ ନ କରନ୍ତି, ତାହା ହେଲେ ଆଗାମୀ ଦିନରେ ଭାଜପା ମହିଳା ମୋର୍ଚ୍ଚା ଜିଲା ସମେତ ରାଜ୍ୟ ବ୍ୟାପି ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି। ଜିଲା ସଭାନେତ୍ରୀ ନିରୁପମା ନାଏକଙ୍କ ନେତୃତ୍ୱରେ ଜିଲା ଉପସଭାନେତ୍ରୀ ସୋଭାଗିନୀ ପାତ୍ର, ସନ୍ତୋଷୀ ଦାସ, ଯାଜ୍ଞସିନୀ ମହାନନ୍ଦ, ଜିଲା ସମ୍ପାଦିକା କାଞ୍ଚନ ବାଗ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କୁନ୍ତି ପାଲ, ବୋରିଆ ମଣ୍ଡଳ ସଭାନେତ୍ରୀ ଦେବକୀ ସିନ୍ଧୁର, ଜିଲା କାର୍ଯ୍ୟକାରିଣୀ ସଦସ୍ୟା ସଂଯୁକ୍ତା ମହତୀ, ରୀନା ଭାଟି, କାଉନସିଲର ମଞ୍ଜୁଲତା ସେଠି, ମାଧବୀ ବାଗ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ଏମ୍‌ପି ପ୍ରତିନିଧି ଚନ୍ଦ୍ର ହାସ୍ୟ ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ।

## ଶିକ୍ଷା, ନାରୀ, ଯୁବକଙ୍କ ବିକାଶ ଉପରେ ଗୁରୁତ୍ୱ

**କୁଲତା ସମାଜର ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍**

ନୂଆପଡ଼ା ଅଫିସ,୧୧।୯

ନୂଆପଡା ସଦର ମହକୁମାସ୍ଥିତ ପୋଲିସ ପଡିଆଠାରେ କୁଲତା ସମାଜର ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୁଲତା ସମାଜ ଜିଲା ସଭାପତି ସରୋଜ କୁମାର ସାହୁ (ଭୈରବ) ଅଧ୍ୟକ୍ଷତା କରିଥିବା ବେଳେ ଜିଲା ପ୍ରକଳ୍ପ ଅଧିକାରୀ ମଧୁଛନ୍ଦା ସାହୁ ମୁଖ୍ୟଅତିଥି, କନ୍ଦାକେନ୍ଦ୍ରୀୟ କୁଲତା ସମାଜ ସଭାପତି ଭୋଲାନାଥ ପ୍ରଧାନ, ଡା.ଲଳିତ ମୋହନ ବିଶି, ରାଜ୍ୟ କୁଲତା ସମାଜ ସାଧାରଣ ସମ୍ପାଦକ ତଥା କୋମନା ବ୍ଲକ ସଭାପତି ବୈଶମ୍ପାୟନ ସାହୁ, ବିଶିଷ୍ଟ ଶିକ୍ଷାବିତ ଅଶ୍ୱନୀ କୁମାର ଭୋଇ, ଛତିଶଗଡ ଓ ଓଡିଶା ରାଜ୍ୟ କୁଲତା ସମାଜ ସମ୍ବିଧାନ ସଭ୍ୟ ଦୁର୍ଲଭ ବିଶ୍ୱାଳ, ବିରେନ୍ଦ୍ର ପ୍ରଧାନ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, କୋମନା ବ୍ଲକ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, କୁଲତା ସମାଜ କୋଷାଧ୍ୟକ୍ଷ ସନ୍ତୋଷ ବିଶ୍ୱାଳ, ସିଆଲଲଟି ସରପଞ୍ଚ କାଳିଆ ପ୍ରଧାନ, ଦର୍ଲିମୁଣ୍ଡା ପୂର୍ବତନ ସରପଞ୍ଚ ଡୋଲାମଣି ପ୍ରଧାନ, ପୂର୍ବତନ ଜିଲା ସଭାପତି ରମେଶ ଚନ୍ଦ୍ର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜର ଉନ୍ନତି, ଶିକ୍ଷା, ରାଜନୀତି କ୍ଷେତ୍ରରେ ଉନ୍ନତି, ନାରୀ ଓ ଯୁବକମାନଙ୍କ ବିକାଶ ଉପରେ ଗୁରୁତ୍ୱ ଦେବା ସହିତ କୃଷି କାର୍ଯ୍ୟରେ ଅଧିକ ଉତ୍ପାଦନକ୍ଷମ ହେବା ପାଇଁ ଅଧିକ ଗୁରୁତ୍ୱ ଦେବା ପାଇଁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ୨୦୨୨ରେ ଦ୍ୱାଦଶ, ଦଶମ ଶ୍ରେଣୀ କୃତୀ ଛାତ୍ରୀଛାତ୍ର, ଉଦ୍ୟୋଗ, ବ୍ୟବସାୟ ତଥା କୃଷି କାର୍ଯ୍ୟରେ ସଫଳତା ପାଇଥିବା କୃଷକଙ୍କୁ ମୁଖ୍ୟଅତିଥି ଟ୍ରଫି ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ନିର୍ବାଚିତ ହୋଇଥିବା ଜାତିର ଜନପ୍ରତିନିଧିମାନଙ୍କୁ ମୁଖ୍ୟଅତିଥି ଉପଢୌକନ ଦେଇ ସମ୍ବର୍ଦ୍ଧନା କରିଥିଲେ। କିଶୋର ପ୍ରଧାନ ଓ ଫାଲଗୁନୀ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ କୁଲତା ସମାଜ ଜିଲା ସମ୍ପାଦକ ପ୍ରଦୀପ ସାହୁ ଧନ୍ୟବାଦ ଦେଇଥିଲେ। ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ସାନ ପ୍ରଧାନ, ବ୍ରଜରାଜ ସାହୁ, ସୁରେନ୍ଦ୍ର ପ୍ରଧାନ, ହେମସାଗର ସାହୁ, ସୁଶାନ୍ତ ଭୋଇ, ଜାତି ଯୁବକମାନେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

# କାର୍ ଦୁର୍ଘଟଣା: ଜଣେ ମୃତ, ୩ ଗୁରୁତର

ଦେଓଗାଁ,୧୧।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ କୁଡାସିଂହା–ଭୁଡିଆରବାହାଲ ରାସ୍ତା ବ୍ରିଜ ନିକଟରେ ଏକ କାର ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି ଓ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଦେଷଣ୍ଡ ଗାଁର କୁଳମଣି ନାଏକ। ଖବରପାଇ ବନ୍ଧପଡା ଫାଣ୍ଡି ଅଧିକାରୀ ସରୋଜ କୁମାର ରଥ ଓ ଦେଓଗାଁ ଥାନା ଏସଆଇ ଜଗତଜୀବନ ସା ଘଟଣାସ୍ଥଳରେ ପହଞ୍ଚି କାରକୁ ଜବତ କରି ତଦନ୍ତ ଜାରି ରଖିଛନ୍ତି। ପ୍ରକାଶ ଯେ, ଦେଷଣ୍ଡ ଗାଁର କୁଳମଣି ନାଏକ, ବନମାଳୀ ମେହେର, ସ୍ୱୟଂମ୍ବର ମେହେର ଓ ରଙ୍କ ନାଏକ ଏକ କାରରେ ବଲାଙ୍ଗୀରରୁ ଦେଷଣ୍ଡ ଅଭିମୁଖେ ଫେରୁଥିବା ବେଳେ କୁଡାସିଂହା ନିକଟରେ କାରଟି କୌଣସି କାରଣରୁ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଫଳରେ ସମସ୍ତେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କୁଳମଣିଙ୍କ ମୃତ୍ୟୁ ଘଟିଥିଲା।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦିବସ ପାଳିତ

ଖଡ଼ିଆଲ,୧୧।୯(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଲ ବ୍ଲକ ବାଦୀସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ଓଡିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ଅଷ୍ଟମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଅବସରରେ ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟ ଅଧକ୍ଷା ଅଞ୍ଜନା ବାଗଙ୍କ ତତ୍ତ୍ୱାବଧାନରେ ପ୍ରବନ୍ଧ ଲିଖନ, ଆଶୁ ଭାଷଣ, ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ ଜିଲାର ସମସ୍ତ ଆଦର୍ଶ ବିଦ୍ୟାଳୟର ମୋଟ ୧୪୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଖଡ଼ିଆଲ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥି ଏବଂ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ଇଂଲିଶ ଅଧ୍ୟାପକ ସାମୁଏଲ ଦାନି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଖଡ଼ିଆଳ ବ୍ଲକ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରମୋଦ ନାଥ ପତି, ଜିଲା ପରିଷଦ ସଭ୍ୟା ଆଶା ଜୈନ, ଝଗରାହି ଆଦର୍ଶ ବିଦ୍ୟାଳୟ ଅଧକ୍ଷ (ନୋଡାଲ ଅଧକ୍ଷ) ଜିତେନ୍ଦ୍ର କୁମାର ପ୍ରଧାନ, ନେଗିପାଲି ଆଦର୍ଶ ବିଦ୍ୟାଳୟ ଅଧକ୍ଷ କ୍ଷିତିଭୂଷଣ ବିଶ୍ୱାଳ, ଟିମନପୁର୍ ଆଦର୍ଶ ବିଦ୍ୟାଳୟ ଅଧକ୍ଷ ବିଜୟ ରଞ୍ଜନ କର୍ମୀ, କେଶରଜପୁର ଆଦର୍ଶ ବିଦ୍ୟାଳୟ ଅଧକ୍ଷା ଅନିମା ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ବସନ୍ତ କୁମାର ନାଏକ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ନିହାର ରଞ୍ଜନ ବିଶ୍ୱାଳ, ଧ୍ରୁବ ସିଂ ଧରୁଆ, ରାମକୃଷ୍ଣ ପ୍ରଧାନ, ସଞ୍ଜୀବ ବୁଦ୍ଧିଆ, ଅଂଶୁମାନ ପଣ୍ଡା, ଦେବେଶ କୁମାର ମେହେର, ପପ୍ପୁ ସତନାମୀ, ତନୁଶ୍ରୀ ମାଝି, ବାମଦେବ ଭୋଇ, କମଳାକାନ୍ତ ଠାକୁର, ସୁଜିତ କୁମାର ନାଗ, ଅଜିତ ମହାକୁର, ସନ୍ତୋଷ କୁମାର ଦାଶ, ପ୍ରକାଶ କୁମାର ବେହୁରିଆ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଜୟଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ଜୋନାଲସ୍ତରରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ବିଦ୍ୟାଳୟ ଅଧକ୍ଷା ସୂଚନା ଦେଇଛନ୍ତି।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ବିନା ଭିଟାମିନରେ ମିଳୁନି ସାର

■ ଚାଷୀଙ୍କୁ ଶୋଷଣ କରୁଛନ୍ତି ସାର ଦୋକାନୀ

■ ନୀରବ ଦର୍ଶକ ସାଜିଛି କୃଷି ବିଭାଗ

ଭବାନୀପାଟଣା,୧୧।୯(ସ୍ୱ.ପ୍ର.)

କଳାହାଣ୍ଡି ଜିଲାରେ ଚଳିତ ଖରିଫ ଋତୁରେ ଚାଷ କାର୍ଯ୍ୟ ଆରମ୍ଭରୁ ବିହନ ପାଇଁ ସମସ୍ୟା ଦେଖାଦେଇଥିଲା। ବର୍ତ୍ତମାନ ବିହନ ପରେ ସାର ସମସ୍ୟା ଚାଷୀଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି। ଚଳିତବର୍ଷ ଜିଲାରେ ବନ୍ୟା ପରିସ୍ଥିତି ଯୋଗୁ ଚାଷୀମାନେ ତଳିତଳାନ୍ତ ହୋଇ ପଡିଥିବା ବେଳେ ସାରର କଳାବଜାରୀ ପୁଣି ଚାଷୀଙ୍କ ମୁଣ୍ଡରେ ଚଡକ ପକାଇଦେଇଛି। ଏପଟେ ବିନା ଭିଟାମିନରେ ଚାଷୀଙ୍କୁ ଏବେ ସାର ମିଳୁନାହିଁ। ସାର ଦୋକାନୀ ଚାଷୀଙ୍କୁ ସାର ନେବା ବେଳେ ଭିଟାମିନ ନେବାକୁ ବାଧ କରୁଥିବା ବେଳେ ଏଥିପ୍ରତି କୃଷି ବିଭାଗ ନିରବଦର୍ଶକ ସାଜିଛି। ଜିଲାର ବିଭିନ୍ନ ସ୍ଥାନରେ ଏହି ସାରର କଳାବଜାର ରୋକିବାକୁ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ ହୋଇ ବିଭିନ୍ନ ସ୍ଥାନରେ ଚଢ଼ଉ ପାଇଁ ପ୍ରକ୍ରିୟା ଚାଲିଥିବା ଧର୍ମଗଡ଼ କୃଷି ଜିଲା ଅଧିକାରୀ ଜାମି ସୂର୍ଯ୍ୟ ରାଓ କହିଛନ୍ତି। ଜିଲାର ଗୋଲାମୁଣ୍ଡା, ଜୁନାଗଡ଼, ଧର୍ମଗଡ଼, କୋକସରା ସମେତ ବିଭିନ୍ନ ବ୍ଲକରେ ସାର କଳାବଜାର ହେଉଥିବା ବେଳେ ସାର କିଣିବାକୁ ଗଲେ ଚାଷୀମାନେ ସାର ଦୋକାନୀଠାରୁ ଶୋଷଣର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ସରକାରୀ ଧାର୍ଯ୍ୟ ମୂଲ୍ୟ ଅନୁଯାୟୀ ଡିଏପି–୧୮୪୬ର ୧୩୫୦ ଟଙ୍କା, ସେହିପରି ଡିଏପି–୨୦୨୦ ୦୧୩ର ୧୪୭୦ ଟଙ୍କା ଏବଂ ୟୁରିଆ ସାରର ୨୬୬ ଟଙ୍କା ୫୦ ପଇସା ଥିବା ବେଳେ ଏହି ସରକାରୀ ଦରଠାରୁ ୫୦ରୁ ୧୦୦ ଟଙ୍କା ମଧ୍ୟରେ ଚଢା ଦରରେ ସାର ବିକ୍ରି ହେଉଥିବା ଚାଷୀ ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହେଁ ଚାଷୀ ସାର କିଣିବାକୁ ଗଲେ ତା ସାଙ୍ଗକୁ ଏକ ଭିଟାମିନ ନେବାକୁ ମଧ୍ୟ ଚାଷୀଙ୍କୁ ବାଧ କରୁଛି ସାର ଦୋକାନୀ। ଯେଉଁ ଭିଟାମିନର ମୂଲ୍ୟ କି ୧୮୦ ଟଙ୍କାରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି । ଯଦି ଜଣେ ଚାଷୀ ୩୦୦ ଟଙ୍କାରେ ୟୁରିଆ କିଣିବ ଏବଂ ତାହା ସହ ପୁଣି ଭିଟାମିନ ପାଇଁ ୫୦୦ ଟଙ୍କା ଦେବ ତାହେଲେ ଚାଷୀଙ୍କୁ କେତେ କଷ୍ଟ ହେଉଥିବ ତାହା ସହଜେ ଅନୁମେୟ। କୌଣସି ଚାଷୀ ଏହି ଭିଟାମିନ ନେବାକୁ ଅନିଚ୍ଛା ପ୍ରକାଶ କରିବ ତାହେଲେ ସେହି ଚାଷୀଙ୍କୁ ସାର ହିଁ ମିଳୁନାହିଁ। ଫଳରେ ନୀରିହ ଚାଷୀ ଜଣକ ବାଧ ହୋଇ ଅଜଥା ଖର୍ଚ୍ଚାନ୍ତରେ ପଡି ସେହି ସାର ସାଙ୍ଗରେ ଭିଟାମିନ ନେଇ ଘରକୁ ଆସୁଛି। ଚଳିତ ଖରିଫ ପାଇଁ ୧ ଲକ୍ଷ ୮୬ ହଜାର ୯୬୧ ହେକ୍ଟର ଚାଷ ଜମିରେ ଧାନ ଚାଷ ଧାର୍ଯ୍ୟ ଲକ୍ଷ୍ୟ ରଖାଯାଇଛି। ସେହିପରି ୧୪ ହଜାର ୩୦୫ ହେକ୍ଟରରେ ମକା, ୬୫ ହଜାର ୭୪୨ ହେକ୍ଟରରେ ଡାଲି ଜାତୀୟ ଫସଲ, ୧୨ ହଜାର ୬୨୦ ହେକ୍ଟରରେ ତୈଳବିଜ ଜାତୀୟ, ୭୩ ହଜାର ୭୭୮ ହେକ୍ଟରେ କପା ଏବଂ ୭୩୫ ହେକ୍ଟର ଚାଷ ଜମିରେ ଆଖୁ ଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି।


ଜଣେ ଚାଷୀ ସାର ନେଉଛନ୍ତି।

## ତରଭା ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ

ତରଭା,(ଡି.ଏନ.ଏ.): ତରଭାରେ ସାର୍ବଜନୀନ ଦୁର୍ଗାପୂଜା ଲାଗି ନୂତନ କମିଟିର କର୍ମକର୍ତ୍ତା ଚୟନ ଓ ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟ ସମ୍ପନ୍ନ ହୋଇଛି। ଦୁର୍ଗାମଣ୍ଡପରେ ଆକାଶ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତି କ୍ରମେ ଚଳିତବର୍ଷର ଶାରଦୀୟ ପୂଜା ପାଇଁ ସଭାପତି ଭାବେ ସନସିତ ସାହୁ, କାର୍ଯ୍ୟକାରୀ ସଭାପତି ଆକାଶ ସାହୁ, ଉପସଭାପତି ରାମ ନାଏକ, ସମ୍ପାଦକ ଶଙ୍ଖନାଦ ମହଲା,ସହ ସମ୍ପାଦକ ରତନ ମେହେର ଓ କୋଷାଧକ୍ଷ ଭାବେ ପ୍ରଦୀପ ପାଣିଗ୍ରାହୀଙ୍କୁ ମନୋନୀତ କରାଯାଇଥିଲା।

## ସଂକ୍ଷେପରେ

### ୨୪ ଘଣ୍ଟା ରେଳ ଫାଟକ ବନ୍ଦ

ବରପାଲି,୧୧।୯(ଡି.ଏନ.ଏ.): ବରଗଡ଼ ଜିଲା ବରପାଲି ରାମପୁର ଜଗନ୍ନାଥ ସଡ଼କ ହାଇସ୍କୁଲ ନିକଟରେ ଥିବା ରେଳ ଫାଟକ ଶନିବାର ସକାଳ ୭ଟାରୁ ରବିବାର ସକାଳ ୭ଟା ଯାଏ ୨୪ ଘଣ୍ଟା ଧରି ବନ୍ଦ ରହିଥିଲା। ବରପାଲି ରେଳ ଷ୍ଟେଶନରେ ରେଳ ଲାଇନ୍‌ର ଦୋହରୀକରଣ କରାଯାଇ ଆଉ ଅଧିକ ଦୁଇଟି ରେଳ ଲାଇନ ସଂଯୋଗ କରାଯାଉଥିବାରୁ ରେଳ ଫାଟକ ନମ୍ବର ଜିଟି ୬୦କୁ ବନ୍ଦ ରଖାଯାଇଥିଲା। ଫଳରେ ଜଗନ୍ନାଥ ନଗର ବାସିନ୍ଦାଙ୍କ ସହ ଗ୍ରାମାଞ୍ଚଳର ଲୋକେ ବରପାଲି ସହରକୁ ଆସିବାରେ ଅସୁବିଧା ଭୋଗିଥିଲେ। ରେଳ ବିକାଶ ନିଗମର ଅନୁରୋଧ କ୍ରମେ ଜିଲା ପ୍ରଶାସନ ପକ୍ଷରୁ ଏହି ରାସ୍ତା ବନ୍ଦ କରାଯାଇଥିଲା।

### ବୃନ୍ଦାବନ ବିହାରୀ ସ୍ମୃତି କମିଟି ଗଠନ

ବରପାଲି,୧୧।୯(ଡି.ଏନ.ଏ.): ବରପାଲି ସ୍ଥିତ ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବଦ୍ୟାଳୟରେ ସାହିତ୍ୟ ବନ୍ଧୁ ସ୍ୱର୍ଗତ ବୃନ୍ଦାବନ ବିହାରୀ ଦାଶଙ୍କ ସ୍ମୃତି କମିଟି ବରିଷ୍ଠ ଖବରଦାତା ରକ୍ଷାକରି ବିଶିଙ୍କ ଆବାହକତ୍ୱରେ ଗଠିତ ହୋଇଛି। ଏଥିରେ ରକ୍ଷାକରୀ ବିଶି ସଭାପତି, ରସାନନ୍ଦ ଥପା ଉପ ସଭାପତି, ଯତୀନ୍ଦ୍ର କୁମାର ସାହୁ ସମ୍ପାଦକ, ଚିତ୍ତରଞ୍ଜନ ସାହୁ ସହ ସମ୍ପାଦକ, ସଞ୍ଜୀବ ମହାପାତ୍ର ସଙ୍ଗଠନ ସମ୍ପାଦକ, ମହେନ୍ଦ୍ର କୁମାର ମେହେର ସଙ୍ଗଠନ ସହ ସମ୍ପାଦକ, ଅକ୍ଷୟ କୁମାର ଭୋଇ କୋଷାଧକ୍ଷ ଭାବେ ମନୋନିତ ହୋଇଥିଲେ। କାର୍ଯ୍ୟକାରୀ ସଦସ୍ୟ ଭାବେ ଅନ୍ତର୍ଯାମୀ ପଣ୍ଡା, ତେଜରୁ ବାରିକ, ସୁବାଷ ଚନ୍ଦ୍ର ଦାଶ, ମନୋରଞ୍ଜନ ମେହେର, ପଦ୍ମିନୀ ଦାଶ, ଆଇନ ପରାମର୍ଶଦାତା ରାଜକିଶୋର ଦାଶ ରହିଛନ୍ତି। ସମ୍ପାଦକ ଯତୀନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲା ଠିକାଦାର ସଂଘ କମିଟି ପୁନର୍ଗଠିତ

**ସିଡ୍ୟୁଲ ରେଟ୍‌ରେ ଟେଣ୍ଡର ପକାଇବାକୁ ନିଷ୍ପତ୍ତି**

ସୋନପୁର,୧୧।୯(ନି.ପ୍ର.): ସୁବର୍ଣ୍ଣପୁର ଜିଲା ଠିକାଦାର ସଂଘର ବୈଠକ ପ୍ରାକ୍ତନ ସାଧାରଣ ସମ୍ପାଦକ କୁଶ କୁମାର ସାହୁଙ୍କ ଅଧକ୍ଷତାରେ ସ୍ଥାନୀୟ ଡାକବଙ୍ଗଳାଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର କମିଟି ପୁନର୍ଗଠିତ ହୋଇଛି। ସଭାପତି ଭାବେ ଜୟମାଧବ ମିଶ୍ର, ଉପସଭାପତି ସଞ୍ଜୀବ ବେଦବାକ୍, ଶାନ୍ତନୁ ବାଘ, ସୁମିତ ପୂଜାହାରୀ, ଶାଶ୍ୱତ କୁମାର ମିଶ୍ର, ସାଧାରଣ ସମ୍ପାଦକ ରାମକୃଷ୍ଣ ଦାସ, ସହ ସମ୍ପାଦକ ସୁଧୀର ପଣ୍ଡା, ଶିବନାରାୟଣ ବହିଦାର, ବିଭୂତି ଭୂଷଣ ଦାସ, ସଞ୍ଜୀବ ସାହୁ, ସତ୍ୟ ନାରାୟଣ ମିଶ୍ର ମନୋନୀତ ହୋଇଛନ୍ତି। ସେହିପରି ସଂଘର ଉପଦେଷ୍ଟା ଭାବେ କୁଶକୁମାର ସାହୁ, ରାମ ମିଶ୍ରଙ୍କୁ ଚୟନ କରାଯାଇଛି। ବୈଠକର ନିଷ୍ପତ୍ତି ଅନୁଯାୟୀ ଏଣିକି ସିଡୁଲ ରେଟ୍‌ରେ ଟେଣ୍ଡର ପକାଯିବା ଓ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଅଟକଳ ଥିବା ଠିକା କାମରେ ଜିଲା ଠିକାଦାରଙ୍କ ସଂରକ୍ଷଣ କଡାକଡି ଭାବେ ଲାଗୁ ହେବ। ସେହିପରି ବାହାର ଜିଲାର ଠିକାଦାର ୫ ଲକ୍ଷରୁ ୧ କୋଟି ମୂଲ୍ୟର ଟେଣ୍ଡର କାର୍ଯ୍ୟରେ ଭାଗ ନ ନେବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ଜ୍ୟୋତି ରଞ୍ଜନ କୁଶଳ ଧନ୍ୟବାଦ ପ୍ରଦାନ କରିଥିଲେ।

### ଡୁଙ୍ଗୁରିପାଲି ଗଣ୍ଡା ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ

ଡୁଙ୍ଗୁରିପାଲି,୧୧।୯(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଗଣ୍ଡା ସମାଜ ପକ୍ଷରୁ ରବିବାର ଚେରୁପାଲି ବାଉଁଶବଣଠାରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡୁଙ୍ଗୁରିପାଲି ଗଣ୍ଡା ସମାଜର ଯୁବ ଓକିଲ ଲକ୍ଷ୍ମଣ ଭରାସାଗରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ପଶ୍ଚିମ ଓଡିଶାର ମହାନ ଗଣପର୍ବ ନୂଆଁଖାଇ ସମ୍ପର୍କରେ ନିଜର ମତ ରଖିଥିଲେ। ଏହି ଅବସରରେ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଡୁଙ୍ଗୁରିପାଲି ବ୍ଲକର ବିଭିନ୍ନ ପଞ୍ଚାୟତରୁ ବହୁ ସଂଖ୍ୟକ ଗଣ୍ଡା ପରିବାର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଭୁବନ ନାଗ, ରାଜୁ ତାଣ୍ଡି, ଭାଗ ହରିପାଳ, ନାରାୟଣ ବିଭାର, ସଞ୍ଜୁ ନନ୍ଦ, କୃଷ୍ଣଚନ୍ଦ୍ର ଦୀପ, ଅଶୋକ ନାଗ, କଳାକାହ୍ନୁ ମହାନନ୍ଦ ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ ନୂଆଁଖାଇ କାର୍ଯ୍ୟକ୍ରମର ସଂଯୋଜକ ଗରିବ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ସଂସ୍କୃତ ବିନା ଭାରତୀୟ ସଂସ୍କୃତି ଅସମ୍ପୂର୍ଣ୍ଣ

ବରଗଡ଼ ଅଫିସ,୧୧।୯



ଜିଲାସ୍ତରୀୟ ସଂସ୍କଅତ ଦିବସ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

ସଂସ୍କୃତ ଭାଷା ଭାରତୀୟ ସଂସ୍କୃତିର ଅନ୍ତରାତ୍ମା। ସଂସ୍କୃତ ବିନା ଭାରତୀୟ ସଂସ୍କୃତି ଅସମ୍ପୂର୍ଣ୍ଣ। ସାମାଜିକ, ସାଂସ୍କୃତିକ ସଂସ୍କାର ପାଇଁ ଏହି ଭାଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସ୍ଥାନୀୟ ରାଣାପ୍ରତାପ ହାଇସ୍କୁଲଠାରେ ଆୟୋଜିତ ସଂସ୍କୃତ ଦିବସ ପାଳନ ଅବସରରେ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସଂସ୍କୃତ ଭାରତୀ ପ୍ରାନ୍ତୀୟ ଅଧକ୍ଷ ଆୟୁଷ୍ମାନ୍ତ ଷଡଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଶିଷ୍ଟ ଶିକ୍ଷାବିତ୍ ଅନ୍ତର୍ଯାମୀ ଦାଶ, ନବପ୍ରଭାତ ଗୁରୁକୁଳର ଅଧକ୍ଷ ପଣ୍ଡିତ ବୃହସ୍ପତି ଶାସ୍ତ୍ରୀ, ବିଜୟପଲ୍ଲୀ ସଂସ୍କୃତ ମହାବିଦ୍ୟାଳୟ ଅଧକ୍ଷ ଡ଼ଃ ବଦ୍ରିନାରାୟଣ ପୂଜାରୀ, ଅଧ୍ୟାପକ ରାଜୀବ ସାହୁ, ଗିରିଧାରୀ ବାରିକ ପ୍ରମୁଖ ଉଦଘାଟନ କରିଥିଲେ। ରାଜ୍ୟ ସଂସ୍କୃତ ଶିକ୍ଷକ ମହାସଂଘ ଯୁଗ୍ମ ସମ୍ପାଦକ ପଣ୍ଡିତ ଗୋପବନ୍ଧୁ ପୁରୋହିତ ସ୍ୱାଗତ ଅଭିଭାଷଣ ଓ ସଂସ୍କୃତ ଭାରତୀ ମହିଳା ବିଭାଗ ମୁଖ୍ୟ ଅଧାପିକା ଦମୟନ୍ତୀ କର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ବରଗଡ଼ ପୌରାଧକ୍ଷା କଳ୍ପନା ମାଝୀ ମୁଖ୍ୟ ଅତିଥି, ଅଧ୍ୟାପକ ଚୂଡାମଣି ରଥ ମୁଖ୍ୟ ବକ୍ତା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ପଣ୍ଡିତ ବୃହସ୍ପତି ଶାସ୍ତ୍ରୀ ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଅଧାପକ ରାଜୀବ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧାପିକା ଦମୟନ୍ତୀ କରଙ୍କ ସଂଯୋଜନାରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସଂସ୍କୃତ ନାଟିକା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପଣ୍ଡିତ କପିଳେଶ୍ୱର ବାଗ, ଅଧାପିକା ଦମୟନ୍ତୀ କର ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିବା ବେଳେ ନବ ପ୍ରଭାତ ଗୁରୁକୁଳର ବ୍ରହ୍ମଚାରୀଗଣ ବେଦମନ୍ତ୍ର ପାଠ କରିଥିଲେ। ସଂସ୍କୃତ ପଣ୍ଡିତ ରବି ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# ବୀରମହାରାଜପୁର କଲେଜର ଶିକ୍ଷା ବିଭାଗ ଛାତ୍ରୀଛାତ୍ରଙ୍କ ସଫଳତା

ଅମରପାଲି,୧୧।୯(ଡି.ଏନ.ଏ.)

**ଏକକ ପିଜି ପ୍ରବେଶିକା ପରୀକ୍ଷା**



କଲ୍ୟାଣୀ ମିଶ୍ର



ଗୀତାଞ୍ଜଳୀ ମେହେର

ଏକକ ପିଜି ପ୍ରବେଶିକା ପରୀକ୍ଷାର ଫଳ ପ୍ରକାଶ ପାଇଛି। ଏଥିରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟର ଶିକ୍ଷା ବିଭାଗର ଛାତ୍ରୀଛାତ୍ରମାନେ ଚଳିତବର୍ଷ ମଧ ସଫଳତ ପାଇଛନ୍ତି। ଚଳିତବର୍ଷ ଉକ୍ତ କଲେଜର ତିନି ଜଣ ଛାତ୍ରୀଛାତ୍ର ଶିକ୍ଷା ବିଭାଗରେ ଶ୍ରେଷ୍ଠ ଦଶ ଜଣଙ୍କ ମଧରେ ରହିଥିବା ବେଳେ ସର୍ବମୋଟ ୫ଜଣ ଛାତ୍ରୀଛାତ୍ର ଶ୍ରେଷ୍ଠ ଶହେ ମଧରେ ରହିଛନ୍ତି। ୨୦୨୦ ଏକକ ପିଜି ପ୍ରବେଶିକା ପରୀକ୍ଷାରେ ଆକାଶ ମେହେର ସାରା ରାଜ୍ୟରେ ପ୍ରଥମ ର୍ୟାଙ୍କ ହାସଲ କରିଥିବା ବେଳେ ଏବର୍ଷ (ସିପଇଟି ୨୦୨୨)ଏକକ ପିଜି ପ୍ରବେଶିକା ପରୀକ୍ଷାରେ ଶିକ୍ଷା ବିଭାଗର ଛାତ୍ରୀ କଲ୍ୟାଣୀ ମିଶ୍ର ରାଜ୍ୟରେ ଦ୍ୱିତୀୟ ର୍ୟାଙ୍କ ହାସଲ କରିଛନ୍ତି। ସେହିପରି ଉକ୍ତ କଲେଜର ଗୀତାଞ୍ଜଳୀ ମେହେର ର୍ୟାଙ୍କ –୫ ଏବଂ ଶୁଭମ ଦାଶ ର୍ୟାଙ୍କ –୯, ଅଲିଭା ସିଂ ର୍ୟାଙ୍କ–୨୮ ଏବଂ ବିଷ୍ଣୁପ୍ରିୟା ଦେହୁରୀ –ର୍ୟାଙ୍କ ୭୯ ହାସଲ କରିଛନ୍ତି। ଶିକ୍ଷା ବିଭାଗର ଏହି ସଫଳତା ପାଇଁ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସ୍ୱୟମ୍ଭୁ ନାଥ ଖଣ୍ଡଗିରୀ, କଲେଜର ଅଧକ୍ଷ ସୁଦାମ ଚରଣ ସାହୁ କୃତି ଛାତ୍ରୀଛାତ୍ର ଏବଂ ବିଭାଗୀୟ ଅଧାପକ ବିଜୟ କୁମାର ପ୍ରଧାନ,ଶିଶିର ବଣିଆଁ,ଅଧାପିକା ହରପ୍ରିୟା ମହାପାତ୍ର,ସୀମାରାଣୀ ବେହେରାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଛାତ୍ରୀଛାତ୍ରମାନଙ୍କ ଏହି ସଫଳତା ପାଇଁ ବୀରମହାରାଜପୁର ମହାବିଦ୍ୟାଳୟର ଅଧାପିକା ଅଧାପକ, ଛାତ୍ରୀଛାତ୍ର ତଥା ଅଞ୍ଚଳବାସୀଙ୍କ ମଧରେ ଖୁସିର ଲହରି ଖେଳିଯାଇଛି।

# ନାଗରିକ କମିଟିର ନୂଆଁଖାଇ ଭେଟ୍‌ଘାଟ୍



ଗେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ଜାମଟିକ୍ରା,୧୧।୯(ଡି.ଏନ.ଏ.)

ବରଗଡ଼ ଜିଲା ଅତାବିରା ବ୍ଲକ ଅଧୀନ ଗୋଡଭଗା ସମଲେଶ୍ୱରୀ ମନ୍ଦିର କଲ୍ୟାଣ ମଣ୍ଡପରେ ରବିବାର ଗୋଡଭଗା ନାଗରିକ କମିଟିର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଗରିକ କମିଟି ସଭାପତି ହାରାଧନ ବାରିକ ସଭାପତିତ୍ୱ କରିଥିଲେ। ଦିବ୍ୟକିଶୋର ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡାକ୍ତର ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥି, ଗୋଡଭଗା ସାରସ୍ୱତ ମହାବିଦ୍ୟାଳୟର ଅଧକ୍ଷ ପ୍ରମୋଦ କୁମାର ପ୍ରଧାନ ମୁଖ୍ୟ ବକ୍ତା, ସମ୍ବଲପୁର ଏମ୍‌ସ କଲେଜର ନିର୍ଦ୍ଦେଶକ ଶ୍ରୀନିବାସ ପାତ୍ର, ମାରଓ୍ୱାଡି ସମାଜ ସଭାପତି ରାମ ଅବତାର ଅଗ୍ରୱାଲ ଓ ସାମାଜିକ କର୍ମୀ ମୁଲଜୀ ପଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୌକିଲାଲ ଦେବତା ମଞ୍ଚ ପରିଚାଳନା କରିଥିଲେ। ବିଭୁ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସୁଧୀର ପଣ୍ଡା, ନରେନ୍ଦ୍ର କୁମାର ଦାସ, ଜଗଦୀଶ ବାରିକ, ଶେଷଦେବ ପଧାନ, ଲକ୍ଷ୍ମଣ ଭୋଇ, ଭଗବାନ ମହାପାତ୍ର, ଲୋକେଶ୍ୱର ଦାସ, ହାଡୁ କର୍ଣ୍ଣ, ଅଭିମନ୍ୟୁ କର୍ଣ୍ଣ, ଅର୍ଜୁନ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ସିପିଆଇରୁ ଇସ୍ତଫା ଦେଲେ ଅବକାଶ ସାହୁ

ବୌଦ୍ଧ,୧୧।୯(ସ୍ୱପ୍ର)

ବୌଦ୍ଧ ଜିଲାର ସିପିଆଇ ନେତା ଅବକାଶ ସାହୁ ରବିବାର ସିପିଆଇ ଦଳରୁ ଇସ୍ତଫା ଦେଇଥିବା ନେଇ ଜଣାଇଛନ୍ତି। ସାହୁ ବୌଦ୍ଧ ଜିଲାରେ ସିପିଆଇର ସଙ୍ଗଠନ ମଜଭୁତ ରଖିଥିବା ବେଳେ ସେ ଗତ ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସିପିଆଇ ଦଳରୁ ଠିଆ ହୋଇ ଜିଲାର ୯ନମ୍ବର ଜୋନର ଜିଲାପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ସେ ଜିଲାର ହରଭଙ୍ଗା ବ୍ଲକର ଖରଭୁଇଁ ଠାରେ ଚାଲିଥିବା କ୍ରସରଗୁଡିକ ବନ୍ଦ କରିବାକୁ ଆନ୍ଦୋଳନ କରି ଦୀର୍ଘ ଦିନ ହେବ ବନ୍ଦ କରିବାରେ ସଫଳ ହୋଇଛନ୍ତି। କିନ୍ତୁ ଉକ୍ତ କ୍ରସର ଚାଲିବା ନେଇ ଦଳୀୟ ନେତାଙ୍କ କମ୍ପାନୀ କର୍ତ୍ତୃପକ୍ଷଙ୍କ ପ୍ରତି କ୍ରସର ଚାଲିବା ନେଇ ମତ ରଖିବାରୁ ସେ ସେଥିପାଇଁ ଦଳରୁ ଇସ୍ତଫା ଦେଇଥିବା ନେଇ ସୂଚନା ଦେଇଛନ୍ତି।

# ବରଡୁଣ୍ଡାରେ ନୂଆଁଖାଇ ଭେଟ୍‌ଘାଟ୍



କାର୍ଯ୍ୟକ୍ରମରେ କୃତୀ ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଉଛି।

ପାଇକମାଳ,୧୧।୯(ଡି.ଏନ.ଏ.)

ବରଗଡ଼ ଜିଲା ପାଇକମାଳ ବ୍ଲକ ବରଡୁଣ୍ଡା ହାଇସ୍କୁଲ ପଡିଆରେ ରବିବାର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘ ଓ ଗନ୍ଧମାର୍ଦ୍ଦନ କଳାକାର ମହାସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଇଷ୍ଟଦେବୀ ମା' ସମଲେଶ୍ୱରୀ ଓ ପ୍ରଭୁ ନୃସିଂହଙ୍କ ଫଟୋ ଚିତ୍ରରେ ପୂଜାର୍ଚ୍ଚନା କରାଯିବା ପରେ ସଭାନେତ୍ରୀ ଜାହ୍ନବୀ ପଟ୍ଟନାୟକଙ୍କ ଅଧକ୍ଷତାରେ ସଭା ହୋଇଥିଲା। ଏଥିରେ ନୂଆପଡ଼ା ଜିଲା ଡେପୁଟି କଲେକ୍ଟର ମହେନ୍ଦ୍ର ବଡେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥଲେ। ଏହି ଅବସରରେ ସରପଞ୍ଚ ଦିଲୀପ ବେହେରା, ସୁବାଷ ଚନ୍ଦ୍ର ଝଗରା, ଉପେନ୍ଦ୍ର ପଟେଲ, ସୁଦାମ ଚରଣ ସେଠୀ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ପରେ କଂସ ଦରବାର ସହିତ ସମ୍ବଲପୁରୀ ନୃତ୍ୟ ପରିବେଷଣରେ ମଞ୍ଚ ଦୁଲୁକି ଉଠିଥିଲା। ପୂର୍ବତନ ସରପଞ୍ଚ ପ୍ରମୋଦ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କଳାକାର ମହାସଂଘ ସଭାପତି ଶୁକଦେବ ବେରିଆ ଧନ୍ୟବାଦ ଅର୍ପଣ କରିଥଲେ।

# ସାମ୍ପ୍ରତିକ ନାଟକର ସ୍ଥିତି ଆଲୋଚନାଚକ୍ର

ବରଗଡ ଅଫିସ, ୧୧।୯



ନାଟକ ଆଲୋଚନାଚକ୍ରରେ ଉପସ୍ଥିତ ଆଲୋଚକବୃନ୍ଦ।

ଓଡ଼ିଶା ନାଟ୍ୟ ସଂଘ ପଶ୍ଚିମ ଓଡ଼ିଶା ଶାଖା ଓ ସୌଖିନ କଳାକାର ସଂଘର ମିଳିତ ସହଯୋଗରେ ସୌଖିନ ରଙ୍ଗମଞ୍ଚରେ ରବିବାର 'ସାମ୍ପ୍ରତିକ ନାଟକର ସ୍ଥିତି' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ବରଗଡ଼ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ଓଡିଶା ନାଟ୍ୟ ସଂଘ ସମ୍ପାଦକ ଶୁଭକାନ୍ତ ପାଢ଼ୀ, ଉପସଭାପତି ନଳିନୀ ନିହାର ନାୟକ, ନାଟ୍ୟ ନିର୍ଦ୍ଦେଶକ ନବୀନ ପରିଡ଼ା ଏବଂ ବରଗଡ଼ ଜିଲା ସଂଯୋଜକ ଅଶୋକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସୌଖିନ କଳାକାର ସଂଘର ସଭାପତି ଅଶ୍ୱିନୀ କୁମାର ପଣ୍ଡା ଓ ସମ୍ପାଦକ ପ୍ରଭାସ ରଞ୍ଜନ ମହଲା ଉପସ୍ଥିତ ଥିଲେ। ପରେ ଆଲୋଚନାଚକ୍ରକୁ ତିନୋଟି ସୋପାନରେ ବିଭକ୍ତ କରି ନାଟ୍ୟ ରଚନା, ମଞ୍ଚ ଓ ନାଟ୍ୟ ନିର୍ଦ୍ଦେଶନା ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ଓଡିଶାର ବିଭିନ୍ନ ପ୍ରାନ୍ତରୁ ନାଟ୍ୟ ବିଶେଷଜ୍ଞମାନେ ଯୋଗ ଦେଇଥିଲେ। ଆଲୋଚନାଚକ୍ରରେ ଅଶୋକ ବହିଦାର, ପଞ୍ଚାନନ ଦାସ, ନକୁଳ ବାଦି, ବ୍ରଜେନ୍ଦ୍ର ନାୟକ, ସୁଧାଂଶୁ ଦ୍ୱିବେଦୀ, ସତ୍ୟନାରାୟଣ ବେହେରା, ଜିତେନ୍ଦ୍ର ପଟ୍ଟନାୟକ, ଦେବେନ୍ଦ୍ର ନାୟକ, ଲକ୍ଷ୍ମଣ ମହାପାତ୍ର, ଚୂଡ଼ାମଣି ରଥ, ତପସ୍ୱିନୀ ଗୁରୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ନାଟ୍ୟ ସଂଘର ଯୁଗ୍ମ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଜ୍ଞାନ ମିଶନ ଗୀତାସୁଗିତା କର୍ତ୍ତବ୍ୟ କାର୍ଯ୍ୟକ୍ରମ

ବାଉଁଶୁଣୀ,୧୧।୯(ଡି.ଏନ.ଏ.)

ରବିବାର ପ୍ରଜ୍ଞାନ ମିଶନ ଗୀତା ସୁଗିତା କର୍ତ୍ତବ୍ୟ କାର୍ଯ୍ୟକ୍ରମ ବାଉଁଶୁଣୀ ସ୍ଥିତ ବିଣାଭାରତୀ ମଡର୍ଣ୍ଣ ପବ୍ଲିକ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ବାଉଁଶୁଣୀ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଧନେଶ୍ୱର ମଣ୍ଡଳଙ୍କ ସଭାପତିତ୍ୱରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ବିଣାଭାରତୀ ମଡର୍ଣ୍ଣ ପବ୍ଲିକ ସ୍କୁଲର ପ୍ରଧାନ ଶିକ୍ଷକ ମନୋରଞ୍ଜନ ପ୍ରଧାନ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଜ୍ଞାନ ମିଶନ କର୍ମକର୍ତ୍ତା ଶିବଦତ୍ତ ପଟ୍ଟନାୟକ, ସୈମିତ୍ରୀ ପଲିଆ, ବିଶିକେଶନ ପ୍ରଧାନ, ସମୀର ସାହୁଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ୪ଟି ବିଭାଗର ୩୯ ଛାତ୍ରୀଛାତ୍ର ବୌଦ୍ଧ ବ୍ଲକରୁ ୩ ୟ ଶ୍ରେଣୀ ରୁ +୩ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ରମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଯୋଗଦେବେ। ଏହା ସହିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତଶିକ୍ଷକଶିକ୍ଷୟିତ୍ରୀଯୋଗଦେଇଥିଲେ।

# ବରଗଡ଼ ପଲିଟେକ୍‌ନିକ୍ କଲେଜ ଛାତ୍ର ସର୍ବଭାରତୀୟ ଟପ୍ପର

ବରଗଡ଼ ଅଫିସ, ୧୧।୯



ପିତେଶ୍ୱର ବାରିକ

ଅଲ ଇଣ୍ଡିଆ ଟ୍ରେଡ୍ ଟେଷ୍ଟ (ଏଆଇଟିଟି) ପରୀକ୍ଷାରେ ବରଗଡ଼ ସରକାରୀ ପଲିଟେକ୍‌ନିକ୍ କଲେଜର ଛାତ୍ର ପିତେଶ୍ୱର ବାରିକ ସର୍ବଭାରତୀୟ ସ୍ତରରେ ଟପ୍ପର ହୋଇଛନ୍ତି। ସେ ମୋଟ ୬୦୦ରୁ ୫୯୧ ମାର୍କହାସଲ କରିଛନ୍ତି। ବରଗଡ଼ ଜିଲା ଭଟଲି ବ୍ଲକ ରାଇଶୋଭା ଗ୍ରାମର ପ୍ରଭାସିନୀ ବାରିକ ଏବଂ ରବିଚନ୍ଦ୍ର ବାରିକଙ୍କ ପୁତ୍ର ପ୍ରାୟ ୧୪ ଲକ୍ଷ ଛାତ୍ରୀଛାତ୍ରଙ୍କ ମଧରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବାରୁ ଗର୍ବିତ ଥିବା ପ୍ରକାଶ କରିଛନ୍ତି। ଏହି ସଫଳତାରେ ପରିବାର ସମେତ ଗ୍ରାମବାସୀ ତଥା କଲେଜର ସମସ୍ତ କର୍ମଚାରୀ ଏବଂ ଛାତ୍ରୀଛାତ୍ର ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିପାଇଁ ଗ୍ରାମବାସୀ ରବିବାର କୃତୀ ଛାତ୍ରଙ୍କୁ ସଂକୀର୍ତ୍ତନ କରି ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇଥିଲେ।

# ରକ୍ତଦାନ ଶିବିର:୨୬ ୟୁନିଟ ରକ୍ତ ସଂଗ୍ରହ

ଅମରପାଲି,୧୧।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କଳାପଥରସ୍ଥିତ ସତ୍ୟବାଦୀ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ସତ୍ୟବାଦୀ ଉଚ୍ଚ ମାଧମିକ ବିଦ୍ୟାଳୟ, ପ୍ରଗତି ଯୁବକ ସଂଘ ଏବଂ ଓଡିଶା ମୋ ପରିବାର ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଲୁଣ୍ଡା ବ୍ଲକ ଅଧକ୍ଷା ଶାନ୍ତିଲତା ମିଶ୍ର, ଓଡିଶା ମୋ ପରିବାର ଜିଲା ସଂଯୋଜକ ରଞ୍ଜିତ କୁମାର ରଥ, କଲେଜ ଅଧକ୍ଷ ଶ୍ରୀକାନ୍ତ ପଧାନ, ଯୁବନେତା କୃତିବାସ ମିଶ୍ରଙ୍କ ଦ୍ୱାରା ଅନୁଷ୍ଠାନିକ ଭାବରେ ଶିବିର ଉଦଘାଟନ ହୋଇଥିଲା। ଶିବିରରେ ସମୁଦାୟ ୨୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସୁକେଶ କର୍ଣ୍ଣ, ସୁବ୍ରତ କଲତା,ଭେଙ୍କଟେଶ ମହାକୁର, ଜୀବନ ପଧାନ, ସୁଜିତ ସାହୁ, ରୁପେନ ପଧାନ, ଦିନେଶ ପଧାନ, ଦୁଲେଶ୍ୱର ପଧାନ, ତୁଷାର ମହାକୁର, ସଞ୍ଜୟ ମହାକୁର, ରମେଶ ଡାଙ୍ଗ, ସମିତ ମହାକୁର, ପ୍ରାଣବନ୍ଧୁ ପଧାନ ପ୍ରମୁଖ ରକ୍ତଦାନ କରିଥିଲେ।

## ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ କାର୍ଯ୍ୟକ୍ରମ

ବିନିକା,୧୧।୯ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ପୁରୁଣା ବସଷ୍ଟାଣ୍ଡ ସାର୍ବଜନୀନ ଦୁର୍ଗାପୂଜା କମିଟି ତରଫରୁ ରାବଣ ବରଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ସନ୍ତୋଷ କୁମାର ପଣ୍ଡାଙ୍କ ନେତୃତ୍ୱରେ କମିଟିର ସମସ୍ତ ସଦସ୍ୟ ଏକ ବାଇକ ଶୋଭାଯାତ୍ରାରେ ବିନିକା ସହର ପରିକ୍ରମା କରି ସ୍ଥାନୀୟ ଅନ୍ତାର୍ଡା ଗ୍ରାମରେ ପହଞ୍ଚିଥିଲେ। ସେଠାରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ରାବଣ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ମନକୁ ବାନ୍ଧି ରଖିଥିବା ବିଶିଷ୍ଟ କଳାକାର ଗୋପାଳ ପଣ୍ଡାଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହ ବରଣ କରିଥିଲେ। ପୂର୍ବବର୍ଷ ଭଳି ପଣ୍ଡା ଚଳିତବର୍ଷ ମଧ ସାର୍ବଜନୀନ ଦୁର୍ଗା ପୂଜା ଅବସରରେ ରାବଣ ଭୂମିକାରେ ଅଭିନୟ କରିବେ।

# 'ଆନ୍ଦୋଳନ ଫିଟାଇବ ପ୍ରକଳ୍ପ ତ୍ୱରାନ୍ୱିତ ବାଟ'

ବଲାଙ୍ଗୀର ଅଫିସ, ୧୧।୯

**ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ସଂଘର୍ଷ ସମିତିର ପ୍ରତିବାଦ ସଭା**

**■ଯୋଗ ଦେଲେ ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ ଏବଂ ତରଭା ଅଞ୍ଚଳ ପ୍ରତିନିଧି**

ଖୋର୍ଦ୍ଧା–ବଲାଙ୍ଗୀର ରେଳପଥ ସଂଘର୍ଷ ସମିତି ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନଠାରେ ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ ଜିଲା ଏବଂ ତରଭାର ବୁଦ୍ଧିଜୀବୀ ଓ ପ୍ରତିନିଧିଙ୍କ ମିଳିତ ପ୍ରତିବାଦ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ସମିତି ଆବାହକ ଗୋପାଳଜୀ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବୌଦ୍ଧ ଜିଲାର ଆଇନଜୀବୀ ବିଶେଶ୍ୱର ପୃଷ୍ଟି, ଯୁଗଳ କିଶୋର ସାମଲ, ସୋନପୁର ଜିଲା ପ୍ରତିନିଧି ଆଇନଜୀବୀ ଶ୍ୟାମା ଓଁ ପ୍ରସାଦ ମିଶ୍ର, ଯୁବନେତା ବଳଦେବ ବେଦବାକ୍, ତରଭା ପ୍ରତିନିଧି ରାଜେନ୍ଦ୍ର ବିଜୟ ସାହୁ, ସମିତିର ବଲାଙ୍ଗୀର ଜିଲା ସଂଯୋଜକ ଆଡଭୋକେଟ ଭବାନୀ ଶଙ୍କର ଶତପଥୀ ମଞ୍ଚାସୀନ ଥିଲେ। ଖୋର୍ଦ୍ଧା–ବଲାଙ୍ଗୀର ରେଳପଥ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ହେଲେ ତୃଣମୂଳ ସ୍ତରରେ ଦୁର୍ବାର ଆନ୍ଦୋଳନ ଜରୁରୀ ବୋଲି ଆଲୋଚନା କରାଯାଇ ଏନେଇ ସାମୁହିକ ପ୍ରସ୍ତାବ ଗୃହୀତ ହୋଇଥିଲା। ପ୍ରଥମେ ସମିତି ସଂଯୋଜକ ଶତପଥୀ ପ୍ରତିବାଦ ସଭାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ ଆନ୍ଦୋଳନ ହିଁ ପ୍ରକଳ୍ପ ଶେଷର ଏକମାତ୍ର ବାଟ ବୋଲି କହିଥିଲେ। ଧାର୍ଯ୍ୟ ସମୟରେ ପ୍ରକଳ୍ପ କାର୍ଯ୍ୟ ସରୁ ନ ଥିବାରୁ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସଭାରେ ଆଗାମୀ ଅକ୍ଟୋବର ୧୪ ତାରିଖ ଦିନ ବଲାଙ୍ଗୀର, ସୋନପୁର ଏବଂ ବୌଦ୍ଧ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସମିତି ପକ୍ଷରୁ ପ୍ରତିବାଦ ସଭା କରାଯିବା ସହ ଧାରଣା ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ରାଜ୍ୟ ସରକାରଙ୍କ ପ୍ରତିନିଧି ଏବଂ ସଂଘର୍ଷ ସମିତି ପ୍ରତିନିଧିଙ୍କ ଉପସ୍ଥିତିରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ରେଳପ୍ରକଳ୍ପର ସମୀକ୍ଷା ବୈଠକ ତୁରନ୍ତ କରିବାକୁ ଦାବି କରାଯାଇଥିଲା। ବଲାଙ୍ଗୀର, ସୁବର୍ଣ୍ଣପୁର ଏବଂ ବୌଦ୍ଧ ଜିଲାର ସମସ୍ତ ମନ୍ତ୍ରୀ ଏବଂ ବିଧାୟକଙ୍କୁ ସମିତି ପକ୍ଷରୁ ସାକ୍ଷାତ କରାଯାଇ ପ୍ରକଳ୍ପର ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିବାକୁ ନିଷ୍ପତ୍ତି ହୋଇଥିଲା। ପୂର୍ବତଟ ରେଳପଥର ଜେନେରାଲ ମ୍ୟାନେଜରଙ୍କୁ ସଂଘର୍ଷ ସମିତି ପକ୍ଷରୁ ସାକ୍ଷାତ କରାଯାଇ ପ୍ରକଳ୍ପ ବିଳମ୍ବ ହେବାର କାରଣ ଏବଂ ନିରାକରଣ ତଥା ବଜେଟ ଅନୁଦାନର ଖର୍ଚ୍ଚ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବାକୁ ନିଷ୍ପତ୍ତି ହୋଇଥିଲା। ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ମନ୍ତ୍ରୀ, ରାଜସ୍ୱ ବିଭାଗ ମନ୍ତ୍ରୀ, ଗୃହମନ୍ତ୍ରୀଙ୍କୁ ଭେଟିବା ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରି ଆଲୋଚନା କରିବାକୁ ସ୍ଥିର ହୋଇଥିଲା। ଏହି ସଭାରେ ବୌଦ୍ଧ ଜିଲାର ସୂର୍ଯ୍ୟ ନାରାୟଣ ମହାପାତ୍ର, ପ୍ରଦୋଷ କୁମାର ମିଶ୍ର, ସୋନପୁର ଜିଲାର ଶ୍ରଦ୍ଧାଞ୍ଜଳି ମିଶ୍ର, ଧରଣୀ ମିଶ୍ର, ପ୍ରିୟବ୍ରତ ସାହୁ, ଜଗନ୍ନାଥ ତ୍ରିପାଠୀ, ଅଶୋକ ଜେନା, ତରଭାର ହରିବନ୍ଧୁ ପାଣିଗ୍ରାହୀ, ଦେବେନ୍ଦ୍ର ବିଜୟ ସାହୁ, ବଲାଙ୍ଗୀରର ରଞ୍ଜିତା ପାଣିଗ୍ରାହୀ, ସାମାଜିକ କର୍ମୀ ବିକ୍ରମାନନ୍ଦ ବହିଦାର, ନାଗରିକ କମିଟି ସଭାପତି ଇଂ ବେଲାର ସିଂ ଭୋଇ, ଜିଲା ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠୀ ରେଳପ୍ରକଳ୍ପ ଆନ୍ଦୋଳନ ଉପରେ ଗୁରୁତ୍ୱପୂର୍ଣ୍ଣ ମତାମତ ଦେଇଥିଲେ। ସଭାରେ ବୀରେନ୍ଦ୍ର କୁମାର ଝାଙ୍କର ସଂଯୋଜନା କରିଥିଲେ। ମୁନା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ସଭାରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଆଡଭୋକେଟ ରତନ ମହାରଣା, ଆରତୀ ଗୁରୁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପୂର୍ବତନ ସୈନିକ ସଂଘ ସମ୍ପାଦକ ପ୍ରତାପ ଚନ୍ଦ୍ର ରଥ, ବିନୋଦ କାଲସାଏ, ରିଲୁ ରଥ, ଅନୁରାଗୀ ନାହାକ, ରବି ଖମାରୀ, ବୁଲୁ ଦାନୀ, ସାନନ୍ଦ ମିଶ୍ର, ଚିତ୍ତରଞ୍ଜନ ମିଶ୍ର, ଅକ୍ଷୟ କୁମାର ବାଗ, ମାଙ୍ଗେଲାଲ ଅଗ୍ରୱାଲ, ଜୟନାରାୟଣ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।